
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୪ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 04 November 2025
Vol.No. 36 ■ No.290 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଟ୍ରମ୍ପଙ୍କ ସାଂଘାତିକ ବୟାନ: ପାକିସ୍ତାନ-ଚାଇନା କରୁଛନ୍ତି ପରମାଣୁ ପରୀକ୍ଷା



ନୂଆଦିଲ୍ଲୀ,୩/୧୧ : ଭାରତର ଚିନ୍ତା ବଢ଼ାଇବା ଭଳି ବୟାନ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଭାରତର ଦୁଇ ପଡ଼ୋଶୀ ପାକିସ୍ତାନ ଓ ଚାଇନା ଏବେ ପରମାଣୁ ଯୁଦ୍ଧାସ୍ତ୍ରର ପରୀକ୍ଷା କରୁଥିବା ଟ୍ରମ୍ପ ଗୋଟିଏ ସାକ୍ଷାତକାରରେ ମତ ରଖିଛନ୍ତି। କେବଳ ପାକିସ୍ତାନ କିମ୍ବା ଚାଇନା ନୁହନ୍ତି, ରୁଷ ଓ ଉତ୍ତର କୋରିଆ ମଧ୍ୟ ଆଣବିକ ଯୁଦ୍ଧ ବୋମାର ପରୀକ୍ଷା କରିଥିଲେ ବୋଲି ଟ୍ରମ୍ପ କହିବା ପରେ ହଇଚଇ ସୃଷ୍ଟି ହୋଇଛି। କିଛି ଦିନ ତଳେ ଟ୍ରମ୍ପ ଦୀର୍ଘ ୩୩ ବର୍ଷ ପରେ ଆମେରିକା ସେନାକୁ ଦେଶର ପରମାଣୁ ଯୁଦ୍ଧାସ୍ତ୍ରର ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଯଥାର୍ଥ ବୋଲି ଦର୍ଶାଇବାକୁ ଚେଷ୍ଟା କରୁଥିବା ଟ୍ରମ୍ପ ଏପରି ବୟାନ ଦେଇଛନ୍ତି। ଟ୍ରମ୍ପ ଦାବି କରିଛନ୍ତି ଯେ ଯେଉଁ ସବୁ ଦେଶଗୁଡ଼ିକ ପାଖରେ ଆଣବିକ ଯୁଦ୍ଧାସ୍ତ୍ର ରହିଛି, ସେମାନେ ଏହାର ପରୀକ୍ଷା କରୁଛନ୍ତି। ସେମାନେ ଏ ସମ୍ପର୍କରେ କିଛି ବି ଆଲୋଚନା କରୁନାହାନ୍ତି। ଚାଇନା ଓ ପାକିସ୍ତାନ ଗୁପ୍ତ ଭାବେ ବିସ୍ଫୋରଣ କରି ସାରିଛନ୍ତି ବୋଲି ସେ କହିଛନ୍ତି। ଟ୍ରମ୍ପ ସାକ୍ଷାତକାରରେ କହିଛନ୍ତି, "ରୁଷ ପରୀକ୍ଷା କରୁଛି ଓ ଚାଇନା ପରୀକ୍ଷା କରୁଛି। କିନ୍ତୁ ସେମାନଙ୍କ ପାଖରେ ରିପୋର୍ଟର ନାହାନ୍ତି। ତେଣୁ ସେମାନେ ଏ ସମ୍ପର୍କରେ କିଛି ବି କହୁନାହାନ୍ତି। ଆପଣ ଜାଣିଛନ୍ତି ଯେ ଆମେ ଗୋଟିଏ ଖୋଲା ସମାଜ। ଆମେ ଭିନ୍ନ। ଆମେ ଏ ସମ୍ପର୍କରେ ସମସ୍ତଙ୍କୁ କହୁଛୁ। ସେମାନେ କରୁଥିବା ଟେଷ୍ଟିଂ ସମ୍ପର୍କରେ ଲେଖିବାକୁ ସେମାନଙ୍କ ପାଖରେ କୌଣସି ରିପୋର୍ଟର ନାହାନ୍ତି। ଉତ୍ତର କୋରିଆ ଓ ପାକିସ୍ତାନ ମଧ୍ୟ ଆଣବିକ ଯୁଦ୍ଧାସ୍ତ୍ରର ପରୀକ୍ଷା କରୁଛନ୍ତି। ସେମାନେ(ଆଣବିକ ଯୁଦ୍ଧାସ୍ତ୍ର ରଖିଥିବା ଦେଶ) କେବେ ବି କାହାକୁ କିଛି କହିବେ ନାହିଁ। ସେମାନେ ଅଣ୍ଡରଗ୍ରାଉଣ୍ଡରେ ପରୀକ୍ଷା କରନ୍ତି। ଏହି ସମୟରେ ଲୋକମାନେ ମଧ୍ୟ କ'ଣ ହେଉଛି କିଛି ଜାଣି ପାରନ୍ତି ନାହିଁ। ସେମାନେ କେବଳ କିଛି ଭାଇବ୍ରେସନ ଅନୁଭବ କରନ୍ତି।'' ସମାନ ସାକ୍ଷାତକାରରେ ଭାରତ-ପାକିସ୍ତାନ ଆଣବିକ ଯୁଦ୍ଧ ସ୍ଥିତିରେ ପହଞ୍ଚି ଯାଇଥିଲେ ଓ ଏହାକୁ ସେ ବାଣିଜ୍ୟ ଓ ଟାରିଫ ଦ୍ୱାରା ବନ୍ଦ କରିଥିବା କଥା ଦୋହରାଇଛନ୍ତି। ଯଦି ସେ ଯୁଦ୍ଧ ବନ୍ଦ ନ କରିଥାନ୍ତେ, ତା'ହେଲେ ଲକ୍ଷାଧିକ ଲୋକ ପ୍ରାଣ ହରାଇ ଥାଆନ୍ତେ ବୋଲି ସେ ଦାବି କରିଛନ୍ତି। ଟ୍ରମ୍ପ କହିଛନ୍ତି, "ପାକିସ୍ତାନ ସହ ଗୋଟିଏ ଆଣବିକ ଯୁଦ୍ଧ କରିବାକୁ ଭାରତ ଯାଉଥିଲା। ପାକିସ୍ତାନ ପ୍ରଧାନମନ୍ତ୍ରୀ ଦମ୍ଭ ଦେଖାଇ ଛିଡ଼ା ହୋଇଥିଲେ।

▶▶ପୃଷ୍ଠା ୭

## ସିବିଆଇ ଆସିବା ପୂର୍ବରୁ ଆକ୍ସନମୋଡରେ କ୍ରାଇମବ୍ରାଂଚ : ସିଲିକନ୍ ମାଲିକ ଗିରଫ, ପ୍ରମାଣ ନଷ୍ଟ ପାଇଁ ଷଡ଼ଯନ୍ତ୍ର ନୁହେଁ ତ?




ଭୁବନେଶ୍ୱର, ୩/୧୧ (ନି.ପ୍ର): ଓଡ଼ିଶା ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରିବାକୁ ରାଜ୍ୟ ସରକାରଙ୍କ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରଠୁ ଅଚାନକ କ୍ରାଇମବ୍ରାଂଚ ସକ୍ରିୟ ହୋଇପଡ଼ିଛି । ଏହି ଦୁର୍ନୀତିର ମାଷ୍ଟରମାଇଣ୍ଡ ସିଲିକନ୍ ଟେକଲାବ ଲିମିଟେଡର ମାଲିକ ସୁରେଶ କୁମାର ନାୟକ ଓ ପଂଚସଫ୍ଟ ମାଲିକ ଶଙ୍କର ପୃଷ୍ଟିଙ୍କୁ ଦୁଇଦିନ ବ୍ୟବଧାନରେ କ୍ରାଇମବ୍ରାଂଚ ଗିରଫ କରିଥିଲେ ମଧ୍ୟ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ(ଓପିଆରବି) ଏବଂ ରାଜ୍ୟ ଗୃହ ବିଭାଗର ଭୂମିକାକୁ ନେଇ ନିରବ ରହିଥିବା ଜଣାପଡ଼ିଛି । ସିବିଆଇ ଏହି ମାମଲାର ତଦନ୍ତ ଭାର ଆନୁଷ୍ଠାନିକ ଭାବେ ଗ୍ରହଣ କରିବା ପୂର୍ବରୁ ପ୍ରାୟ ୧୦ଦିନ ଧରି ଚୁପ୍ ବସିଥିବା କ୍ରାଇମବ୍ରାଂଚ ଅଚାନକ ତତ୍ପରତା ଦେଖାଇବା ପଛରେ ଷଡ଼ଯନ୍ତ୍ରର ସନ୍ଦେହ ରହିଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଦୁଇ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ସିଧାସଳଖ ଏହି ଦୁର୍ନୀତି ମାମଲାରେ ଗୃହ ସଚିବ ଓ ଓପିଆରବି ଅଧ୍ୟକ୍ଷଙ୍କ ସମ୍ପୃକ୍ତିର ଅଭିଯୋଗ ଆଣିଥିଲେ ମଧ୍ୟ କ୍ରାଇମବ୍ରାଂଚ ସେମାନଙ୍କୁ ଏପର୍ଯ୍ୟନ୍ତ ତଦନ୍ତ ପରିସରଭୁକ୍ତ କରିନଥିବା ଜଣାପଡ଼ିଛି । କ୍ରାଇମବ୍ରାଂଚ ପକ୍ଷରୁ ଜାରି ତଥ୍ୟ ଅନୁସାରେ, ସିଲିକନ୍ ଟେକଲାବ କମ୍ପାନୀର ମାଲିକ ସୁରେଶ ନାୟକଙ୍କୁ ଆଜି(ନଭେମ୍ବର ୩ତାରିଖ) କ୍ରାଇମବ୍ରାଂଚ ଗିରଫ କରିଛି । ଏସଆଇ ନିଯୁକ୍ତି ପରୀକ୍ଷା ଦାୟିତ୍ୱ ନେଇଥିବା ଆଇଟିଆଇ ଲିମିଟେଡ୍ ଏହି କାର୍ଯ୍ୟକୁ ସିଲିକନ୍ ଟେକଲାବକୁ ସବଲେଟ୍ କରିଥିଲା । ଅଧିକ ତଦନ୍ତରୁ ଜଣାପଡ଼ିଛି ଯେ, ସୁରେଶ ନାୟକ ହିଁ ଏକମାତ୍ର ବ୍ୟକ୍ତି ଥିଲେ ଯିଏ ପ୍ରଶ୍ନପତ୍ର ପ୍ରସ୍ତୁତି, ପ୍ରିଣ୍ଟିଂ ଓ ପରିବହନ ପାଇଁ ଉତ୍ତରଦାୟୀ ଥିଲେ । ତଦନ୍ତ ସମୟରେ ଏହା ମଧ୍ୟ ସାମ୍ନାକୁ ଆସିଛି ଯେ, ଅନ୍ୟତମ ଅଭିଯୁକ୍ତ ପଂଚସଫ୍ଟ କମ୍ପାନୀ ମାଲିକ ଶଙ୍କର ପୃଷ୍ଟି ସହ ସେ ନିୟମିତ ଯୋଗାଯୋଗରେ ରହିଥିଲେ । ଶ୍ରୀ ନାୟକଙ୍କ କମ୍ପାନୀର ଅତିଥି ଭବନ ଯାହାକି ନୂଆଦିଲ୍ଲୀସ୍ଥିତ କାଲକାଜିରେ ରହିଛି ସେଠାରେ ଶଙ୍କର ପୃଷ୍ଟିଙ୍କୁ ସେ ଆଶ୍ରୟ ଦେଇଥିଲେ । ପରେ ପୁଲିସ ଗିରଫ ଓ ତଦନ୍ତରୁ ବର୍ତ୍ତିବା ପାଇଁ ଉକ୍ତ ସ୍ଥାନ ଛାଡ଼ି ପଳାଇବାକୁ ମଧ୍ୟ ତାକୁ ସତର୍କ କରାଇଥିଲେ ।

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ:
## ଫେରାର ସାର୍ପସୁଟର୍ କୁରୁପତି ଭୂୟାଁ ଓ ଉମା ବିଷୋୟୀକୁ ଧରିଲା ପୁଲିସ

ବ୍ରହ୍ମପୁର, ୩/୧୧ (ନି.ପ୍ର): ପୁଲିସ ହାତରେ ଉମା ଓ କୁରୁପତି। ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ପୁଲିସକୁ ମିଳିଲା ବଡ଼ ସଫଳତା। ଫେରାର ସାର୍ପସୁଟର୍ କୁରୁପତି ଭୂୟାଁ ଓ ଅନ୍ୟତମ ଅଭିଯୁକ୍ତ ଉମା ବିଷୋୟୀକୁ ଧରି ଏକ ଅଜଣା ସ୍ଥାନରେ ପୁଲିସ ପଚରାଉଚରା କରୁଥିବା ଜଣାଯାଇଛି। ବିହାରୀ ସାର୍ପସୁଟର ପୀତବାସଙ୍କୁ ହତ୍ୟା କରିଥା'ନ୍ତେ। ହେଲେ ସେମାନଙ୍କ ମଧ୍ୟରୁ ଜଣଙ୍କ ପତ୍ନୀଙ୍କ ଗର୍ଭନଷ୍ଟ ହୋଇଯିବାରୁ ସେମାନେ ହତ୍ୟା ନ କରି ଫେରି ଯାଇଥିଲେ। ଫଳରେ ଉମା ନିଜ ଗାଁ କୁକୁଡ଼ାଖଣ୍ଡି ବ୍ଲକ୍? ବନ୍ଥପଲ୍ଲୀରୁ କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନଙ୍କୁ ଡକାଇଥିଲା। ବେଙ୍ଗାଲୁରୁରୁ ଚିଣ୍ଟୁ ବସ୍ ଯୋଗେ ଆସି ବ୍ରହ୍ମପୁର ବସଷ୍ଟାଣ୍ଡରେ ଓହ୍ଲାଇଥିଲା ବେଳେ କୁରୁପତି ବନ୍ଥପଲ୍ଲୀରୁ ଆସି ପହଞ୍ଚିଥିଲା। ଯୋଗୀ ଓ ଉମା ସେମାନଙ୍କୁ ପୀତବାସଙ୍କ ଘର ପାଖରେ ମେସ୍ କରି ରହିବା ପାଇଁ ଉଦ୍ଦିଷ୍ଟ ଭଡ଼ାଘରେ ରଖାଇଥିଲେ। ଅକ୍ଟୋବର ୬ ତାରିଖ ରାତି ୧୦ଟା ବେଳେ ଚିଣ୍ଟୁ ଓ କୁରୁପତି ଏକ ବାଇକ୍‌ରେ ପୀତବାସଙ୍କ ଘର ପାଖ ବୈକୁଣ୍ଠନଗର ପ୍ରଥମ ଗଳିରେ ଅପେକ୍ଷା କରିଥିଲେ। ପୀତବାସ ପହଞ୍ଚିବା କ୍ଷଣି କୁରୁପତି ତାଙ୍କୁ 'ପୀତବାସ ଆଜ୍ଞା କି.. ନମସ୍କାର' ବୋଲି କହିଥିଲେ। ପ୍ରତି ଉତ୍ତରରେ ପୀତବାସ 'କିଏ' ବୋଲି ପଚାରିବାରୁ କୁରୁପତି ତାଙ୍କ ଛାତିକୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲା। ପୀତବାସ ତଳେ ପଡ଼ିଯିବା ପରେ ଉଭୟ ବାଇକ୍‌ରେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ସେମାନେ ମାଉସୀମା' ମନ୍ଦିର, ରେଡିଓ ଷ୍ଟେସନ୍,

▶▶ପୃଷ୍ଠା ୭

## ନୂଆପଡ଼ାରେ ନବୀନଙ୍କ ପ୍ରଚାର ବେଳେ ବିଜେଡିକୁ ଝଟକା

■ବିଜେପିରେ ଯୋଗ ଦେଲେ ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ

■ବିଜେଡିକୁ ପୁଣି ଶ୍ରୀମୟୀ ବାଣ: ବିଜେଡିକୁ କିଏ କରୁଛି ହାଇଜ୍ୟାକ୍ ?





ନୂଆପଡ଼ା, ୩/୧୧ (ନି.ପ୍ର): ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସଭାପତି ଏବଂ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ପଦ୍ମ ଧରିଛନ୍ତି ଅମର। କହିଛନ୍ତି ରାଷ୍ଟ୍ର ନିର୍ମାଣ ପାଇଁ ସୁଯୋଗ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ବିଜେପିରେ ସାମିଲ ହୋଇଛନ୍ତି। ତେବେ ବିଜେପିରେ କଣ ରହିବ ଅମରଙ୍କ ଭୂମିକା ତାକୁ ନେଇ ଏବେ ଚର୍ଚ୍ଚା। ଆଜି ଦିନରେ ରାଜ୍ୟ ରାଜନୀତିର ଦୁଇଟି ଚିତ୍ର। ପ୍ରଚାର ପାଇଁ ନୂଆପଡାରେ ପହଞ୍ଚିଥିଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଆଉ ଠିକ୍ ଏହି ସମୟରେ ରାଜଧାନୀରେ ଥିବା ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆସି ପହଞ୍ଚିଥିଲେ ବିଜେଡିର ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ। ପହଞ୍ଚିବା କ୍ଷଣି ଅମରଙ୍କୁ ପାଛୋଟି ନେଇଥିଲେ ବିଜେପି ନେତାଗଣ। ପରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଉ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାରଙ୍କ ଉପସ୍ଥିତିରେ ପଦ୍ମ ଧରିଥିଲେ ଅମର। ଅମର କହିଥିଲେ, ଏହି ମୁହୂର୍ତ୍ତ ମୋ ରାଜନୈତିକ କ୍ୟାରିୟରର ଜୀବନ ବଦଳାଇବା ମୁହୂର୍ତ୍ତ। ମୁଁ ଚିନ୍ତା କଲି ରାଷ୍ଟ୍ର ନିର୍ମାଣ ସୁଯୋଗ ମିଳିବା ଉଚିତ। ତେଣୁ ବିଜେପି ଛଡା ଆଉ କୌଣସି ଦଳର ରାଷ୍ଟ୍ର ନିର୍ମାଣରେ ଭୂମିକା ନାହିଁ, ସେଥିପାଇଁ ବିଜେପିରେ ଯୋଗ ଦେଲି। ରାଜ୍ୟସଭାରେ ବାରମ୍ବାର ପ୍ରଧାନମନ୍ତ୍ରୀଙ୍କ ଭାଷଣ ମୋତେ ପ୍ରଭାବିତ କରିଛି। ବିଜେପି ମୋତେ ଯେଉଁ କାମରେ ନିୟୋଜିତ କରିବ ମୁଁ ତାକୁ ସମ୍ପାଦନ କରିବି। ଅନ୍ୟପଟେ ଅମରଙ୍କୁ ଦଳରେ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଅନେକ ନେତା ବିଜେଡିରେ ଅଣନିଶ୍ୱାସୀ ହୋଇଯାଇଥିଲେ। ଆମ ଦଳରେ ସେମାନଙ୍କ ପାଇଁ ଭରପୁର ସୁଯୋଗ ରହିଛି। ୨୦୧୮ ମସିହାରେ ଏଜି ଚାକିରୀ

▶▶ପୃଷ୍ଠା ୭

## ୟୁପିଆଇରେ ଲାଞ୍ଚ ନେଇ ଗିରଫ

ବରଗଡ଼, ୩/୧୧ (ନି.ପ୍ର): ଓଡ଼ିଶା ଭିଜିଲାନ୍ସ ସୋମବାର ବରଗଡ଼ ଜିଲ୍ଲାର ବରପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)ର ଦୁଇ ଜଣ କର୍ମଚାରୀଙ୍କୁ ୭,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଗିରଫ କରିଛି। ଦୁଇ ଜଣ ସ୍ୱାସ୍ଥ୍ୟ କର୍ମଚାରୀ, ଯେଉଁମାନେ ହିସାବ ରକ୍ଷକ ଶେଖର ଚନ୍ଦ୍ର ସାହୁ ଏବଂ ପିଅନ ତନ୍ମୟ ସାହୁ, ସେହି ଉଏଚଉର ଜଣେ ଅଭିଯୋଗକାରୀ (ସ୍ୱାସ୍ଥ୍ୟ କର୍ମୀ)ଙ୍କଠାରୁ ଇନକ୍ରିମେଣ୍ଟ ଏବଂ ମଡିଫାଏଡ୍ ଆସୁର୍ଡ କ୍ୟାରିଅର ପ୍ରୋଗ୍ରେସନ ମଞ୍ଜୁର ପାଇଁ ତାଙ୍କ ବକେୟା ଦରମା କାଢ଼ିବା ପାଇଁ ଟଚଓ ମାଧ୍ୟମରେ ୭,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ପଦୋନ୍ନତି ପାଇବା ପରେ, ଅଭିଯୋଗକାରୀ ଉପରୋକ୍ତ (ବହୁ-ଉଦ୍ଦେଶ୍ୟ ପୁରୁଷ ସ୍ୱାସ୍ଥ୍ୟ କର୍ମୀ) ପଦବୀରେ ଯୋଗ ଦେଇଥିଲେ ଏବଂ ଗତ ତିନି ମାସ ଧରି ଅଭିଯୁକ୍ତ ଆକାଉଣ୍ଟାଣ୍ଟଙ୍କୁ ଇନକ୍ରିମେଣ୍ଟ, MACP ଏବଂ ବକେୟା ଦରମା ମଞ୍ଜୁର ପାଇଁ ଫାଇଲ ଆରମ୍ଭ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ, ଶେଖର ଚନ୍ଦ୍ର ଏବଂ ତନ୍ମୟ ଅଭିଯୋଗକାରୀଙ୍କ ବକେୟା ଦରମା ପାଇଁ ୭,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ପ୍ରଦାନ ନକରିବାରୁ ବକେୟା ଦରମା ଉଠାଇବାକୁ ମନା କରିଦେଇଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଏହି ଘଟଣା ବିଷୟରେ ଅଭିଯୋଗ କରିଥିଲେ। ଅଭିଯୋଗକାରୀଙ୍କ ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଓଡ଼ିଶା ଭିଜିଲାନ୍ସର ଏକ ଦଳ ସୋମବାର ଅଭିଯୋଗକାରୀଙ୍କ ଠାରୁ Phone Pe ମାଧ୍ୟମରେ ୭,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଆକାଉଣ୍ଟାଣ୍ଟ ଏବଂ ପିଅନ ଉଭୟଙ୍କୁ ଗିରଫ କରିଛି। ଅଭିଯୋଗକାରୀଙ୍କ PhonePe ମାଧ୍ୟମରେ ଆକାଉଣ୍ଟାଣ୍ଟଙ୍କ ଆକାଉଣ୍ଟରେ ଟଙ୍କା ସ୍ଥାନାନ୍ତର ବିଫଳ ହୋଇଥିଲା, ଅଭିଯୋଗକାରୀ ଚଷକୁଭରଚର ମାଧ୍ୟମରେ ପିଅନଙ୍କୁ ଲାଞ୍ଚ ରାଶି ସ୍ଥାନାନ୍ତର କରିଥିଲେ।

## ସର୍ଭେ ରିପୋର୍ଟ: ଲୋକଙ୍କ ପସନ୍ଦ ମୁଖ୍ୟମନ୍ତ୍ରୀ ଚେହେରା ତେଜସ୍ୱୀ
### ଏନଡିଏର ହେବ ବଡ଼ ବିଜୟ



ନୂଆଦିଲ୍ଲୀ,୩/୧୧ : ବିହାରରେ ଭୋଟିଂ ପୂର୍ବରୁ ଆସିଲା ଚମକାଇ ଦେଲା ଭଳି ସର୍ଭେ ରିପୋର୍ଟ । ଆଗାମୀ ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏ କ୍ଷମତା ବଜାୟ ରଖିବ ବୋଲି ଶନିବାର ଜେଭିସି ସର୍ଭେ ପୂର୍ବାନୁମାନ କରିଛି । ଏହି ସର୍ଭେ ରିପୋର୍ଟ ଅନୁଯାୟୀ, ୨୪୩ ସଦସ୍ୟ ବିଶିଷ୍ଟ ବିହାର ବିଧାନସଭାରେ ଏନ୍‌ଡିଏ ୧୨୦ରୁ ୧୪୦ ଆସନ ପାଇବ ବୋଲି ଆକଳନ କରାଯାଇଥିବା ବେଳେ ମହାମେଣ୍ଟ ୯୩ରୁ ୧୧୨ ଆସନ ଜିତିପାରେ । ଅନ୍ୟପକ୍ଷରେ ବିଜେପି ୭୦ରୁ ୮୧ଟି ଆସନ ସହ ବିଧାନସଭାରେ ସବୁଠାରୁ ବଡ଼ ଦଳ ହେବ ବୋଲି ଆଶା କରାଯାଉଛି । ଜେଡିୟୁ ୪୨ରୁ ୪୮, ଏଲ୍‌ଜେପି ୫ରୁ ୭, ଏଚ୍‌ଏଏମ୍ ୨ ଏବଂ ଆରଏଲ୍‌ଏମ୍ ୧ରୁ ୨ଟି ଆସନ ଜିତିପାରେ । ମହାମେଣ୍ଟରେ ଆରଜେଡି ୬୯ରୁ ୭୮, କଂଗ୍ରେସ ୯ରୁ ୧୭, ସିପିଆଇ ୧୨ରୁ ୧୪, ସିପିଆଇ ୧ ଓ ସିପିଏମ୍ ୧ରୁ ୨ଟି ଆସନ ପାଇପାରେ । ନିର୍ବାଚନ ରଣନୀତିଜ୍ଞରୁ ରାଜନେତା ହୋଇଥିବା ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି କେବଳ ଗୋଟିଏ ଆସନରେ ଖାତା ଖୋଲିପାରେ । ଅନ୍ୟପକ୍ଷରେ ଏଆଇଏମ୍‌ଆଇଏମ୍, ବିଏସ୍‌ପି ଓ ଅନ୍ୟମାନେ ୮ରୁ ୧୦ଟି ଆସନ ପାଇବା ସମ୍ଭାବନା ରହିଛି । ଜେଭିସି ପୋଲ୍ ସର୍ଭେ ଅନୁଯାୟୀ, ତେଜସ୍ୱୀ ଯାଦବ ୩୩ ପ୍ରତିଶତ ସମର୍ଥନ ସହ ମୁଖ୍ୟମନ୍ତ୍ରୀ ପଦ ପାଇଁ ସବୁଠାରୁ ପସନ୍ଦର ଚେହେରା । ନୀତୀଶ କୁମାର ୨୯ ପ୍ରତିଶତ ସହ ଦ୍ୱିତୀୟ ଏବଂ ଚିରାଗ ପାସୱାନ ଓ ପ୍ରଶାନ୍ତ କିଶୋର ପ୍ରତ୍ୟେକ ୧୦ ପ୍ରତିଶତ ସହ ତୃତୀୟ ସ୍ଥାନରେ ଅଛନ୍ତି । ଏହା ବ୍ୟତୀତ ବିହାର ଉପମୁଖ୍ୟମନ୍ତ୍ରୀ ଆସନ ପାଇଁ ସମ୍ରାଟ ଚୌଧୁରୀ ୯ ପ୍ରତିଶତ ଭୋଟ୍ ପାଇ ପଛରେ ଅଛନ୍ତି ଏବଂ ମାତ୍ର ୪ ପ୍ରତିଶତ ଲୋକ ବିଜେପିର ଅନ୍ୟ ଚେହେରାକୁ ପସନ୍ଦ କରିଛନ୍ତି । ଜନମତ ସର୍ଭେ ଅନୁଯାୟୀ, ଏନ୍‌ଡିଏ ୪୧ ପ୍ରତିଶତରୁ ୪୩ ପ୍ରତିଶତ ଭୋଟ୍ ପାଇବ । ଜନ ସୁରାଜ ପାର୍ଟି ୬ରୁ ୭ ପ୍ରତିଶତ ଏବଂ ଅନ୍ୟ ଛୋଟ ଦଳଗୁଡ଼ିକ ୧୦ ପ୍ରତିଶତରୁ ୧୧ ପ୍ରତିଶତ ଭୋଟ୍ ପାଇପାରନ୍ତି । ୨୦୨୦ ବିଧାନସଭା ନିର୍ବାଚନରେ ବିଜେପି ୧୧୦ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୭୪ଟି ଆସନରେ ବିଜୟୀ ହୋଇଥିଲା ।

▶▶ପୃଷ୍ଠା ୭

## ଓଡ଼ିଶାକୁ ବିଳମ୍ବରେ ଆସିବ ଶୀତ, ଶୀଘ୍ର ଫେରିବ: ଆଇଏମଡି



ଭୁବନେଶ୍ୱର, ୩/୧୧ (ନି.ପ୍ର): ଓଡ଼ିଶାକୁ ଚଳିତ ବର୍ଷ ଶୀତ ବିଳମ୍ବରେ ଆସିବ ଏବଂ ଆଗୁଆ ଫେରିଯିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୋମବାର ପୂର୍ବାନୁମାନ କରିଛି। ଉତ୍ତର-ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ-ଶୀତଳ ପବନ ପ୍ରବେଶ କରୁଥିବାରୁ କିଛି ସ୍ଥାନରେ ରାତିର ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ କମିଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଦକ୍ଷିଣ ଆଭ୍ୟନ୍ତରୀଣ ଏବଂ ଉତ୍ତର ଆଭ୍ୟନ୍ତରୀଣ ଅଞ୍ଚଳରେ ରାତିର ତାପମାତ୍ରା ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ କମିବାର ସମ୍ଭାବନା ରହିଛି। ତେବେ ଚଳିତ ବର୍ଷ ଶୀତ ବିଳମ୍ବରେ ଆସିବ ଓ ଆଗୁଆ ଶେଷ ହୋଇଯିବ, କିନ୍ତୁ ଏହି ସମୟ ମଧ୍ୟରେ ଅତ୍ୟଧିକ ଥଣ୍ଡା ଅନୁଭୂତ ହେବାର ସମ୍ଭାବନା ଅଛି।

# ବହୁଭାଷୀ ନାଟ୍ୟ ମହୋତ୍ସବ ମଠଖାଇ ମହୋତ୍ସବ ଆସନ୍ତା ଡିସେମ୍ବର ୨୫ ରୁ ୨୯

ବଲାଙ୍ଗିର, ୩/୧୧ (ନି.ପ୍ର): ସ୍ଥାନୀୟ ପତିତପାବନ ବିଦ୍ୟାଳୟ ଠାରେ ଭୂମିକା ଓ ମଠଖାଇ ମହୋତ୍ସବ କମିଟି ସଦସ୍ୟଙ୍କ ଉପସ୍ଥିତିରେ ୧୭ତମ ମାଠଖାଇ ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସବୁ ବର୍ଷ ପରି ଏହି ବର୍ଷ ମଧ୍ୟ ପାଂଚ ଦିନ ଧରି ନାଟ୍ୟ ପ୍ରେମୀ ନାଟକ ଉପଭୋଗ କରିବେ ଓ ଓଡିଶାରୁ ତିନୋଟି ଓ ବାହାର ରାଜ୍ୟରୁ ଦୁଇଟି ନାଟକ ପରିବେଷଣ କରାଯିବ । ଆଜି ମଠ ଖାଇ ମହୋତ୍ସବର ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ନାଟକ ସମାଜକୁ ସବୁବେଳେ ମନୋରଞ୍ଜନ କରିନଥାଏ ଏହା ପ୍ରେରଣାଦାୟୀ ହୋଇ ସଚେତନ ମଧ୍ୟ କରିଥାଏ ବୋଲି ମତ ପୋଷଣ କରିଥିଲେ । ଆଜିର ବୈଠକରେ ଭୂମିକାର ଉପଦେଷ୍ଟା ନାଟ୍ୟଭୁଷଣ ଜଗଦାନନ୍ଦ ଛୁରିଆ, ସଭାପତି ବୀରେନ୍ଦ୍ର ବନଛୋର ଓ ସମ୍ପାଦକ ଜିତେନ୍ଦ୍ରିୟ ତ୍ରିପାଠୀ ମଂଚାସିନ ଥିଲେ ।

ଏହି ସଭାରେ ମଠଖାଇ ମହୋତ୍ସବର ସଦସ୍ୟ ଯଥା ସନାତନ ଠାକୁର, ସୁଧାଂଶୁ ପଟ୍ଟନାୟକ, ଘାସିରାମ ମିଶ୍ର, ଅବଦୁଲ ଜମାଲ ଖାନ, ଡତାତାନନ୍ଦ ପଣ୍ଡା, ବୀରେନ୍ଦ୍ର ଝାଙ୍କର, ବଳରାମ ମିଶ୍ର, ନରେନ୍ଦ୍ର ସାହୁ, ଚନ୍ଦ୍ରଭାନୁ ମୋଲାନା, ଭବାନୀ ଶତପଥୀ, ମୁରଲୀ ଧାରୀ ପତି, ଗୌର କିଶୋର ମହାପାତ୍ର, ଶ୍ରୀମନ୍ତ ପଣ୍ଡା, ବାସୁଦେବ ସା ଢ଼ ଲଳିତ ସାହୁ, ସୁରୁଲାଲ ମଟାରୀ ଓ ଭୂମିକା ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ସିପିଆଇ ବୈପାରିଗୁଡା ଜୋନ୍ ଜେନେରାଲ ବଡ଼ି ମିଟିଂ

ଜୟପୁର, ୩/୧୧ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବୈପାରିଗୁଡା ଜୋନ୍ ର ଜେନେରାଲ ବଡ଼ି ମିଟିଂ ଶ୍ରୀ ଲୈଛନ ମୁଦୁଲି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀ କୁ ସମ୍ବୋଧିତ କରି ସିପିଆଇ ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି ଚଣ୍ଡୀଗଡ ଠାରେ ସେପ୍ଟେମ୍ବର ୨୧ ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ର ଜାତୀୟ ମହାସମ୍ମିଳନୀ ର ରିପୋର୍ଟ ଉପରେ ଆଲୋକପାତ କରିଥିଲେ । ସିପିଆଇ ପୃଥିବୀର ବିଭିନ୍ନ ଦେଶରେ ବାମପନ୍ଥୀ ସମାଜବାଦୀ ଦଳମାନଙ୍କ ପକ୍ଷଧର ହେଉଥିବା ବେଳେ କେତେକ ଦେଶରେ ଦକ୍ଷିଣ ପନ୍ଥୀ ଫାଶିବାଦୀ ଶକ୍ତି ମାନେ ମୁଣ୍ଡ ଟେକୁଛନ୍ତି । ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ନିଜକୁ ନିଜେ ପୃଥିବୀର ତ୍ରାଣକର୍ତା ବୋଲେଇ ହେଉଥିବା ବେଳେ ଚାଇନା,ଋଷିଆ,ଭାରତର ମିଳିତ ଅଭିଯାନ ତାକୁ ଚିନ୍ତିତ କରିଛି । ପାଲେଷ୍ଟାଇନ ସପକ୍ଷରେ ବିଶ୍ୱର ବାମପନ୍ଥୀ ସମାଜବାଦୀ ପ୍ରଗତିଶୀଳ ଶକ୍ତି ମାନେ ଛିଡ଼ା ହୋଇଛନ୍ତି । ଭାରତରେ ୨୦୧୪ ପରେ ମୋଦୀ ସରକାର ଶାସନ କ୍ଷମତାକୁ ଆସିବା ପରେ ଦେଶର ଧର୍ମନିରପେକ୍ଷ ନିତୀ ଓ ସାମ୍ବିଧାନିକ ସଂସ୍ଥା ଉପରେ ବିପଦ ବୃଦ୍ଧି ପାଇଛି । ସାମ୍ପ୍ରଦାୟିକ ସଦ୍ଭାବ ନଷ୍ଟ ହୋଇଛି । ଆର୍ ଏସ୍ ଏସ୍ ନିର୍ଦ୍ଦେଶନାରେ ପରିଚାଳିତ ବିଜେପି ସରକାର ଦେଶକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରିବା ଦିଗରେ ସମସ୍ତ ପଦକ୍ଷେପ ନେଇ ଚାଲିଛି । ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଆକ୍ରମଣ ବୃଦ୍ଧି ପାଇଛି । ଦେଶରେ ବେକାରୀ, ଦରଦାମ୍ ବୃଦ୍ଧି ଭ୍ରଷ୍ଟାଚାର ଓ ଶ୍ରମଜୀବୀ ମଣିଷ ଉପରେ ଅତ୍ୟାଚାର ବୃଦ୍ଧି ପାଇଛି । ଏତିକି ବେଳେ ବାମପନ୍ଥୀ ଶାସିତ ରାଜ୍ୟ କେରଳ ଦେଶରେ ଆଦର୍ଶ ରାଜ୍ୟ ଭାବେ ଗରୀବୀ ମୁକ୍ତ ବିକାଶଶୀଳ ରାଜ୍ୟ ଭାବେ ଉଭା ହୋଇଛି । ସିପିଆଇ ନିର୍ଦ୍ଧାରଣ କରିଛି ଯେ ପାର୍ଟି ର ନିଷ୍ପତିକୁ ଶାଖା ସ୍ତରରେ ଆଲୋଚନା କରି ବ୍ୟାପକ ଜନ ଆନ୍ଦୋଳନ ସୃଷ୍ଟି କରିବା ପାଇଁ ହେବ । ଜାତୀୟତାବାଦ ନାମରେ ଦେଶରେ ସୃଷ୍ଟି କରୁଥିବା ବିଦ୍ୱେଷ କୁ ପଦାରେ ପକେଇବାକୁ ହେବ ଏବଂ ବଂଚିବାର ମୌ ।ଳିକ ଅଧିକାର ହାସଲ ପାଇଁ ଲଢ଼ିବାକୁ ହେବ । ବରିଷ୍ଠ ସିପିଆଇ ନେତା ଶ୍ରୀ ଯୁଧିଷ୍ଠିର ରାଉଳ ପାର୍ଟି ସାଥି ମାନେ ସଂଗଠନ କୁ ମଜବୁତ୍ କରିବା ସହ ଅଂଚଳର ସମସ୍ୟା ନେଇ ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦେଇଥିଲେ । ସିପିଆଇ ଜିଲ୍ଲା ସମ୍ପାଦକ ଶ୍ରୀ ରାମକୃଷ୍ଣ ଦାସ ବୈପାରିଗୁଡା ଜୋନ୍ ର ସମସ୍ତ ଶାଖାର ସଭ୍ୟ ନବୀକରଣ ସହ ନୂତନ ଶାଖା ଗଠନ କରିବା , ଆସନ୍ତା ଡ଼ିସେମ୍ବର ୨୧ ପାର୍ଟି ର ଶତବାର୍ଷିକୀ ସମାବେଶ ରେ ବହୁ ସଂଖ୍ୟାରେ ସାଥି ମାନେ ଯୋଗ ଦେବାକୁ ଆହ୍ୱାନ କରିଛନ୍ତି । ଆଜିର ବୈଠକରେ ଜିଲ୍ଲା ସହ ସମ୍ପାଦକ ଶ୍ରୀ ବୁଦ୍ରା ବଡନାୟକ, ବୈପାରିଗୁଡା ଜୋନ୍ ସମ୍ପାଦକ ଶ୍ରୀ ବଳିଭଦ୍ର ଭୋଇ, ଯୁବ ସଂଘ ନେତା ମଧୁ ଜାନୀ , ଜୋନ୍ ସହ ସମ୍ପାଦକ ରାମ ପାଙ୍ଗୀ, ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ରାଜ୍ୟ ମହିଳା ଚେସ୍- କେନ୍ଦ୍ରାପଡାର ସ୍ମାରକୀ ଆଗରେ

କେନ୍ଦ୍ରାପଡା , ୩/୧୧ (ନି.ପ୍ର): କେନ୍ଦ୍ରାପଡା ଚେସ୍ ଆସୋସିଏସନ୍ ଦ୍ୱାରା ଚାଲିଥିବା ରାଜ୍ୟ ମହିଳା ଫିଡେ ରେଟିଙ୍ଗ ଚେସ ଚୋମ୍ପିଅନସିପ-୨୦୨୫ ଆଜି ତୃତୀୟ ଦିନରେ ପହଁଚିଛି । ଏହି ଅବସରରେ ବରଗଡ଼ ଜିଲ୍ଲା ଚେସ ଆସୋସିଏସନ୍ ର ସମ୍ପାଦକ ଶ୍ରୀ କେ ଆର ପ୍ରଧାନ ତୃତୀୟ ଦିନ ର ଟୁର୍ଣ୍ଣାମେଣ୍ଟ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଉଦ୍ଘାଟନୀ ସଭାରେ ଆସୋସିଏସନ୍ ର ସଭାପତି କିଶୋର ପଣ୍ଡା, ସମ୍ପାଦକ ଭବେଶ୍ ମହାନ୍ତି, ମାଷ୍ଟର ଚେସ ଫାଉଣ୍ଡେସନ ର ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଥାଉକି ମୋଟ ୮ ରାଉଣ୍ଡ ବିଶିଷ୍ଟ ଚାଲିଥିବା ଏହି ୪ ଦିନିଆ ମ୍ୟାଚଟି ଆଜି ୬ ରାଉଣ୍ଡ ରେ ଶେଷ ହୋଇଛି । ଆଜି ୬ ରାଉଣ୍ଡ ଶେଷ ସୁଦ୍ଧା କେନ୍ଦ୍ରାପଡା ଝିଅ ତଥା ରାଜ୍ୟ ଗୋଷ୍ଠୀ କ୍ରୀଡା ସ୍ୱର୍ଣ୍ଣ ପଦକ ବିଜେତା ସ୍ମାରକୀ ମହାନ୍ତି କଟକ ର ଗୀତଶ୍ରୀ ବିଶ୍ୱାଳଙ୍କୁ ପରାସ୍ତ କରି ସାଢ଼େ ପାଂଚ ପଏଣ୍ଟ ରେ ଆଗୁଆ ଥିବା ବେଳେ ଦ୍ୱିତୀୟ ଏବଂ ତୃତୀୟ ବୋର୍ଡ ରେ ଯଥାକ୍ରମେ ଯାଶିତା ରାଉତ(୪ ପଏଣ୍ଟ), ଜୟଲକ୍ଷ୍ମୀ ସାହୁ (୪ପଏଣ୍ଟ), ନୟାନିକ ସାହୁ ( ୩.୫ ପଏଣ୍ଟ) , ଯ୍ୟୋତିକା ସାହୁ (୩.୫) ରେ ପରସ୍ପରକୁ ଭେଟୁଛନ୍ତି । ଆସନ୍ତା କାଲି ମ୍ୟାଚଟି ୮ ରାଉଣ୍ଡ ରେ ଶେଷ ହେବ ।

# ରାଜଭବନରେ ବିଶ୍ୱ ହିନ୍ଦୀ ପରିଷଦ ଆନୁକୂଲ୍ୟରେ ସମ୍ବର୍ଦ୍ଧନା ସମାରୋହ

ଭୁବନେଶ୍ୱର , ୩/୧୧ (ନି.ପ୍ର): ହିନ୍ଦୀ କେବଳ ଭାବନାର ଭାଷା ନହୋଇ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଗତିର ଭାଷା ହେଉ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଚଳିତ ନଭେମ୍ବର ୨ ତାରିଖ ରବିବାର ଅପରାହ୍ନରେ ରାଜଭବନର ନିଉ ଅଭିଷେକ ହଲଠାରେ ବିଶ୍ୱ ହିନ୍ଦୀ ପରିଷଦ, ଓଡ଼ିଶା ପ୍ରାନ୍ତ ଆନୁକୂଲ୍ୟରେ ଆୟୋଜିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି ।

ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଗତ ଦଶନ୍ଧି ଧରି ଏହି ସଂଗଠନ ହିନ୍ଦୀ ଭାଷାର ପ୍ରଚାର, ପ୍ରସାର ଏବଂ ସମୃଦ୍ଧି ପାଇଁ ନିଷ୍ଠା, ପ୍ରତିବଦ୍ଧତା ଏବଂ ଉତ୍ସାହର ସହିତ କାର୍ଯ୍ୟ କରିଆସୁଛି । ଆଜିର ସମାରୋହ କେବଳ ହିନ୍ଦୀ ସାହିତ୍ୟର ପ୍ରଖ୍ୟାତ ଲେଖକ ଏବଂ ବିଦ୍ୱାନମାନଙ୍କୁ ସମ୍ମାନିତ କରିବାର ଅବସର ନୁହେଁ, ବରଂ ହିନ୍ଦୀର ବିକାଶ, ସଂରକ୍ଷଣ ଏବଂ ଗୌରବ ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିବାର ମଧ୍ୟ ଏକ ଅବସର ।

ଜନ କଲ୍ୟାଣ ଏବଂ ସାର୍ବଜନୀନ କଲ୍ୟାଣର ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ, ବିଶ୍ୱ ହିନ୍ଦୀ ପରିଷଦ ହିନ୍ଦୀ ପ୍ରେମୀ, ଲେଖକ ଏବଂ ବିଦ୍ୱାନମାନଙ୍କୁ ଏକ ମଂଚରେ ଏକତ୍ରିତ କରିବା ପାଇଁ କାର୍ଯ୍ୟ କରିଛି । ଶ୍ରୀ ୱାଇ. ଲକ୍ଷ୍ମୀ ପ୍ରସାଦଙ୍କ ପ୍ରେରଣାଦାୟକ ନେତୃତ୍ୱରେ ପରିଷଦ ହିନ୍ଦୀକୁ କେବଳ ସାହିତ୍ୟ ଏବଂ କବିତାର ଭାଷା ଭାବରେ ନୁହେଁ, ବରଂ ଜ୍ଞାନ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନର ଭାଷା ଭାବରେ ପ୍ରତିଷ୍ଠିତ କରିବାରେ ପ୍ରଶଂସନୀୟ କାର୍ଯ୍ୟ କରିଛି ।

ହିନ୍ଦୀ କେବଳ ଏକ ଭାଷା ନୁହେଁ, ବରଂ ଏକ ଭାବପ୍ରବଣତାର ସେତୁ ଯାହା ଭାରତର ବିବିଧ ସଂସ୍କୃତିକୁ ଏକତ୍ର କରେ । ଏହା କୋଟି କୋଟି ଭାରତୀୟଙ୍କ ଭାବନାର ଭାଷା ଏବଂ ଆମର ଜାତୀୟ ପରିଚୟର ଏକ ଶକ୍ତିଶାଳୀ ପ୍ରତୀକ । ଆଜି ହିନ୍ଦୀ ବିଶ୍ୱ ସ୍ତରରେ ମଧ୍ୟ ଭାରତର ଆତ୍ମା ଏବଂ ମୂଲ୍ୟବୋଧକୁ ପ୍ରତିନିଧିତ୍ୱ କରେ ବୋଲି ରାଜ୍ୟପାଳ କହିଥିଲେ ।

ଜାତୀୟ ଶିକ୍ଷା ନୀତି ୨୦୨୦ ଏହି ଦୃଷ୍ଟିକୋଣକୁ ସାକାର କରେ । ଏହି ନୀତି ମାତୃଭାଷା କିମ୍ବା ଆଂଚଳିକ ଭାଷାରେ ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଦିଏ, ଯାହା ଆମର ଭାଷାଗତ ବିବିଧତା ଏବଂ ଜାତୀୟ ଏକତାକୁ ସୁଦୃଢ଼ କରିବ । ବର୍ତ୍ତମାନ ଆମର ଯୁବପିଢ଼ି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଆଇନ ଏବଂ ପ୍ରଶାସନ ଭଳି କ୍ଷେତ୍ରରେ ହିନ୍ଦୀ ମାଧ୍ୟମରେ ବିଶ୍ୱସ୍ତରୀୟ ଶିକ୍ଷା ପାଇପାରିବେ । ଏହି ପଦକ୍ଷେପ ହିନ୍ଦୀକୁ ବିଶ୍ୱସ୍ତରୀୟ ବ୍ୟବହାରିକ, ଉପଯୋଗୀ ଏବଂ ସମ୍ମାନଜନକ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାଜ୍ୟପାଳ କହିଥିଲେ । ରାଜ୍ୟପାଳ ପୁଣି କହିଥିଲେ ଯେ ଭାଷା ହେଉଛି ଜାତୀୟ ଏକତାର ମୂଳଦୁଆ । ଆଜି ସାହିତ୍ୟ, ସିନେମା, ଶିକ୍ଷା ଏବଂ କୂଟନୀତି କ୍ଷେତ୍ରରେ ହିନ୍ଦୀ ଯେଉଁ ପ୍ରଗତି କରୁଛି ତାହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ।

ଏହି ଅବସରରେ ସମ୍ମାନିତ ହୋଇଥିବା ସମସ୍ତ ବିଦ୍ୱାନ ଏବଂ ଲେଖକଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇଥିଲେ । ଏହି ସମାରୋହରେ ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ବିଶ୍ୱ ହିନ୍ଦୀ ପରିଷଦର ସଭାପତି ପଦ୍ମଶ୍ରୀ ଓ ପଦ୍ମଭୂଷଣ ୱାଇ. ଲକ୍ଷ୍ମୀ ପ୍ରସାଦ, ସାଧାରଣ ସମ୍ପାଦକ ଡ. ବିପିନ କୁମାର ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ବିଶ୍ୱ ହିନ୍ଦୀ ପରିଷଦ, ଓଡ଼ିଶା ପ୍ରାନ୍ତର ସଭାପତି ବିକ୍ରମାଦିତ୍ୟ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶେଷରେ ବିଶ୍ୱ ହିନ୍ଦୀ ପରିଷଦ ନୂଆ ଦିଲ୍ଲୀର ଉପ ସଭାପତି ଦେବୀ ପ୍ରସାଦ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଏହି ଅବସରରେ ବିଭିନ୍ନ ସରକାରୀ ଯୋଜନା ଉପରେ ଆଧାରିତ ପୁସ୍ତକ ଉନ୍ମୋଚିତ ହେଇଥିଲା ।

# କ୍ଲଷ୍ଟରସ୍ତରୀୟ ପଂଚମ ମାସିକ ବୈଠକ ଅନୁଷ୍ଠିତ

ମାଲକାନଗିରି, ୩/୧୧ (ନି.ପ୍ର): ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଗୌଡଗୁଡ଼ା କ୍ଲଷ୍ଟର ସ୍ତରରେ ପଂଚମ ମାସିକ ବୈଠକ ଏମ୍ ।ଭି ।୧୧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆର ସିସି । ରଞ୍ଜିତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲାକ୍ଷ ବୈଠକର ପ୍ରଥମ ଅଧିବେଶନରେ ବାଲବାଟିକା ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଭାଷା ଓ ଗଣିତ ନିମନ୍ତେ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ୩ଟି ଦଳରେ ଭାଗ ହେଇ ବହୁ ଶ୍ରେଣୀ ପାଠଯୋଜନ ପ୍ରସ୍ତୁତ କରି ଉପସ୍ଥାପନ କରିଥିଲେକ୍ଷ ଉକ୍ତ କାର୍ଯ୍ୟକ୍ରମକୁ ନିରୀକ୍ଷଣ କରିବା ନିମନ୍ତେ ମାଲକାନଗିରି ବ୍ଲକର ବିଇଓ ମମତା ସଏ, ବିଆର୍ସିସି ଗୌରାଙ୍ଗ ସାଜନ ଓ ଏବିଇଓ ଅଶ୍ୱିନ କୁମାର ମାଝୀ ଉପସ୍ଥିତ ହୋଇ ବିଦ୍ୟାଳୟ ତଥା ଶିକ୍ଷାର୍ଥୀମାନଙ୍କର ବିକାଶ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ସକାରାତ୍ମକ ମନୋଭାବର ଆବଶ୍ୟକତା ଅଛି ବୋଲି ଦର୍ଶାଇ ଥିଲେ ଏବଂ ବିଆରସିସି ଯୁକ୍ତାକ୍ଷର ଓ ଫଳ ପାର୍ଥକ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏହାପରେ ଦ୍ୱିତୀୟ ଅଧିବେଶନରେ ବିଭାଗୀୟର ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା । ଏହି ବୈଠକରେ ୧୫ଟି ବିଦ୍ୟାଳୟର ୨୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ହୋଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେକ୍ଷ ପରିଶେଷରେ ଏମ୍ଭି ୧୧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶଶୀରେଖା ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୫୨ତମ ଟିକ୍ରାପଡା ଅହୋରାତ୍ର ନାମଯଜ୍ଞ ଆୟୋଜନ ପାଇଁ କଳସ ଶୋଭାଯାତ୍ରା ସହ ନାମଯଜ୍ଞର ଶୁଭାରମ୍ଭ

ବଲାଙ୍ଗିର, ୩/୧୧ (ନି.ପ୍ର): ବଲାଙ୍ଗିରର ସର୍ବ ପୁରାତନ ନାମଯଜ୍ଞ କମିଟି ଚଳିତ ବର୍ଷ ୫୨ତମ ଅହୋରାତ୍ର ନାମଯଜ୍ଞ ଆୟୋଜନ କରୁଛି । ପବିତ୍ର କାର୍ତିକ ମାସର ପଂଚୁକ ସମୟରେ ଆଜକୁ ୫୨ବର୍ଷ ଧରି ଅନବରତ ଭାବରେ ନାମଯଜ୍ଞ ଆୟୋଜନ କରି ପ୍ରଭୁଙ୍କ ନାମ ଧରାପୃଷ୍ଠରେ ପ୍ରଚାର କରିଆସୁଅଛି । ଚଳିତ ବର୍ଷ ନାମଯଜ୍ଞ ଆୟୋଜନ ଅବସରରେ ମହିଳମାନେ କଳସ ଶୋଭାଯାତ୍ରାରେ ପ୍ରଭୁ ରାଧା ମାଧବଙ୍କୁ ମଣ୍ଡପରେ ବିରାଜମାନ କରାଇ ଅଧିବାସ ପାଳନ କରାଯାଇଥିଲା । ଚଳିତ ବର୍ଷ ଆୟୋଜନ କମିଟିରେ ଶ୍ରୀକୃଷ୍ଣ ଚୈତନ୍ୟ ସେବା ସଂସ୍ଥାନ ର ସଭାପତି ପ୍ରକାଶ କୁମାର ନେପାକ, ସମ୍ପାଦକ ଅଙ୍କୁଶ ହୋତା, କୋଷାଧକ୍ଷ କୁନୁ ପାତ୍ର ସମେତ ଚଳିତ ବର୍ଷର ନାମଯଜ୍ଞ ସମ୍ପାଦକ ସଂଜୟ ଶତପଥି ଏବଂ ବିଭିନ୍ନ କମିଟି ମୁଖ୍ୟ ତୁଫାନ ସାହୁ, ଶରତ ଷାଣ୍ଢ, ବାବୁ ସା, ପିଙ୍କୁ ପଣ୍ଡା, ଦୁର୍ଗା ସାହୁ, ଟିଙ୍କୁ ପଣ୍ଡା, କଳୁ ମହାନ୍ତି ପ୍ରମୁଖ ମୁଖ୍ୟ ଭୂମିକା ନିର୍ବାହ କରୁଥିବା ବେଳେ ବରିଷ୍ଠ ସଭ୍ୟ ଭଗବାନ ବଗର୍ତି, ଶିବ ରଥ, ରାଜେନନ୍ର ମିଶ୍ର, ପ୍ରଦୀପ ସାହୁ, ରବି ଅଗ୍ରୱାଲ, ରାଜୁ ଅଗ୍ରୱାଲ, ମହେନ୍ଦ୍ର ବାଗ, ଅଶୋକ ମିଶ୍ର, ସତ୍ୟନାରାୟଣ ମହାକୁଡ, ସୁନାଧର ବନଛୋର, ଦିଜରାଜ ମିଶ୍ର, ଦୁଲିଚନ୍ଦ ଅଗ୍ରୱାଲ, ସନ୍ତକ ବହିଦାର, କୁନା ବେହେରା, ଭରତ ପୋଢ, ଶ୍ରୀବତ୍ସ ମହାରଣା ନାମ ସଂକୀର୍ତନ ଆୟୋଜନରେ ସହଯୋଗ କରୁଛନ୍ତି । ମହିଳା କମିଟି ସଭାପତି ବନେଶ୍ୱରୀ ବେହେରା, ସମ୍ପାଦିକା ଲିନା ମହାନ୍ତି, ସଭ୍ୟା ସବିତା ବେହେରା, ଦମୟନ୍ତି ବାଗ, ସୁଶୀଳା ସା, ସୁଚରିତା ଶତପଥୀ, ରେବତୀ ସାହୁ, ଲିଲି ବେହେରା, ମଞ୍ଜୁଳା ମିଶ୍ର ଓ ସମସ୍ତ ସଭ୍ୟା ପ୍ରଭୁଙ୍କ କଳସ ଯାତ୍ର, ଛପନ ଭୋଗ, ତୁଳସୀଭିଷେକ ଆୟୋଜନ ର ଦାୟିତ୍ୱ ଗ୍ରହଣ କରିଛନ୍ତି । ଚଳିତ ବର୍ଷ ଦୁର୍ଗା ସାହୁ ଓ ସହଧର୍ମିଣୀ ସରିତା ସାହୁ ମୁଖ୍ୟ ଯଜ୍ଞ କର୍ତା ରୂପେ ପ୍ରଭୁଙ୍କ ସେବା କରୁଛନ୍ତି । ମୁଖ୍ୟ ପୂଜକ ଶୁକଦେବ ତ୍ରିପାଠୀ ଓ ସାଥୀ ଯଜ୍ଞ ପୂଜକ ଅଚନ୍ତି ।

ଚଳିତ ବର୍ଷ ସୁଦୁର କଳାହାଣ୍ଡି, ବୌଦ୍ଧ, ସୋନପୁର ଜିଲ୍ଲାରୁ ବିଭିନ୍ନ ସଂକୀର୍ତନ ଦଳ ଆସି ପ୍ରଭୁଙ୍କ ନାମ ନେବେ ବୋଲି ଶ୍ରୀ ନେପାକ ସୂଚନା ଦେଇଛନ୍ତି ।

# ପ୍ରିୟପରମ ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ଚର୍ଯ୍ୟାଶ୍ରମ ଦ୍ୱାରା ଆୟୋଜିତ ଜାଗୃତି ମହାମଙ୍ଗଳ ଯଜ୍ଞ ପାଇଁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ

ଜଳେଶ୍ୱର, ୩/୧୧ (ନି.ପ୍ର): ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ ତମ ଶୁଭ ଆବିର୍ଭାବ ସ୍ମରଣେ ଶ୍ରୀଯୁକ୍ତ ବନବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ପ୍ରିୟପରମ ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ଚର୍ଯ୍ୟାଶ୍ରମ ଦ୍ୱାରା ଆୟୋଜିତ "ଜାଗୃହି ମହାମଙ୍ଗଳ ଯଜ୍ଞ" ଜଳେଶ୍ୱର ନନ୍ଦିକା ବାଇପାସ୍,୧୬ ନମ୍ବର ଜାତୀୟ ରାଜପଥ ଜଳେଶ୍ୱର-ପଶ୍ଚିମବାଡ଼ ରାସ୍ତା ପାର୍ଶ୍ୱରେ ନଭେମ୍ବର ୭,୮,୯ ଶୁକ୍ରବାର,ଶନିବାର,ରବିବାର ତିନିଦିନ ଧରି ଅନୁଷ୍ଠିତ ହେବାକୁ ଯାଉଅଛି ତା ସହିତ ସମବେତ ପ୍ରାର୍ଥନା,ସତ୍ୟାନୁଶରଣ ପାଠ, ଉତ୍ସବର ଶୁଭ ଉଦ୍ଘାଟନ,ବିଶ୍ୱଶାନ୍ତି ହୋମ ଯଜ୍ଞ, ଶିକ୍ଷା ମୂଳକ ପ୍ରଦର୍ଶନୀ, ଆନନ୍ଦ ବଜାର, ନଗର ପରିକ୍ରମା,ସମବେତ ପ୍ରାର୍ଥନା, ଭାଗବତ ପାଠ,ରକ୍ତଦାନ ଶିବିର, ଉତ୍ସବ ସ୍ମରଣିକା ଉନ୍ମୋଚନ, କୁଇଜ୍,ପ୍ରତିଯୋଗିତା , ନାଟକ - 'ଅଭାବରୁ ମୁକ୍ତି', 'ସନ୍ତାନର ଚରିତ୍ର ଗଠନ ରେ ମା ମାନଙ୍କର ଭୂମିକା 'ବକ୍ତୃତା, ସଙ୍ଗୀତ ପ୍ରତିଯୋଗିତା, ଅଧିବେଶନ ସହିତ ବିଭିନ୍ନ କାର୍ଯ୍ୟକ୍ରମ ହେବ ବୋଲି ଆଜି ଅପରାହ୍ନ ଚାରିଟା ସମୟରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାରର ସଭାପତି ଗଣେଷ ଚନ୍ଦ୍ର ପାଳ, ସଂପାଦକ ଶଶିକାନ୍ତ ପ୍ରଧାନ,ସଭ୍ୟ ପରାଶର ପ୍ରଧାନ,ଉପ ସଭାପତି ହେମନ୍ତ କୁମାର ଘୋଷ,କୋଷାଧକ୍ଷ ସରୋଜ କାନ୍ତ ଦତ୍ତ,ରୂପରଞ୍ଜନ ପ୍ରଧାନ,ଗୌରହରି ସାହୁ, ଅବସରପ୍ରାପ୍ତ ରେଳ ପୋଲିସ ଅଧିକାରୀ ମଧୁସୁଦନ ଦତ୍ତ, ପାର୍ଥପ୍ରତିମ ପ୍ରଧାନ,ସୁରେଶ ଚନ୍ଦ୍ର ଜେନା,ଗୋଲକ ବିହାରୀ ଗିରି, ମୋଦନ ମୋହନ କର,ଶ୍ରିହରୀ ସାହୁ,ନିରୂପମ ଜ୍ୟୋତି କର,ମୁକେଶ ଭଞ୍ଜ,ସାବିତ୍ରୀ ଜେନା, ଶୈଳବାଳା ପ୍ରଧାନ, ଜୟନ୍ତୀ ଦତ୍ତ, ମିତା ଭାଟ ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

## ଆସନ୍ତା ୭ ତାରିଖରେ ନୂଆପଡାରେ ହାଇଭୋଲଟେଜ ପ୍ରଚାର

ଭୁବନେଶ୍ୱର, ୩/୧୧ (ନି.ପ୍ର): ଆସନ୍ତା ୭ ତାରିଖରେ ନୂଆପଡାରେ ହାଇଭୋଲଟେଜ ପ୍ରଚାର । ବିଜେପି ପ୍ରାର୍ଥି ଜୟ ଢୋଲକିଆଙ୍କ ପାଇଁ ପ୍ରଚାର ମୈଦାନକୁ ଦ୍ୱିତୀୟ ଥର ପାଇଁ ଓହ୍ଲାଇବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବିଜେଡି ପ୍ରାର୍ଥିନି ସ୍ନେହାଙ୍ଗିନ ଛୁରିଆଙ୍କ ପାଇଁ ଦ୍ୱିତୀୟ ଥର ପାଇଁ ପ୍ରଚାର ମୈଦାନକୁ ଓହ୍ଲାଇ ବିଶାଳ ରୋଡ଼ ଶୋ କରିବେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସେହିପରି କଂଗ୍ରେସ ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀଙ୍କ ପାଇଁ ଭୋଟ ମାଗିବାକୁ ସେହିଦିନ ନୂଆପଡ଼ା ଉପ ନିର୍ବାଚନ ପ୍ରଚାର ମୈଦାନକୁ ଓହ୍ଲାଇବେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ୍ ରେଡ୍ଡୀ ।

# ପୁରୀରେ ଓଡ଼ିଶା ଧ୍ୟାନ ମହାଯଜ୍ଞ ଉଦ୍‌ଘାଟିତ

ପୁରୀ, ୩/୧୧ (ନି.ପ୍ର): ଓଡ଼ିଶାରେ ଧ୍ୟାନ ମହାଯଜ୍ଞ ୨୦୨୫ ସ୍ଥାନୀୟ ଟାଉନହଲ ଠାରେ ରବିବାର ଉଦଘାଟିତ ହୋଇଯାଇଛି । ପିରାମିଡ ସ୍ପିରିଚ୍ୟୁଆଲ ସୋସାଇଟିଜ ମୁଭମେଂଟ (ପିଏସଏସଏମ)ର ଆନାପାନା ଶକ୍ତି ଧ୍ୟାନ ମହାଯଜ୍ଞ କାର୍ଯ୍ୟକ୍ରମ ୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଓଡ଼ିଶାର ୨୪ଟି ଜିଲ୍ଲାରୁ ଆନାପାନା ଶକ୍ତି ଧ୍ୟାନ ମାଷ୍ଟରସ ମାନେ ଯୋଗ ଦେଇଥିଲେ । ମାଷ୍ଟରସ ମନୋରମା ବେହେରା ଓ ମାଷ୍ଟରସ ବିଷ୍ଣୁ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୌରସଦନ ପରିସରରେ ଆଧ୍ୟାତ୍ମିକ ବୁକ ଷ୍ଟଲ, ଆଧ୍ୟାତ୍ମିକ ଟାବଲେଟ, କ୍ରିଷ୍ଟାଲ ଷ୍ଟୋନ ଓ ଗୋ ଧାମ ଷ୍ଟଲ ଖୋଲାଯାଇଛି । ସାଂସ୍କୃତିକ କାର୍ଯ୍ୟକ୍ରମରେ ମାଷ୍ଟରସ ଶାନ୍ତିଲତା ଦାଶ,ଅତିଥିମାନଙ୍କ ଦାୟିତ୍ୱ ମାଷ୍ଟରସ ଦୀପକ ମିଶ୍ର ଓ ଖାଦ୍ୟ ପରିଚାଳନାରେ ମାଷ୍ଟରସ ଦୀପକ ନାୟକ ନେଇଥିବା ବେଳେ ଧ୍ୟାନ ମହାଯଜ୍ଞର ପୁରୋଧା ମାଷ୍ଟରସ ଇପସିତା ପୂଜାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ମଂଚରେ ଜଗନ୍ନାଥ ସଂସ୍କୃତି ଗବେଷକ ଡକ୍ଟର ଭାସ୍କର ମିଶ୍ର, ସ୍ପିରିଚ୍ୟୁଆଲ ଟାବଲେଟ ର ପ୍ରତିଷ୍ଠାତା ଡକ୍ଟର ଗୋପାଳ କୃଷ୍ଣ, ମାଷ୍ଟରସ ପରିମିତା ପତ୍ରୀ, ଏଭି ସାଇ କୁମାର ରେଡ୍ଡୀ, ଅଲେକ୍ଷା ଶାସ୍ତ୍ରୀ, ଦେବଯାନୀ ଗିରି, ଅଭୀପ୍ସା ଦାଶ, ମାଷ୍ଟର ପ୍ରେମନାଥ ଜୀ, ଜ୍ଞାନ ସ୍ୱରଜୀ, ମାଧମୀ ଧାତ୍ରୀ, ମାଷ୍ଟର ପଦ୍ମା ବଦଲା ମୁଦି, ରାଗିଣୀ ସଲଭାରାଜ ପ୍ରମୁଖ ଯୋଗ ଦେଇଥିଲେ । ମେଘା ପିରାମିଡ ଅନୁଷ୍ଠିତ ହୋଇଥିଲା । ଶ୍ୱାସ ଗୁରୁ ବ୍ରହ୍ମଶ୍ରୀ ସୁଭାଷ ପତ୍ରୀଜୀ ଆନାପାନା ଶକ୍ତି ଧ୍ୟାନ ସମ୍ପର୍କରେ ମତ ଦେଇଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଶାନ୍ତ ବେହେରା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚଳନା କରିଥିଲେ ।

# ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ଓଡିଆ ଭାଷା ଭିତ୍ତିକ ପ୍ରତିଯୋଗିତା ଅନୁଷ୍ଠିତ

କେନ୍ଦ୍ରାପଡା, ୩/୧୧ (ନି.ପ୍ର): କେନ୍ଦ୍ରାପଡାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ କଜଳ । ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଆ ଭାଷା ଭିତ୍ତିକ ବିଦ୍ୟାଳୟ ସ୍ତରୀୟ ବକ୍ତୃତା, ପ୍ରବନ୍ଧ ଲିଖନ, ସ୍ୱ ରଚିତ କବିତା ଆବୃତ୍ତି ପ୍ରତିଯୋଗିତା କରଯାଇଥିଲା । ବିଭିନ୍ନ ବିଦ୍ୟାଳୟରୁ ୪୦ ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଓଡ଼ିଆ ଭାଷାର ଅଧିକ ପ୍ରଚାର ପ୍ରସାର ସହିତ ନୂତନ ପିଢ଼ି ମାନଙ୍କ ମଧ୍ୟରେ ଭାଷା ପ୍ରୀତି ବୃଦ୍ଧି ଲକ୍ଷ୍ୟ ନେଇ ଏହା କରଯାଇଥିଲା ।ଓଡିଆ ଭାଷାରେ ଏହି ପିଲାମାନେ ଅତି ଚମତ୍କାର ଭାବେ ନିଜ ନିଜ ପ୍ରତିଭାର ପରି ପ୍ରକାଶ କରିଥିଲେ । ପ୍ରତ୍ୟେକ ବର୍ଗରୁ ତିନି ଜଣ ଲେଖା ଛାତ୍ର ଛାତ୍ରୀ ପ୍ରଥମ, ଦ୍ୱିତୀୟ, ତୃତୀୟ ଭାବେ କୃତକାର୍ଯ୍ୟ ହୋଇଥିଲେ । ଏହି ପିଲାମାନଙ୍କୁ ଚଳିତ ମାସ ୯ ତାରିଖ ରବିବାର କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ରେ ହେବାକୁ ଥିବା ଆମ ଗାଁ ସାହିତ୍ୟ ପରିଷଦ ର ଦଶମ ବାର୍ଷିକୋତ୍ସବରେ ପୁରସ୍କୃତ କରାଯିବ । ବିଚାରକ ଭ ।ବେ ନିରଞ୍ଜନ ମେକାପ, ଶରତ କୁମାର ରାଉତ୍, କବିତା ମୁଦୁଲି, ଗୋଲାପ ରାଉତ, ଅସିତ୍ କୁମାର ସାହୁ,ଢ଼ ଚୈତନ୍ୟ ଚରଣ ପରିଡା, ଅଜୟ କୁମାର ପାତ୍ର, ରଞ୍ଜନ ବାଇ ଯୋଗ ଦେଇ ମୂଲ୍ୟାଙ୍କନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ସଭାପତି ସଞ୍ଜୟ କୁମାର ମଲ୍ଲିକ, ସମ୍ପାଦକ ସ୍ୱପ୍ନ ।ସ୍ପଶୁ କୁମାର ଦାସ, ବାପିନ୍ କୁମାର ମଲ୍ଲ,ରାଜେଶ କୁମାର ଜେନା, ପ୍ରମୁଖ ଯୋଗ ଦେଇ ଏହାକୁ ପରିଚାଳନା କରିଥିଲେ ।

# ଟାଉନ ପୁଲିସ ପକ୍ଷରୁ ସାଇବର ସେଫଟି କାର୍ଯ୍ୟକ୍ରମ

ଜୟପୁର, ୩/୧୧ (ନି.ପ୍ର): ଜୟପୁର ଟାଉନଥାନା ପକ୍ଷରୁ ଆଜି ସ୍ଥାନୀୟ ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ ପଡିଆରେ ସାଇବର ସେଫଟି ପ୍ରଚାର ନିମନ୍ତେ ଏକ ୫କିଲୋମିଟିର ରୋଡ ରନ ଅନୁଷ୍ଠିତ ହୋଇଯାଇଛି । ଟାଉନଥାନା ଅଧିକାରି ଉଲ୍ଲାସ ରାଉତ ଓ ଏସଡିପିଓ ପାର୍ଥ କଶ୍ୟପ ଓ ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ଉପସ୍ଥିତ ରହି ପତାକା ଦେଖାଇ ରୋଡ ରନର ଉଦଘାଟନ କରିଥିଲେ । ପୂର୍ବରୁ କରାଯାଇଥିବା ରୋଡ ମ୍ୟାପ ସହକାରେ ସମସ୍ତ ପ୍ରତିଯୋଗୀ ବିକ୍ରମଦେବ କଲେଜ ପଡିଆ ଠାରୁ ବାହାରି ଟ୍ରାଫିକ ଛକ, ରାଜନହର ଛକ, ତାରିଣୀ ଛକ, ପଂଚାନନ ମନ୍ଦିର ଛକ, ଖ୍ରୀଷ୍ଟିଆନ ପେଟା ଛକ ଦେଇ ପୁଣି ଥରେ ବିକ୍ରମଦେବ କଲେଜ ପଡିଆରେ ପହଁଚିଥିଲେ । ଏହି ଦୌଡ ସକାଳ ୭ଟାରେ ଆରମ୍ଭ କରାଯାଇଥିଲା । ୨୦୦ ରୁ ଉର୍ଦ୍ଧ ପ୍ରତିଯୋଗୀ ଏହି ଦୌଡରେ ଅଂଶ ଗ୍ରହଣ କରିଥିଲେ ସେମାନେ ସକାଳ ୫.୧୫ ମିନିଟରେ ରେଜିଷ୍ଟ୍ରେସନ କରିଥିଲେ । ଏହି ଦୌଡ ପ୍ରତିଯୋଗୀତା ୩ଟି ବର୍ଗରେ ହୋଇଥିଲା । ପୁରୁଷ ବର୍ଗରେ ଦିଲ୍ଲିପ ଖରା ପ୍ରଥମ, ଗୋପାଳ ଗଣ୍ଡ ଦ୍ୱିତୀୟ, ଫିଲିପ ଭତ୍ରା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ମହିଳା ବର୍ଗରେ ଦୟାମଣୀ ହରିଜନ ପ୍ରଥମ, ପୂର୍ଣ୍ଣି ମଲ୍ଲିକ ଦ୍ୱିତୀୟ ଓ ସଞ୍ଜନା ମାଝି ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ବରିଷ୍ଠ ନାଗରିକ ବର୍ଗରେ କୃଷ୍ଣ ଚନ୍ଦ୍ର ହୋତା ପ୍ରଥମ, ସୁରେଶ ହୋତା ଦ୍ୱିତୀୟ ଓ ଲକ୍ଷ୍ମୀକାନ୍ତ ପାଢୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଜେତା ମାନଙ୍କୁ ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଏ.ସସ୍ୟାରେଡ୍ଡୀ, ଏସଡିପିଓ ପାର୍ଥ କଶ୍ୟପ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ । ଅପରାହ୍ନରେ ଟାଉନ ଥାନା ପକ୍ଷରୁ ସାଇବର ରଥକୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପଡିଆ ଠାରେ ସ୍ୱାଗତ କରାଯାଇ ସନ୍ଧ୍ୟାରେ ରଥ ପଡିଆ ନିକଟରେ ସାଇବର ଠକେଇ ଉପରେ ଭିଡିଓ ପ୍ରଦର୍ଶନ କରାଯାଇଥିଲା । ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ଆଜିର ଡିଜିଟାଲ ଯୁଗରେ ସାଇବର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଛି । ଏହା କେବଳ ସରକାର କିମ୍ବା ପୁଲିସର ଦାୟୀତ୍ୱ ନୁହେଁ ପ୍ରତ୍ୟେକ ନାଗରିକ ମଧ୍ୟ ସଚେତନ ରହିବା ଓ ଅନଲାଇନ ତଥ୍ୟ ସୁରକ୍ଷିତ ରଖିବା । ସାଇବର ଅପରାଧୀମାନେ ବିଭିନ୍ନ ନୂତନ ଉପାୟ ଦ୍ୱାରା ଲୋକଙ୍କୁ ଠକୁଛନ୍ତି, ତେଣୁ ବ୍ୟାଙ୍କ ଖାତା, ଆଧାର ସଙ୍ଖ୍ୟା, ଓଟିପି, ପାସ୍ୱାର୍ଡ ଭଳି ଗୁପ୍ତ ତଥ୍ୟ କାହାକୁ ମଧ୍ୟ ଦେବା ଉଚିତ ନୁହେଁ ବୋଲି କହିଥିଲେ । ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ଉପସ୍ଥିତ ରହି ସାଇବର ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ । ଏସଡିପିଓ ଶ୍ରୀ କଶ୍ୟପ ଅଦୃଶ୍ୟ ଠକଙ୍କ ପ୍ରାଦୃଭାବରେ ବର୍ତମାନ ଲଗାମ ଲାଗିବ । ସାଇବର ଠକେଇ କମିବ । ସାଇବର କ୍ରାଇମ କମାଇବା ପାଇଁ ଭୁବନେଶ୍ୱର କମିଶନରେଟ ପୁଲିସ ଯେଉଁ ପ୍ରୟାସ କରିଛନ୍ତି ତାହା ନିଶ୍ଚିତ ସଫଳ ହେବ । ଏହା ମାଧ୍ୟମରେ ଲୋକମାନେ କିଭଳି ସାଇବର ଠକେଇର ଶିକାର ହୋଇ ସର୍ବସ୍ୱ ହରାଉଛନ୍ତି ସେ ନେଇ ଆଜି ରଥପଡିଆ ଠାରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ନିଜେ ସଚେତନ ହୋଇ ଅନ୍ୟକୁ ସଚେତନ କରାଇବା ଆମ ସମସ୍ତଙ୍କ ଦାୟୀତ୍ୱ ବୋଲି କହିଥିଲେ । ବିଶେଷ କରି ଯୁବ ପିଢିଙ୍କ ମଧ୍ୟରେ ସାଇବର ଅପରାଧ ସମ୍ବନ୍ଧୀୟ ଜ୍ଞାନ ଓ ସଚେତନତା ବିସ୍ତାର କରିବା ଦରକାର ।

# ବାଇକ୍ ଶୋଭାଯାତ୍ରାରେ କଂଗ୍ରେସର ନିର୍ବାଚନୀ ପ୍ରଚାର

ସମ୍ବଲପୁର/ନୂଆପଡା, ୩/୧୧ (ନି.ପ୍ର): ନୂଆପଡ଼ା ସହରରେ ଆଗାମୀ ଉପନିର୍ବାଚନର କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ସପକ୍ଷରେ କଂଗ୍ରେସ ଦଳ ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ନଗର ପରିକ୍ରମା କରିଛି । ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ନୂଆପଡ଼ା ପ୍ରାର୍ଥୀ ଘାସିରାମ ମାଝୀ ଅନ୍ୟ ଦଳୀୟ ନେତାଙ୍କ ସହ ଏକ ଖୋଲା ଜିପ୍ ରେ ଶୋଭାଯାତ୍ରାର ଆଗେ ଆଗେ ଏକ ବାଇକ୍ ଶୋଭାଯାତ୍ରାରେ ପ୍ରଚାର କରିଛନ୍ତି । ନୂଆପଡ଼ା ସହର ଉପକଣ୍ଠ ପାଣିଗ୍ରାହୀ ପେଟ୍ରୋଲ ପମ୍ପ ନିକଟରୁ ଏହି ଶୋଭାଯାତ୍ରା ବାହାରି ତେଲିପଡ଼ା ପର ?ଯ୍ୟନ୍ତ ଯାଇଥିଲେ । ଶୋଭାଯାତ୍ରାରେ କର୍ମୀ ଓ ସମର୍ଥକଙ୍କ ସଂଖ୍ୟା ସେତେଟା ନଥିଲେ ମଧ୍ୟ ଆଜିର ସାପ୍ତାହିକ ହାଟର ଭିଡ଼ କଂଗ୍ରେସ ଶୋଭାଯାତ୍ରାର ଯଥେଷ୍ଟ ସମ୍ମାନ ରକ୍ଷା କରିବାରେ ସମର୍ଥ ହୋଇଥିଲା । ସୂଚନାଯୋଗ୍ୟ ନୂଆପଡ଼ା ଉପ-ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ସମସ୍ତ ପ୍ରାର୍ଥୀଙ୍କ ମଧ୍ୟରେ ଜଣେ ଆଦିବାସୀ ବର୍ଗର ପ୍ରାର୍ଥୀ ଭାବେ ଘାସିରାମ ମାଝୀଙ୍କ ସ୍ୱତନ୍ତ୍ର ପରିଚୟ ରହିଛି । ହେଲେ ପିସିସି ସଭାପତି ଶ୍ରୀ ଦାସଙ୍କ ନିର୍ବାଚନୀ ପ୍ରଚାରର ତରିକା କଂଗ୍ରେସ କର୍ମୀଙ୍କ ମହଲରେ ବିଶେଷ ଆଦୃତ ହେଉନଥିବାରୁ ଏହା ଘାସିରାମଙ୍କ ପାଇଁ ଭିନ୍ନ ଏକ ପ୍ରତିବନ୍ଧକ ସାଜିଥିବା କୁହାଯାଉଛି ।

# ପାଳନ୍ତୁ ଜୀବଜନ୍ତୁ, ପାଆନ୍ତୁ ଛୁଟି



ସନ୍ତାନ ଜନ୍ମ ତଥା ନବଜାତ ଶିଶୁର ଲାଳନ ପାଳନ ପାଇଁ ମହିଳାମାନଙ୍କୁ ପ୍ରସୂତିକାଳୀନ ଛୁଟି ମିଳୁଥିବା ଭାରତରେ ଦେଖାଯାଏ। ତେବେ ପୋଷା ଜୀବଜନ୍ତୁଙ୍କ ପ୍ରସୂତି ସମୟରେ ତାଙ୍କର ଦେଖାରଖା ପାଇଁ ସେଇ ଜନ୍ତୁର ମାଲିକଙ୍କୁ ଛୁଟି ଦିଆଯିବା କଥା ଆପଣ ଜାଣିଛନ୍ତି କି। ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଭାରତରେ ଏପରି କିଛି କମ୍ପାନି ଅଛି ଯେଉଁ କମ୍ପାନୀଗୁଡ଼ିକ ନିଜର କର୍ମଚାରୀମାନଙ୍କୁ ତାଙ୍କରପୋଷା ଜୀବଜନ୍ତୁଙ୍କ ପ୍ରସୂତିକାଳରେ ଛୁଟି ପ୍ରଦାନ କରିଥାନ୍ତି। 'କଲର ପୋକ୍' ନାମକ ଏକ ସଂସ୍ଥା ନିଜର କର୍ମଚାରୀଙ୍କୁ ନବଜାତ ପୋଷା ଜନ୍ତୁର ଦେଖାରଖା ପାଇଁ ଦଶଦିନ ଛୁଟି ପ୍ରଦାନର ବ୍ୟବସ୍ଥା କରିଛି। ଏହି କମ୍ପାନୀର ପ୍ରତିଷ୍ଠାତା ପାର୍ଟନର ରୁକ୍ମିଣୀ ବୈଶ କହନ୍ତି ଯେ, କର୍ମଚାରୀମାନେ ନିଜର ପାଳିତ ଜନ୍ତୁ ଜନ୍ମ ଦେଇଥିବା ନବଜାତକକୁ ନେଇ ଉତ୍ସବ ମନାଇବା, ତା'ର ଦେଖାଶୁଣା କରିବା, ପଶୁଡାକ୍ତରଙ୍କ ପାଖକୁ ନେବା, ପ୍ରତିଷେଧକର ବ୍ୟବସ୍ଥା ଆଦି କରାଇବା ଲକ୍ଷ୍ୟରେ ଏହି ଛୁଟି ପ୍ରଦାନ କରାଯାଇଥାଏ। ରୁକ୍ମିଣୀ ଆହୁରି ମଧ୍ୟ କହନ୍ତି, ସଂପୃକ୍ତ କର୍ମଚାରୀ ଯଦି ଚାହାନ୍ତି ତେବେ ପୋଷା ଜନ୍ତୁଙ୍କ ସାଥିରେ ଅଫିସ୍ ଆଣି ପାରିବେ। ତେବେ ଅଫିସ୍‌କୁ ସେହି ପୋଷା ଜନ୍ତୁଟି ଯଦି ଅସନା କରେ ତେବେ ତାକୁ ସଫାସଫି କରିବା ସଂପୃକ୍ତ କର୍ମଚାରୀଙ୍କର ଦାୟିତ୍ୱ।



ସେହିପରି ମୁମ୍ବାଇର ଏକ କମ୍ପାନି 'ଗୋଜୁପ' ନିଜର କର୍ମଚାରୀମାନଙ୍କୁ ସେମାନଙ୍କ ପାଳିତ ଜୀବଜନ୍ତୁଙ୍କ ଦେଖାଶୁଣା ପାଇଁ ୨୦୧୭ ଟଙ୍କାର ଭତ୍ତା ପ୍ରଦାନ ପାଇଁ ନିଷ୍ପତ୍ତି ନେଇଛି। ଏହି ଟଙ୍କା ସେମାନେ ଜୀବଜନ୍ତୁଙ୍କ ଟ୍ରେନିଂ, ଫେନସି ଗ୍ରୁମିଂ, ଭ୍ୟାକସିନେସନ ଆଦି ସେବା ପାଇଁ ଖର୍ଚ୍ଚ କରିବାକୁ ପଡ଼ିତାଏ। ଏ ସମ୍ପର୍କରେ ଗୋଜୁପର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଫତାବ ନକବୀ କହନ୍ତି ଆମର କେତେକ କର୍ମଚାରୀ ମୋନଙ୍କ ପୋଷା ଜୀବଜନ୍ତୁଙ୍କୁ ପରିବାରର ସଦସ୍ୟ ଭାବେ ବିବେଚନା କରିଥାନ୍ତି। ତେଣୁ ଆମେ ସେମାନଙ୍କର ଏପରି ମହତ୍ତ୍ୱପୂର୍ଣ୍ଣ ମନୋଭାବକୁ ସମ୍ମାନ ଜଣାଇ ଏପରି ବ୍ୟବସ୍ଥା କରିଛୁ। ଆଉଗୋଟେ ଘଟଣା ଶୁଣନ୍ତୁ। ଏକ ହୋଟେଲର ଜନୈକ ୨୭ ବର୍ଷୀୟ ଏକଜିକ୍ୟୁଟିଭ୍ ତାଙ୍କର ପୋଷା କୁକୁରର ଦେହ ଖରାପ ହେବାରୁ ସେ ଛୁଟି ମାଗିଥିଲେ। ତେବେ ସେଭଳି ଛୁଟିର ସେଠାରେ କୌଣସି ବ୍ୟବସ୍ଥା ନଥିବା ସତ୍ତ୍ୱେ ତାଙ୍କୁ ଛୁଟି ପ୍ରଦାନ କରାଯାଇଥିଲା। ସେହିପରି ତା'ର ଏକ ରିପେଟଲ୍ ଚେନ କମ୍ପାନି 'ଚାୟୋଜ୍'ରେ ପେଷା ଜୀବଜନ୍ତୁଙ୍କୁ ଦେଖାଶୁଣା ପାଇଁ କୌଣସି ଧରାବନ୍ଧା ନିୟମ ନଥିଲେ ବି ପୋଷା ଜୀବଜନ୍ତୁ ଅସୁସ୍ଥ ହୋଇ ପଡ଼ିଲେ କର୍ମଚାରୀମାନେ ୱାର୍କ ଫ୍ରମ ହୋମ (ଘରେ ରହି କାମ କରିବା) କିମ୍ବା ଛୁଟି ନେଇପାରିବେ।



ବାଙ୍ଗାଲୋରରେ ଜନୈକ ପଶୁଡାକ୍ତର ପଥ୍ୱନ କୁମାର ଇନସୁରାନ୍ସ କମ୍ପାନିଗୁଡ଼ିକ ସହ ପୋଷା ଜୀବଜନ୍ତୁଙ୍କ ପାଇଁ ମେଡ଼ିକାଲ ଇନ୍ସୁରାନ୍ସ କରାଇବା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ତାଙ୍କର କହିବା କଥା ହେଲା ଆମେରିକା, ଇଂଲଣ୍ଡ, ଅଷ୍ଟ୍ରେଲିଆ ଆଦି ଦେଶରେ ପୋଷା ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ମେଡ଼ିକାଲ ଇନ୍ସୁରାନ୍ସ ପଲିସି ରହିଛି। ଆମେ ମଧ୍ୟ ଏଭଳି ଏକ ପ୍ରୟାସ ଜାରି ରଖିଛୁ। ସାଧାରଣତଃ ପୋଷା ଜୀବଜନ୍ତୁଙ୍କ ପ୍ରତି ତା'ର ମାଲିକର ଯଥେଷ୍ଟ ଭଲ ପାଇବା ରହିଥାଏ।। ମାତ୍ର ପୋଷା ଜୀବଜନ୍ତୁଙ୍କ ଲାଳନପାଳନ ଏବଂ ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇଦେବା କ୍ଷେତ୍ରରେ ସଂପୃକ୍ତ ମାଲିକ ତଥା କର୍ମଚାରୀଙ୍କ ପାଇଁ କମ୍ପାନିର ଏଭଳି ଅନେକ ବ୍ୟବସ୍ଥା ଏକ ସକାରାତ୍ମକ ପରିବର୍ତ୍ତନ ବୋଲି ବିବେଚନା କରାଯାଏ।

# ଛାଡ଼ପତ୍ର ପାଇଁ ଦାୟୀ ସୋସିଆଲ ମିଡ଼ିଆ






ଅନଲାଇନରେ ଏକାଧିକ ପ୍ରେମ ସମ୍ପର୍କ ରଖିବା ସକାଶେ ଟେକ୍ନୋଲୋଜି ଦମ୍ପତିଙ୍କ ସମର୍ଥ କରୁଛି ବୋଲି ବିଶେଷଜ୍ଞମାନେ କହୁଛନ୍ତି। ସାଥୀକୁ ପ୍ରତାରଣା ଦେବାର ଏହି ଟ୍ରେଣ୍ଡ ଏତେ ବଢ଼ିଗଲାଣି ଯେ କିଛି ଦମ୍ପତି ଏକ ସଙ୍ଗେ ୫ଟି ପ୍ରେମ ସମ୍ପର୍କ ରଖିଥିବା ମଧ୍ୟ ସାମ୍ନାକୁ ଆସିଛି। ବେଳେବେଳେ ଏହି ସମସ୍ତ ସମ୍ପର୍କ ସୋସିଆଲ ମିଡ଼ିଆ ମାଧ୍ୟମରେ ଗଢ଼ିଉଠୁଥିବା ଜଣାପଡ଼ିଛି। ଲିଖିତ ମେସେଜ ଓ ଡେଟିଂ ଆପରୁ ଲିଙ୍କଡ଼ଇନ ଓ ଫେସବୁକ ଭଳି ସୋସିଆଲ ମିଡ଼ିଆ ସେମାନଙ୍କ ଯୋଗାଯୋଗର ପଦ୍ଧତି ପାଲଟିଛି। ବାହାର ସମ୍ପର୍କ ଯୋଡ଼ିବାକୁ ଟେକ୍ନୋଲୋଜି ସେମାନଙ୍କ ସାଥୀଙ୍କୁ ଉତ୍ସୁକାଉଥିବା ମହକିଲମାନେ ଅଭିଯୋଗ କରୁଛନ୍ତି ବୋଲି ସହକାରୀ ଓକିଲ ଅବିଗାଲି ଲୋଥର କହିଛନ୍ତି। ପୋଷ୍ଟର୍ସ ସ୍ଥିତ ଜୋନ ଏଡ଼ୱାର୍ଡ଼ସ ମଧ୍ୟ ଏ କଥାରେ ସହମତି ଜଣାଇଛନ୍ତି ଯେ ଟେକ୍ନୋଲୋଜି ଓ ସାଥୀଙ୍କ ପ୍ରତାରଣା ମଧ୍ୟରେ ସମ୍ପର୍କରହିଛି। ସେ ଏହା ମଧ୍ୟ କହିଛନ୍ତି ଯେ ଟେକ୍ନୋଲୋଜି ଯୋଗୁଁ ଲୋକଙ୍କ ମଧ୍ୟରେ ଦୂରତା କମିଯାଉଛି। ସେ ଏହା ମଧ୍ୟ କହିଛନ୍ତି ଯେ ଟେକ୍ନୋଲୋଜି ଯୋଗୁଁ ଲୋକଙ୍କ ମଧ୍ୟରେ ଦୂରତା କମିଯାଉଛି। ଫଳରେ ଜଣେ ନିଜ ଘରେ ବସି ସ୍ୱାମୀସ୍ତ୍ରୀଙ୍କୁ ସହଜରେ ଠକିପାରୁଛି। ଆଉ ଜଣେ ସାଥୀ ଥମସନ ସ୍ନେଲ ଆଣ୍ଡ ପାସମୋର୍ ସ୍ଥିତ ଜୋନା ପ୍ରାଟ୍ କହନ୍ତି, ଟେକ୍ନୋଲୋଜି ପ୍ରେମ ସମ୍ପର୍କକୁ ସହଜ କରୁଥିବା ବେଳେ ସାଥୀଙ୍କ ପ୍ରତାରଣାକୁ ମଧ୍ୟ ସହଜରେ ଧରା ପକାଇ ଦେଉଛି।

# ସ୍ତନ କର୍କଟରୁ ସୁରକ୍ଷା



ସ୍ତନ କର୍କଟର ମୁଖ୍ୟ କାରଣ ଜୀବନ-ଶୈଳୀରେ ପରିବର୍ତ୍ତନ। ବିଳମ୍ବରେ ବିବାହ କରିବା, ଶିଶୁକୁ ସ୍ତନ୍ୟପାନ ନକାଇବା, ବ୍ୟାୟାମ ନକରିବା, ଫାଷ୍ଟ ଫୁଡ଼ ଅଧିକ ଖାଇବା, ସୁରା ଓ ଧୂମପାନ ଆଦି କାରଣରୁ ଏହି କର୍କଟ ବଢ଼ିବାରେ ଲାଗିଛି। ସବୁକୁ ନିୟନ୍ତ୍ରିତ କରିବା କଷ୍ଟକର ହୋଇପାରେ, ତେବେ, ଖାଦ୍ୟ-ପାନୀୟ, ବସିବା-ଉଠିବା ବାବଦରେ ତ ଆମେ ସତର୍କ ହୋଇପାରିବା। କେତେକ ସାଧାରଣର ଅଭ୍ୟାସ ପ୍ରତି ଦୃଷ୍ଟିଦେଲେ, ଏଭଳି ରୋଗ ଦାଉରୁ ରକ୍ଷା ପାଇହେବ। ପ୍ରତିଦିନ ୧୨୦ ମିଲିଲିଟର ଅଧିକ ସୁରାପାନ ସ୍ତନ କର୍କଟ କରାଇପାରେ। ବୟସ ତିରିଶ ଟପିବା ପରେ ଗର୍ଭଧାରଣ ବି ଏହାର କାରଣ ହୋଇପାରେ। ଗର୍ଭନିରୋଧୀ ବଟିକା ନିୟମିତ ଖାଇବା ବା ସ୍ରାବ ବନ୍ଦ କରିବା ପାଇଁ ଔଷଧ ଖାଇବା ଅନୁଚିତ। ଏହା ସହ ସ୍ତନ କର୍କଟର ସମ୍ପର୍କ ରହିଛି। ମୋଟା ହେବା, ଅଧିକ ଚିନି ଖାଇବା ବି ଏହାର କାରଣ। ସନ୍ତୁଳିତ ଆହାର, ଅଧିକ ତନ୍ତୁ ଏବଂ ଓମେଗା ୩ ଫ୍ୟାଟି ଏସିଡ଼ଯୁକ୍ତ ଖାଦ୍ୟ ସହ ସପ୍ତାହରେ ପାଞ୍ଚଦିନ ବ୍ୟାୟାମ ଏହି କର୍କଟ ଆଶଙ୍କା ଦୂରକରେ। ଛାତି ବା ସ୍ତନରେ ଯନ୍ତ୍ରଣା, ପିଠିର ଉପରିଭାଗ, କାନ୍ଧ ଓ ବେକରେ କଷ୍ଟ, ସ୍ତନ, କଣ୍ଠୁ, ସ୍ତନର ଆକାରରେ ପରିବର୍ତ୍ତନ, ସ୍ତନ ଭିତରେ ହାତକୁ ଗୁଳା ଲାଗିବା, ସ୍ତନାଗ୍ରରୁ ସ୍ରାବ ଆଦି ଏହାର ଲକ୍ଷଣ ହୋଇପାରେ। ଏଭଳି କିଛି ଅନୁଭୂତ ହେଲେ ସଙ୍ଗେ ସଙ୍ଗେ ପରୀକ୍ଷା କରାଇନେବା ଜରୁରୀ।



# ମଧୁମେହ ରୋଗୀ ସଚେତନ ହୁଅନ୍ତୁ




- ଶରୀରରେ ମେଦ ବଢ଼ିଲେଏ ଇନସୁଲିନର କାର୍ଯ୍ୟକ୍ଷମତା କମିଥାଏ। ତେଣଉ, ମୋଟା ଲୋକେ ମଧଉମେହ ଭୋଗିବା ଆଶଙ୍କା ଅଧିକ।

- ଅଧିକ ମିଠା ଖାଇଲେ ମଧୁମେହ ହେବ ଏହି ଧାରଣା ଭ୍ରମାତ୍ମକ। ଟାଇପ୧ ମଧୁମେହ ଏକ ଅଟୋଇମ୍ୟୁନ ରୋଗ। ଆଉ ଟାଇପ୧ ମଧୁମେହ ବଂଶାନୁଗତ ତଥା ଜୀବନଶୈଳୀ ବଦଳିଲେ ହୋଇଥାଏ।

- ମଧୁମେହ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ହୋଇଥିଲେ ହେଁ ଚିକିତ୍ସା ସମ୍ଭବ। ରୋଗୀ ଏହାର ଗମ୍ଭୀରତା ବାବଦରେ ସର୍ବଦା ଚିନ୍ତା କଲେ, ଫଳ ବିଷମ ହୁଏ। ମଧୁମେହ ରୋଗୀ ମାନସିକ ଅସ୍ଥିରତା ଭୋଗିଲେ ହୃଦରୋଗ ବାହାରେ। ଏ ଭଳି କ୍ଷେତ୍ରରେ ଜୀବନ ବି ଚାଲିଯାଇପାରେ।

- ରୋଗୀ ସର୍ବଦା ସନ୍ତଳିତ ଆହାରକୁ ଗୁରୁତ୍ୱ ଦେବା ଉଚିତ। ଦିନରେ ୬-୭ ଥର ଅଳ୍ପ ଅଳ୍ପ ଖାଇବା ସବୁଠାରୁ ଭଲ।

- ଗ୍ଲାଇସେମିକ ଇଣ୍ଡେକ୍ସ କମ୍ ଥିବା ଫଳ, ଯଥା- ସେଓ, ଅମୃତଭଣ୍ଡା, କମଳା, ମୌସୁମୀ, ନାସପାତି, ଜାମୁକୋଳି, ପିଜୁଳି ଖାଆନ୍ତୁ। କଦଳୀ, ସପୁରି, ତରଭୁଜ, ଅଙ୍ଗୁର, ସେପଟା ଖାଆନ୍ତୁନାହିଁ। ଆଳୁ ସିଝା ଅଳ୍ପ ପରିମାଣରେ ଖାଇପାରିବେ। ଆଲମଣ୍ଡ୍ ଓ ଅଖରୋଟ ନିଶ୍ଚିତ ଭାବେ ଖାଆନ୍ତୁ। ଏହା ଦ୍ୱାରା ଖରାପ କୋଲେଷ୍ଟେରୋଲ ନଷ୍ଟହୁଏ।

- ସର୍ବଦା ନିଜର ବୟସ ଓ ଉଚ୍ଚତା ଅନୁଯାୟୀ ଓଜନ ପ୍ରତି ଦୃଷ୍ଟି ଦିଅନ୍ତୁ। ଏହା ଆବଶ୍ୟକତା ଠାରୁ ସାତ ପ୍ରତିଶତ କମ ରହିବା ଭଲ। ଚିକିତ୍ସକଙ୍କ ସହ ପରାମର୍ଶ କରି ସପ୍ତାହରେପାଞ୍ଚ ଦିନ ହାଲୁକା ବ୍ୟାୟାମ କରନ୍ତୁ।

- ମନେରଖନ୍ତୁ, ଏହା ସଂପୂର୍ଣ୍ଣ ଭଲ ହେବା ଭଳି ରୋଗ ନୁହେଁ। ତେଣୁ, ସଚେତନତା ଜରୁରୀ। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଶୃଙ୍ଖଳିତ ଜୀବନ ସହ ଔଷଧ ସେବନ, ରୋଗକୁ ନିୟନ୍ତ୍ରଣରେ ରଖିଥାଏ।

# ବଦଳୁଥିବା ଜଳବାୟୁରେ ସ୍ୱାସ୍ଥ୍ୟର ଯତ୍ନ



ଆଜିକାଲି କେତେ ବେଳେ ବର୍ଷା ତ କେତେବେଳେ ଖରା, ପୁଣି, କେତେବେଳେ ହଠାତ୍ ଥଣ୍ଡା ପଡ଼ିବ, କିଏ ଜାଣେ। ଏଭଳି ବାରମ୍ବାର ବଦଳୁଥିବା ପାଣି-ପାଗରେ ସାବଧାନ ନରହିଲେ, ରୋଗରେ ପଡ଼ିବାର ଆଶଙ୍କା ଅଧିକ। ଖାଲି ଯେ, ସରଦି-କାଶ ଭୋଗିବେ ତାହା ନୁହେଁ, ମାଲେରିଆ, ମସ୍ତିଷ୍କ ଜର ଭଳି ମାରାତ୍ମକ ରୋଗ ମଧ୍ୟ ଅସ୍ଥିର ଜଳ-ବାୟୁ ଯୋଗୁଁ ହୋଇଥାଏ। ଆର୍ଦ୍ରତା ଅଧିକ ରହୁଥିବାରୁ ଚର୍ମରୋଗ ବି ହୋଇଥାଏ। ଆଲର୍ଜି ଆଶଙ୍କା ସବୁଠାରୁ ଅଧିକ। ଏବେ ପାଗ ବଦଳୁଥିବାରୁ ଅଧିକ ସାବଧାନ ରହନ୍ତୁ। ଏହି ସମୟରେ ଜୀବାଣୁ, ଭୀତାଣୁ ଅଧିକ ସିକ୍ରିୟ ଥାଆନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ପିଲାଙ୍କ ସ୍ୱାସ୍ଥ୍ୟ। କାରଣ ରୋଗରୁ ରକ୍ଷା ଦେଉଥିବା ଖାଦ୍ୟ ଖାଇବାକୁ ସେମାନେ ଭଲପାଆନ୍ତି ନାହିଁ। ସେମାନେ ଯେପରି ପୁଷ୍ଟିକର, ସନ୍ତୁଳିତ ଖାଦ୍ୟ ଖାଇବେ, ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ପାଣି ଫୁଟାଇ ପିଅନ୍ତୁ। ଚାହାରେ ଅଦା ଛେଚି ପକାନ୍ତୁ। ତାଜା ଫଳ ଓ ସବୁଜ ପନିପରିବା ପର୍ଯ୍ୟାପ୍ତ ପରିମାଣରେ ଖାଆନ୍ତୁ। ଜଳଖିଆରେ ଦଲିୟା ଖାଆନ୍ତୁ। ପାନ୍ତିହେଲେ, ଲେମ୍ବୁ ରସ, ଲୁଣ ଓ ଚିନି ପାଣିରେ ମିଶାଇ ପିଅନ୍ତୁ। ତବଚାରେ ମଏଶ୍ଚରାଇଜର୍ ଲଗାନ୍ତୁ। ସପ୍ତାହରେ ତିନି ଦିନ ସ୍ନାନ ପୂର୍ବରୁ ସାରା ଦେହରେ ନଡ଼ିଆ ତେଲ ମାଲିସ କରନ୍ତୁ।



# ଲୁମ୍ବର୍ ସ୍ପଣ୍ଡିଲାଇଟିସ୍...




ଆରଥ୍ରାଇଟିସର ଏକ ମୁଖ୍ୟ ରୂପ ହେଉଛି 'କଟି କଶେରୁକ ସନ୍ଧିପ୍ରଦାହ' ବା 'ଲୁମ୍ବର ସ୍ପଣ୍ଡିଲାଇଟିସ। ଏହି ରୋଗର ଚିକିତ୍ସା କରାନଗଲେ, ସାଧାରଣତଃ, ମେରୁଦଣ୍ଡର ଅସ୍ଥି କ୍ଷତିଗ୍ରସ୍ତ ହୁଏ। ଚାଳିଶବର୍ଷ ଟପିବା ପରେ ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ଏହାର ଲକ୍ଷଣ ଦେଖାଦେଇପାରେ। ଭୁଲ୍ ଭାବେ ବସି କାମ କରିବା, ଏହାର ଏକ ମୁଖ୍ୟ କାରଣ। ବସିବା ଓ ଚାଲିବା ବେଳେ ମେରୁଦଣ୍ଡ ସିଧା ନରଖିବା, ଅଧିକ ସମୟ ଦୁଇ ଚକିଆ ଯାନରେ ବସିବା, କମ୍ପ୍ୟୁଟର ନିକଟରେ ଘଣ୍ଟାଘଣ୍ଟାଧରି ବସିରହିବା, ବେକ ଝୁଙ୍କାଇ ଫୋନରେ ଅଧିକ ସମୟ ଗପିବା, କାଲସିଅମର ଅଭାବ ଯୋଗୁଁ ମଧ୍ୟ ଏହା ହୋଇପାରେ। ଚିକିତ୍ସା କରାନଗଲେ କଟି, ଗ୍ରୀବାରେ ଯନ୍ତ୍ରଣା ହୁଏ। ଯନ୍ତ୍ରଣା ଧୀରେ ଧୀରେ ବଢ଼େ। ରୋଗ ଗମ୍ଭୀର ହେଲେ କାନ୍ଧ, ଅଣ୍ଟାଧରେ, ବସିବା-ଉଠିବା କାମ କରିବା କଠିନ ହୁଏ। ରୋଗ କ୍ଷେତ୍ରରେ ଶୀଘ୍ର ଚିକିତ୍ସା ହିଁ ସଫଳ ଚିକିତ୍ସା। ହାଡ଼ ଭିତରେ ଥିବା ତରଳ ପଦାର୍ଥ ଶୁଖିଯିବା ସହ ଏହି ରୋଗ ସଂପର୍କିତ। ତେଣୁ ପ୍ରଥମାବସ୍ଥାରେ ତରଳ ପଦାର୍ଥର ପୂର୍ବ-ସ୍ଥିତି ଫେରାଇଆଣିବା ପାଇଁ ଓଜୋନ୍ ଥେରାପି କରାଯାଏ। ଏହି ଥେରାପର ସଫଳତା ହାର ୮୦-୮୫ ପ୍ରତିଶତ। ରୋଗ ଗମ୍ଭୀର ଅବସ୍ଥାରେ ପହଞ୍ଚିସାରିଥିଲେ ରେଡ଼ିଓ ଫ୍ରିକ୍ୱେନ୍ସିର ପ୍ରୟୋଗ କରାଯାଏ। ଅତି ଗମ୍ଭୀର ପରିସ୍ଥିତିରେ ନ୍ୟୁକ୍ଲିଓପ୍ଲାଷ୍ଟି, ଏନିଲୋପ୍ଲାଷ୍ଟି ଓ ରୋବୋଟିକ ସର୍ଜରିର ଆଶ୍ରୟ ନିଆଯାଏ। ଅର୍ଥାତ୍, ରୋଗ ଯେତେ ଯେତେ ପୁରୁଣା ହେଉଥିବ,ସମସ୍ୟା ବଢ଼ିଚାଲିବ। ତେଣୁ, ଏ ବାବଦରେ ସତର୍କତା ସଚେତନତା ସବୁଠାରୁ ଜରୁରୀ।

# ପ୍ରସାଦ ବୋଲିହେବା ପରମ୍ପରା

ଭକ୍ତାମନେ ମନ୍ଦିରରେ ଲାଗି ହେଉଥିବା ନୈବେଦ୍ୟକୁ ପ୍ରସାଦ ରୂପେ ଗ୍ରହଣ କରି ଆନନ୍ଦ ପାଇଥାନ୍ତି। କିନ୍ତୁ କେତେକ ସ୍ଥାନରେ ସେହି ପ୍ରସାଦକୁ ନଖାଇ ଦେହରେ ବୋଲିଲେ ଆନନ୍ଦ ଓ ମୁକ୍ତି ମିଳେ ବୋଲି ଭକ୍ତମାନେ ବିଶ୍ୱାସ କରନ୍ତି। ହିମାଚଳ ପ୍ରଦେଶଣ କାଙ୍ଗଡ଼ା ଜିଲ୍ଲାରେ ରହିଛି ବ୍ରଜେଶ୍ୱର ଶକ୍ତିପୀଠ। ମାଘ ମାସରେ ଏହି ପୀଠରେ ପ୍ରବଳ ଜନସମାଗମ ହୋଇଥାଏ। ଏହି ପୀଠରେ ମା'ଙ୍କୁ ଲାଗି ହେଉଥିବା ଘିଅ ଓ ଲହୁଣିକୁ ଭକ୍ତମାନେ ଦେହରେ ବୋଲିହୋଇଥାନ୍ତି। ଏହି ପରମ୍ପରା ବହୁ ପ୍ରାଚୀନ କାଳରୁ ପ୍ରଚଳିତ ହୋଇ ଆସୁଛି ବୋଲି ସ୍ଥାନୀୟ ବ୍ରାହ୍ମଣ ତଥାଭକ୍ତମାନେ ମତ ଦିଅନ୍ତି। ଏହି ପ୍ରସାଦକୁ ଶରୀରରେ ବୋଳିବା ଦ୍ୱବରା ବହୁ ଦୂରାରୋଗ୍ୟରୁ ମୁକ୍ତିମିଳେ ବୋଲି ଭକ୍ତମାନେ ବିଶ୍ୱାସ କରିଥାନ୍ତି। କୁହାଯାଏ ଜଳନ୍ଧର ଅସୁର ସହିତ ଯୁଦ୍ଧ କରିବା ସମୟରେ ମାତା ବ୍ରଜେଶ୍ୱରୀଙ୍କ ଶରରରେ ଆଘାତ ଲାଗିଥିଲା। ମାତାଙ୍କୁ ଏହି କଷ୍ଟରୁ ମୁକ୍ତି ଦେବା ଲାଗି ଦେବଗଣ ମାତାଙ୍କ ଶରୀରରେ ଘିଅ ଓ ଲହୁଣୀ ଲେପନ କରିଥିଲେ। ଯାହାଫଳରେ ମାତା ଆରୋଗ୍ୟ ଲାଭ କରିଥିଲେ। ଏହି ପରମ୍ପରା ଅନୁସାରେ ମାତାଙ୍କୁ ଗୁଆଘିଅ ଓ ଲହୁଣି ଅର୍ପଣ କରାଯାଇଥାଏ। ଏହାକୁ ଭକ୍ତାମନେ ପ୍ରସାଦ ଭାବି ସେବନ ନକରି ଶରୀରରେ ଲଗାଇ ଆସୁଛନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନ୍ୟାୟାଳୟଙ୍କ ନିର୍ଦ୍ଦେଶ: ବୁଲା କୁକୁର ପରିଚାଳନାର ନୂଆ ଦିଗ

ଆଜିର ସମାଜରେ ବୁଲା କୁକୁରଙ୍କ ସମସ୍ୟା କେବଳ ଏକ ପରିବେଶଗତ ଚିନ୍ତା ନୁହେଁ, ବରଂ ଏହା ମାନବିକତା, ଜନସୁରକ୍ଷା ଏବଂ ସରକାରୀ ନୀତିର କାର୍ଯ୍ୟକାରିତା ସହିତ ଜଡିତ ଏକ ଜଟିଳ ପ୍ରସଙ୍ଗ । ନିକଟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହା ସମଗ୍ର ଦେଶରେ ବୁଲା କୁକୁରଙ୍କ ପରିଚାଳନା ଏବଂ ସେମାନଙ୍କୁ ଖାଦ୍ୟ ପ୍ରଦାନ ସମ୍ବନ୍ଧରେ ଏକ ନୂତନ ଦିଗଦର୍ଶନ ଦେବାର ସମ୍ଭାବନା ରଖିଛି । ନଭେମ୍ବର ୩ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ବିକ୍ରମ ନାଥ, ସନ୍ଦୀପ ମେହେତା ଏବଂ ଏନ.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ସରକାରୀ କାର୍ଯ୍ୟାଳୟ ପରିସରରେ ବୁଲା କୁକୁରଙ୍କୁ ଖାଦ୍ୟ ପ୍ରଦାନ କରିବା ପ୍ରସଙ୍ଗକୁ ଗୁରୁତର ସହ ନେଇଛନ୍ତି। ଏହି ପଦକ୍ଷେପ ପୂର୍ବରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀର ଉଲ୍ଲଂଘନ ବୋଲି ଅଦାଲତ ମତ ରଖିଛନ୍ତି, ଯେଉଁଥିରେ କୁକୁରଙ୍କୁ ଖାଦ୍ୟ ଦେବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରିବାକୁ କୁହାଯାଇଥିଲା।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ମନ୍ତବ୍ୟ ଏକ ବୃହତ୍ତର ପ୍ରସଙ୍ଗକୁ ସୂଚାଉଛି: ସହରାଞ୍ଚଳରେ ମାନବ-ପଶୁ ସମ୍ପର୍କର ପରିଚାଳନା । ବୁଲା କୁକୁରଙ୍କୁ ଖାଦ୍ୟ ଦେବା ଏକ ମାନବୀୟ ପ୍ରବୃତ୍ତି ହୋଇପାରେ, କିନ୍ତୁ ଯେତେବେଳେ ଏହା ଅନିୟନ୍ତ୍ରିତ ଭାବରେ ସରକାରୀ ପ୍ରତିଷ୍ଠାନ ଏବଂ ସର୍ବସାଧାରଣ ସ୍ଥାନରେ ଘଟେ, ଏହା ବିଭିନ୍ନ ସମସ୍ୟା ସୃଷ୍ଟି କରେ । ଅଦାଲତ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ସରକାରୀ ଅନୁଷ୍ଠାନ ଏବଂ ସାର୍ବଜନୀନ କ୍ଷେତ୍ରର ଉଦ୍ୟୋଗଗୁଡ଼ିକରେ କର୍ମଚାରୀମାନେ ବୁଲା କୁକୁରଙ୍କୁ ଖାଇବାକୁ ଦେଇ ସେମାନଙ୍କୁ ଉତ୍ସାହିତ କରୁଛନ୍ତି, ଯାହା ପରିସ୍ଥିତିକୁ ଅଧିକ ଜଟିଳ କରୁଛି । ଏହି ପ୍ରସଙ୍ଗରେ ନଭେମ୍ବର ୭ ତାରିଖରେ ନିର୍ଦ୍ଦେଶାବଳୀ ଜାରି କରାଯିବ ବୋଲି ଅଦାଲତ ଘୋଷଣା କରିଛନ୍ତି।

ଏହି ପ୍ରସଙ୍ଗର ମୂଳକୁ ଯିବାକୁ ହେଲେ, ଆମକୁ ୨୦୨୩ ମସିହାର ପଶୁ ଜନ୍ମ ନିୟନ୍ତ୍ରଣ (ABC) ନିୟମାବଳୀକୁ ଦେଖିବାକୁ ପଡିବ, ଯାହାକି ୧୯୬୦ ମସିହାର ପଶୁ ନିର୍ଯ୍ୟାତନା ନିବାରଣ ଅଧିନିୟମ ଅଧୀନରେ ପ୍ରସ୍ତୁତ ହୋଇଛି । ଏହି ନିୟମାବଳୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବୁଲା କୁକୁରଙ୍କ ସଂଖ୍ୟାକୁ ନିୟନ୍ତ୍ରଣ କରିବା ଏବଂ ସେମାନଙ୍କୁ ମାନବୀୟ ଉପାୟରେ ପରିଚାଳନା କରିବା । ସର୍ବୋଚ୍ଚ ନ୍ୟାୟାଳୟ ଅଗଷ୍ଟ ୨୨ ତାରିଖରେ ଦେଇଥିବା ନିର୍ଦ୍ଦେଶରେ ସମସ୍ତ ମ୍ୟୁନିସିପାଲିଟି ସଂସ୍ଥାକୁ ପ୍ରତ୍ୟେକ ୱାର୍ଡରେ ବୁଲା କୁକୁରଙ୍କୁ ଖାଦ୍ୟ ଦେବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରିବାକୁ କହିଥିଲେ। ଏହାର ମୁଖ୍ୟ କାରଣ ଥିଲା ଅନିୟନ୍ତ୍ରିତ ଖାଦ୍ୟ ପ୍ରଦାନ ଯୋଗୁଁ ଘଟୁଥିବା ଅବାଞ୍ଛିତ ଘଟଣା ଯାହା ସାଧାରଣ ଲୋକଙ୍କ ପାଇଁ ଅନେକ ଅସୁବିଧା ସୃଷ୍ଟି କରୁଥିଲା। ଏହା ସ୍ପଷ୍ଟ ଯେ, ଅଦାଲତ କେବଳ କୁକୁରଙ୍କ କଲ୍ୟାଣ ନୁହେଁ, ବରଂ ଜନସାଧାରଣଙ୍କ ସୁରକ୍ଷା ଏବଂ ସୁବିଧାକୁ ମଧ୍ୟ ସମାନ ଗୁରୁତ୍ୱ ଦେଉଛନ୍ତି ।

ତେବେ, ଏହି ନିର୍ଦ୍ଦେଶାବଳୀର କାର୍ଯ୍ୟକାରିତା କ୍ଷେତ୍ରରେ ଅନେକ ବାଧାବିଘ୍ନ ଦେଖାଦେଇଛି । ଅଦାଲତଙ୍କ ଅଗଷ୍ଟ ନିର୍ଦ୍ଦେଶ ପରେ ତିନି ମାସ ବିତିଯାଇଥିଲେ ମଧ, ଅଧିକାଂଶ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ସେମାନଙ୍କ ସ୍ଥାନୀୟ ସଂସ୍ଥା ଦ୍ୱାରା ABC ନିୟମାବଳୀର କାର୍ଯ୍ୟକାରିତା ଉପରେ ଅନୁପାଳନ ରିପୋର୍ଟ ଦାଖଲ କରିବାରେ ବିଫଳ ହୋଇଛନ୍ତି । ଏହାକୁ ଗୁରୁତର ସହ ନେଇ ଅଦାଲତ ନଭେମ୍ବର ୩ ତାରିଖରେ ପଶ୍ଚିମବଙ୍ଗ, ତେଲେଙ୍ଗାନା ଏବଂ କେରଳ ବ୍ୟତୀତ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବମାନଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ସରକାରୀ ସ୍ତରରେ ନିୟମର କାର୍ଯ୍ୟକାରିତାରେ ଥିବା ଉଦାସୀନତା ଏବଂ ଅବହେଳାକୁ ସ୍ପଷ୍ଟ ଭାବରେ ଦର୍ଶାଉଛି। ଦିଲ୍ଲୀର ମୁଖ୍ୟ ଶାସନ ସଚିବଙ୍କୁ ମଧ ବ୍ୟକ୍ତିଗତ ଭାବେ ହାଜର ହେବାକୁ କୁହାଯାଇଥିଲା, ଯାହା ଏହି ପ୍ରସଙ୍ଗର ଗୁରୁତ୍ୱକୁ ଆହୁରି ବଢ଼ାଇ ଦେଇଛି।

ବୁଲା କୁକୁରଙ୍କୁ ଖାଦ୍ୟ ଦେବା ଏକ ଭାବନାତ୍ମକ ପ୍ରସଙ୍ଗ । ଅନେକ ଲୋକ ସେମାନଙ୍କ ପ୍ରତି ସହାନୁଭୂତି ରଖି ଖାଦ୍ୟ ଦିଅନ୍ତି, ଯାହାକି ପ୍ରଶଂସନୀୟ । କିନ୍ତୁ ଏହି ସହାନୁଭୂତି ଯେତେବେଳେ ଅନିୟନ୍ତ୍ରିତ ହୁଏ, ଏହା ଅନ୍ୟ ସମସ୍ୟା ସୃଷ୍ଟି କରେ । ଅନିୟନ୍ତ୍ରିତ ଖାଦ୍ୟ ପ୍ରଦାନ କୁକୁରମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକତ୍ରିତ ହେବାକୁ ଉତ୍ସାହିତ କରେ, ଯାହା ସେମାନଙ୍କର ସଂଖ୍ୟା ବୃଦ୍ଧି କରିବା ସହିତ ଆକ୍ରମଣାତ୍ମକ ଆଚରଣ ଏବଂ ରୋଗ ବ୍ୟାପିବାର ଆଶଙ୍କା ବଢ଼ାଏ । ସର୍ବସାଧାରଣ ସ୍ଥାନରେ, ବିଶେଷ କରି ସରକାରୀ କାର୍ଯ୍ୟାଳୟ ପରିସରରେ, ଏହିପରି ପରିସ୍ଥିତି କର୍ମଚାରୀ ଏବଂ ସାଧାରଣ ଜନତାଙ୍କ ପାଇଁ ଅସୁରକ୍ଷିତ ପରିବେଶ ସୃଷ୍ଟି କରିଥାଏ । ଅଦାଲତଙ୍କ ନିର୍ଦ୍ଦେଶାବଳୀର ମୂଳ ଲକ୍ଷ୍ୟ ହେଉଛି ଏହି ସମସ୍ୟାକୁ ଏକ ସନ୍ତୁଳିତ ଉପାୟରେ ସମାଧାନ କରିବା । ଏହା କୁକୁରମାନଙ୍କୁ ଖାଦ୍ୟ ଦେବାକୁ ସମ୍ପୂର୍ଣ୍ଣ ରୂପେ ବାରଣ କରୁନାହିଁ, ବରଂ ଏହାକୁ ଏକ ନିୟନ୍ତ୍ରିତ ଏବଂ ସୁରକ୍ଷିତ ଢଙ୍ଗରେ କରିବାକୁ ଆହ୍ୱାନ କରୁଛି।

ଏହି ପ୍ରସଙ୍ଗରେ କେବଳ ନିୟମ ପ୍ରଣୟନ କରିବା ଯଥେଷ୍ଟ ନୁହେଁ, ବରଂ ଏହାର ସଠିକ୍ କାର୍ଯ୍ୟକାରିତା ଏବଂ ଜନସାଧାରଣଙ୍କ ସଚେତନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦିଷ୍ଟ ଖାଦ୍ୟ ପ୍ରଦାନ କ୍ଷେତ୍ରଗୁଡ଼ିକୁ ସଠିକ୍ ଭାବରେ ଚିହ୍ନଟ କରିବା ଏବଂ ସେଗୁଡ଼ିକର ରକ୍ଷଣାବେକ୍ଷଣ କରିବାକୁ ପଡିବ । ଏଥିସହ, ABC କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବା ଆବଶ୍ୟକ, ଯେଉଁଥିରେ କୁକୁରମାନଙ୍କର ବନ୍ଧ୍ୟାକରଣ, ଟୀକାକରଣ ଏବଂ ପରିତ୍ୟକ୍ତ କୁକୁରମାନଙ୍କୁ ଆଶ୍ରୟସ୍ଥଳୀରେ ରଖିବା ଭଳି ପଦକ୍ଷେପ ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟକ୍ରମଗୁଡ଼ିକ କୁକୁରଙ୍କ ସଂଖ୍ୟାକୁ ନିୟନ୍ତ୍ରଣ କରିବାରେ ଏବଂ ସେମାନଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସହାୟକ ହେବ।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି 'ସୁଓ ମୋଟୋ' (ସ୍ୱତଃ ପ୍ରବୃତ୍ତ) କାର୍ଯ୍ୟାନୁଷ୍ଠାନ ଏକ ଜାତୀୟ ନୀତି ପ୍ରଣୟନ କରିବାର ଲକ୍ଷ୍ୟ ରଖିଛି। ଏହାର ଅର୍ଥ ହେଉଛି, କେବଳ କିଛି ସହର ବା ରାଜ୍ୟରେ ନୁହେଁ, ବରଂ ସମଗ୍ର ଦେଶରେ ବୁଲା କୁକୁର ପରିଚାଳନା ପାଇଁ ଏକ ସମନ୍ୱିତ ଏବଂ ସୁସଙ୍ଗତ ଢାଞ୍ଚା ପ୍ରସ୍ତୁତ କରିବା । ଏଥିପାଇଁ କେନ୍ଦ୍ର, ରାଜ୍ୟ ଏବଂ ସ୍ଥାନୀୟ ପ୍ରଶାସନ ମଧ୍ୟରେ ସହଯୋଗ ଅପରିହାର୍ଯ୍ୟ। ପଶୁ କଲ୍ୟାଣ ସଂଗଠନ, ସ୍ୱେଚ୍ଛାସେବୀ ଏବଂ ଜନସାଧାରଣଙ୍କୁ ମଧ୍ୟ ଏହି ପ୍ରୟାସରେ ସାମିଲ କରିବା ଆବଶ୍ୟକ । ଜନସାଧାରଣଙ୍କୁ ସଚେତନ କରିବା ଏବଂ ସେମାନଙ୍କୁ ନିୟମାବଳୀର ମହତ୍ତ୍ୱ ବୁଝାଇବା ଦ୍ୱାରା ହିଁ ଏହି ନୀତିଗୁଡ଼ିକ ସଫଳ ହୋଇପାରିବ।

ଏହି ପ୍ରସଙ୍ଗର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ମାନବିକତା ଏବଂ ବାସ୍ତବତା ମଧ୍ୟରେ ସନ୍ତୁଳନ । କୁକୁରମାନେ ମଧ ଜୀବ ଏବଂ ସେମାନଙ୍କ ପ୍ରତି ସହାନୁଭୂତି ରଖିବା ଆବଶ୍ୟକ । କିନ୍ତୁ ଏହା ସାଧାରଣ ନାଗରିକଙ୍କ ସୁରକ୍ଷା ଏବଂ ସୁବିଧାକୁ ବଳି ଦେଇ ହେବ ନାହିଁ। ନିର୍ଦ୍ଦିଷ୍ଟ ଖାଦ୍ୟ ପ୍ରଦାନ କ୍ଷେତ୍ରଗୁଡ଼ିକ ଏହି ସନ୍ତୁଳନ ବଜାୟ ରଖିବାରେ ସହାୟକ ହେବ । ଏହା କୁକୁରମାନଙ୍କୁ ଖାଦ୍ୟ ଯୋଗାଇବା ସହିତ ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସୀମିତ ରଖିବାରେ ସାହାଯ୍ୟ କରିବ, ଯାହାଦ୍ୱାରା ସାଧାରଣ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ ।

# ସନାତନ ଧର୍ମ ଓ ଏହାର ସ୍ୱରୂପ



**ଗୋପାଳ ମହାପାତ୍ର**

ସନାତନ ଧର୍ମକୁ ନେଇ ଏବେ ଅନେକ ବିମର୍ଷ ଚାଲିଛି। ପ୍ରକୃତରେ ସନାତନ ସଂସ୍କୃତି ନା ସନାତନ ଧର୍ମ ସେ ବାବଦରେ ତର୍ଜମା କରାଯିବାର ମଧ ଆବଶ୍ୟକତା ରହିଛି। ଏ ପ୍ରସଙ୍ଗରେ ଶ୍ରୀମଦ୍ ଭଗବଦଗୀତା ଏବଂ ମହାଭାରତ ଭଳି ଗ୍ରନ୍ଥ ମାନଙ୍କରେ କ'ଣ ଉଲ୍ଲେଖ ରହିଛି ସେ ବାବଦରେ ଜାଣିବାର ଆବଶ୍ୟକତା ରହିଛି। ଶ୍ରୀମଦ୍ ଭଗବଦ୍‌ଗୀତାର ପ୍ରଥମ ଅଧ୍ୟାୟର ୩୯ତମ ଶ୍ଳୋକରେ ଉଲ୍ଲେଖ କରାଯାଇଛି – "କୂଳ କ୍ଷୟେ ପ୍ରଣଶ୍ୟନ୍ତି କୂଳଧର୍ମାଃ ସନାତନଃ।" ଏହାର ଅର୍ଥର ହେଉଛି କୂଳର ନାଶ ହେଲେ ସନାତନ ବଂଶ ପରମ୍ପରା ନାଶ ହୋଇଯିବ। ଫଳତଃ ସନାତନ ଧର୍ମର ମଧ ବିନାଶ ଘଟିବ। "ଗୀତା"ର ଦ୍ୱିତୀୟ ଅଧ୍ୟାୟରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି – ହେ ଅର୍ଜୁନ "ଅବିନାଶି ତୁ ତଦ୍‌ବିଦ୍ଧି ଯେନ ସର୍ବମିଦଂ ତତମ୍" ( ଗୀତାର ୨ୟ ଅଧ୍ୟାୟଶ୍ଳୋକ ୧୭) ଏହାର ଅର୍ଥ ହେଉଛି ଯାହା ସଂପୂର୍ଣ୍ଣ ଶରୀରରେ ବ୍ୟାପ୍ତ ହୋଇ ରହିଛି ତାହା ଅବିନାଶୀ ଅଟେ ଓ ଏହା ଆତ୍ମା ଅଟେ। ସେହି ଦ୍ୱିତୀୟ ଅଧ୍ୟାୟରେ ଶ୍ଳୋକ ୧୬ରେ "ନାଭାବୋ ବିଦ୍ୟତେ ସତଃ ଉଲ୍ଲେଖ ଅଛି। ସେହି ସତ୍‌ର ଅଭାବ କେଉଁଠି ନାହିଁ ଅର୍ଥାତ୍ ସେହି ସତ୍ ସବୁଠି ବିଦ୍ୟମାନ। ତାକୁ ଅଗ୍ନି ଜଳାଇ ପାରିବ ନାହିଁ। ସେହି ୨ୟ ଅଧ୍ୟାୟରେ ୨୪ ତମ ଶ୍ଳୋକରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି "ନିତ୍ୟ ସର୍ବଗତଃ ସ୍ଥାଣୁର୍ ଚଳୋୟଂ ସନାତନଃ।" ସେହି ହିଁ ନିତ୍ୟ ଓ ସର୍ବବ୍ୟାପି ଅଟେ। ତାହା ସ୍ଥିର ଅଟେ ଓ ଏକମାତ୍ର ସନାତନ ଅଟେ।

ଗୀତା ଅନେକ ଲୋକ ପଢ଼ନ୍ତି ବୁଝନ୍ତି କିନ୍ତୁ କିଛି ଲୋକ ଏହାକୁ ବୁଝି ପାରନ୍ତି ନାହିଁ। ଗୀତାରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଆତ୍ମା ହେଉଛି ସନାତନ ଯାହାକୁ ପରମାତ୍ମା ସ୍ୱରପ ବୋଲି କୁହାଯାଇଛି। ଯିଏ ପରମାତ୍ମାଙ୍କ ପ୍ରତି ସଚେତ ସେ ହିଁ ସନାତନ ଧର୍ମର ପାଳନ କରିଥାଏ। ସନାତନ ଧର୍ମର ଲକ୍ଷହେଉଛି ମୋକ୍ଷ। ଏହି ମୋକ୍ଷ ପ୍ରାପ୍ତି ପାଇଁ ହୃଦୟରେ ସ୍ଥିତ ସେଇ ସତ୍ୟ ସ୍ୱରପ ପରମାତ୍ମାରେ ଲୀନ ହେବା ଆବଶ୍ୟକ। ଏହାକୁ ଆତ୍ମ ନିୟନ୍ତ୍ରଣ ଦ୍ୱାରା ପ୍ରାପ୍ତ କରିହୁଏ। କୌଣସି ବାହାର ସଂସାରରେ ନୁହେଁ ନିଜ ଭିତରେ ସନାତନ ପରମାତ୍ମାଙ୍କୁ ଖୋଜିବା ଆବଶ୍ୟକ। ସନାତନ ସତ୍ୟ ପାଇଁ ଯେଉଁ ଧର୍ମ ପ୍ରେରିତ କରିଥାଏ ତାହା ହେଉଛି ସନାତନ ଧର୍ମ। ସ୍ପଷ୍ଟ ଭାବରେ କୁହାଯାଇପାରେ ଯେ ସନାତନ ଧର୍ମ ସେଇ ମୂଲ୍ୟକୁ ଇଙ୍ଗିତ କରିଥାଏ ଯାହା ଅପରିବର୍ତ୍ତନୀୟ ଅଟେ ଆତ୍ମା, ବ୍ରହ୍ମ, ପ୍ରକୃତିର ମୂଳତତ୍ତ୍ୱ ଓ ମୋକ୍ଷ। ଏସବୁ ସଦା ସତ୍ୟ ଅଟେ। ଏସବୁ ତତ୍ତ୍ୱକୁ ଆପଣେଇ ଏହି ଅନୁସାରେ ଅଚରଣ ବ୍ୟବହାରକୁ ବ୍ୟବସ୍ଥିତ କରିବାକୁ ସନାତନ ଧର୍ମ ଶିକ୍ଷା ଦେଇଥାଏ।

ଏସବୁ ସତ୍ୟର ଜ୍ଞାନ ପାଇଁ ଅନେକ ମହାପୁରୁଷ ଭିନ୍ନ ଭିନ୍ନ ବାଟ ବତାଇଛନ୍ତି। ଋଗ୍‌ବେଦରେ କୁହାଯାଇଛି – "ଏକ୍ ସଦ୍‌ବିପ୍ରାବହୁଧା ବଦନ୍ତି" ଅର୍ଥାତ୍ ଏକ୍ ହିଁ ସତ୍ୟ କୁ ବିଜ୍ଞ ପୁରୁଷ ମାନେ ଭିନ୍ନଭିନ୍ନ ଭାବରେ ବ୍ୟାଖ୍ୟା କରିଛନ୍ତି କିନ୍ତୁ ସତ୍ୟ ସର୍ବଦା ଏକ୍ ରହିଛି। ଏକଥା ମହାଭାରତ ଗ୍ରନ୍ଥରେ ମଧ କୁହାଯାଇଛି। ମହାଭାରତର ବନପର୍ବ ଆରଣେୟ ପର୍ବରେ ଏ ପ୍ରସଙ୍ଗରେ ବର୍ଣ୍ଣନା କରାଯାଇଛି। ଧର୍ମର ତତ୍ତ୍ୱ ଗୁଢ଼ ଏଣୁ ମହାପୁରୁଷ ମାନେ ଯେଉଁ ମାର୍ଗ ଦେଖାଇଛନ୍ତି ତାକୁ ଅନୁସରଣ କରିବା ଉଚିତ୍। ମହାପୁରୁଷ ମାନେ ଭିନ୍ନଭିନ୍ନ ବ୍ୟାଖ୍ୟା କରିଥିବା କାରଣରୁ ସନାତନ ଧର୍ମରେ ଅନେକ ମତର ସମାବେଶ ଦେଖିବାକୁ ମିଳିଥାଏ। ମହାଭାରତରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଧର୍ମର ସ୍ୱରପ ବାବଦରେ ବୁଝାଇ କହିଛନ୍ତି ଯେ କେତେକ ଧର୍ମକୁ ତର୍କ ଦ୍ୱାରା ଜାଣିବା ପାଇଁ ପ୍ରୟାସ କରିଥାନ୍ତି ତ ଆଉ କେତେକ ବେଦ ମାନଙ୍କରେ (୪ବେଦ) ଧର୍ମକୁ ଖୋଜିଥାନ୍ତି। କିନ୍ତୁ ବିଜ୍ଞ ମହାପୁରୁଷ ମାନେ ଏକ୍ ବା ଗୋଟିଏ ଧର୍ମର ବାସ୍ତବିକ୍ ସ୍ୱରପ କଥା କହିଥାନ୍ତି।

ମହାଭାରତର କର୍ଣ୍ଣପର୍ବରେ ଉଲ୍ଲେଖ ରହିଛି "ଯତ୍ ସ୍ୟାଦ୍ ହିଁସା ସଂଯୁକ୍ତ ସ ଧର୍ମଇତି ନିଷ୍ଟୟଃ।" (ଯତ୍ ସ୍ୟାତ୍ ଅହିଁସା ଯୁକ୍ତ ସ ଧମ; ଇତି ନିଷ୍ଟୟଃ) ଅର୍ଥାତ୍ ଅହିଁସା ହିଁ ପରମ ଧର୍ମ। ଯେଉଁ ପ୍ରାଣୀର ମନ ବଚନ କର୍ମରେ ହିଂସା ନଥାଏ ସେ ହିଁ ବାସ୍ତବିକ୍ ସନାତନ ଧର୍ମୀ। ଶ୍ରୀମଦ୍ ଭାଗବତ୍ ମହାପୁରାଣରେ ଧର୍ମର କିଛି ଲକ୍ଷଣ ବାବଦରେ ବର୍ଣ୍ଣନା କରାଯାଇଛି। ବର୍ଣ୍ଣନା ଅନୁସାରେ ସତ୍ୟ, ଦୟା, ତପସ୍ୟା, ଶୌଚ, ମନର ସଂଯମ, ଅହିଁସା, ବ୍ରହ୍ମଚର୍ଯ୍ୟ ପାଳନ, ତ୍ୟାଗ, ସ୍ୱାଧ୍ୟାୟ, ସନ୍ତୋଷ, ସେବା, ସମଦର୍ଶୀ, କ୍ଷମା ଉଚିତ୍ ଅନୁଚିତର ଜ୍ଞାନ ହେଉଛି ଧର୍ମର ଲକ୍ଷଣ। ସେଇ ଶ୍ରୀମଦ୍ ଭାଗବଦ୍ ମହାପୁରାଣରେ ଉଲ୍ଲେଖ ଅଛି ଯେ ଏସବୁ ଲକ୍ଷଣକୁ ଆଚରଣରେ ପରିଲକ୍ଷିତ କରିପାରିଲେ ଧର୍ମ ପ୍ରତିଷ୍ଠିତ ହୋଇଥାଏ। ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ଅଛି :- "ସନ୍ତୋଷ ମୂଳତ୍ୟାଗାତ୍ମା ଜ୍ଞାନାଧିଷ୍ଠା ନ ମୁଚ୍ୟତେ। ଅପବର୍ଗମାତି ର୍ନିତ୍ୟୋ ଯାତିଧର୍ମଃ ସନାତନଃ।" ଯେଉଁଠି ସନ୍ତୋଷ ରହିଛି, ତ୍ୟାଗ ରହିଛି, ଜ୍ଞାନଦାୟୀନୀ ବୁଦ୍ଧି ରହିଛି, ବ୍ରହ୍ମ ସାକ୍ଷାତ୍‌କାର ପାଇଁ ଇଚ୍ଛା ରହିଛି ତାହା ହିଁ ସନାତନ ଧର୍ମ।

ଶ୍ରୀମଦ୍ ଭଗବଦ୍ ମହାପୁରାଣ, ମହାଭାରତ ଆଦି ଗ୍ରନ୍ଥରେ ସନାତନ ଧର୍ମ ବାବଦରେ ଏସବୁ କଥା ଉଲ୍ଲେଖ ରହିଛି। ଏସବୁ ମହାପୁରାଣକୁ ଆମ ହିନ୍ଦୁ ସଂସ୍କୃତିର ଲୋକମାନେ ଧର୍ମଗ୍ରନ୍ଥ ଭାବେ ଗ୍ରହଣ କରୁଛନ୍ତି। ଧର୍ମଗ୍ରନ୍ଥ, ଗୀତା ଓ ପୁରାଣ ପାଠ କରାଯାଉଛି। ଶ୍ରୋତା କହୁଛନ୍ତି ବକ୍ତା ଶୁଣୁଛନ୍ତି କିନ୍ତୁ ସନାତନୀ ଧର୍ମ ବାବଦରେ ଉଲ୍ଲେଖ ଲକ୍ଷଣ ସବୁକୁ କେତେଜଣ ନିଜ ନିଜ ଆଚରଣରେ ପରିଲକ୍ଷିତ କରାଉଛନ୍ତି? ଯଦି ଆମେ ଧର୍ମଗ୍ରନ୍ଥରେ ଉଲ୍ଲେଖ କଥାକୁ ଆଚରଣରେ ପରିଲକ୍ଷିତ କରାଇ ପାରିବା ନାହିଁ ତେବେ ଆମେ ନିଜକୁ ସନାତନୀ କହିବା କାହିଁକି? ବେଦ ପୁରାଣ କ'ଣ ଖାଲି ଶୁଣିବା ପାଇଁ ନା ବେଦ ପୁରାଣ ପଢୁଥିବା ଲୋକକୁ ସନାତନୀ କହିବା? ନିଜକୁ ସନାତନ ଧର୍ମୀ କହିବା ପୂର୍ବରୁ ବେଦ ପୁରାଣରେ ସନାତନ ଧର୍ମ ବାବଦରେ ଉଲ୍ଲେଖ ଲକ୍ଷଣକୁ ବୁଝିବା ଓ ନିଜେ ଅନୁସରଣ କରିବା ଆବଶ୍ୟକ।


ରାମଚନ୍ଦ୍ରପୁର, ରଣପୁର

ମୋ:-୯୪୩୮୪୮୫୦୯୪


# ବିନମ୍ରତାର କର୍ମଯୋଗୀ ଓ ଜଣେ ମସଲା ମଣିଷ 'ଶରତ ବାବୁ'



**ଇନ୍ଦୁ ଭୂଷଣ ଭୂୟାଁ**

କୁହାଯାଏ ଯେ କେହି ବି ସ୍ୱପ୍ନ ଦେଖିପାରେ, ଛୋଟ ହେଉ ବା ଲମ୍ବା। ଶୀତତାପ ନିୟନ୍ତ୍ରିତ କୋଠରୀ ହେଉ ବା କୁଡ଼ିଆ। କିନ୍ତୁ ମନକୁ ଓ ହୃଦୟକୁ ଦୃଢ଼ କରି ସ୍ୱପ୍ନକୁ ପରିପୂରଣ ପାଇଁ ଯେଉଁ ମଣିଷ ଅସାଧାରଣ ବ୍ୟକ୍ତିତ୍ୱର ପରିଚୟ ସୃଷ୍ଟି କରିପାରିଥାଏ ସେମାନେ ବାସ୍ତବରେ ସଫଳ ସ୍ୱପ୍ନଦ୍ରଷ୍ଟା କହିଲେ ଅତ୍ୟୁକ୍ତି ହେବନାହିଁ। ଅଧବସାୟ, କଠୋର ପରିଶ୍ରମ, ବନ୍ଧୁବତ୍ସଳତା ଏହି ସବୁ ହିଁ ଥିଲା ମସଲା ମଣିଷ, ମସଲା ସମ୍ରାଟ ସଫଳ ଉଦ୍ୟୋଗୀ ଶରତ ବାବୁଙ୍କ ବ୍ୟକ୍ତିତ୍ୱର ସ୍ୱତନ୍ତ୍ର ପରିଚୟ। ତାଙ୍କ କଥାବାର୍ତ୍ତାରେ ତିଳେ ମାତ୍ର ଅହଂକାର ନଥାଏ କିନ୍ତୁ ଜଣେ ମରମୀ ମଣିଷ। ଆଜି ଓଡ଼ିଶାର ଏହି ରୁଚି କମ୍ପାନୀ ପୃଥିବୀର କୋଣ ଅନୁକୋଣରେ ପହଞ୍ଚି ପାରିଛି। ଏ ସବୁ ଭିତରେ ରୁଚି ଉଦ୍ୟୋଗ ସମାଜ ସେବାକୁ ମଧ ଭୁଲି ନାହିଁ। ତାଙ୍କର ବଡ଼ ଆଦର୍ଶଟି ହେଉଛି ଅନୁଷ୍ଠାନ ଯେତେ ସଫଳତା ଯେତେ ଲୋକପ୍ରିୟତା ବା ପ୍ରଶଂସା ପାଉ ନା କାହିଁକି ମଣିଷଙ୍କ ସହ ସୁଖଦୁଃଖରେ ଭାଗୀଦାର ହେଉଥିବା ମଣିଷ ହିଁ ବାସ୍ତବରେ ଜଣେ ଅନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶା ଠାରୁ କିଛି ଦୂରରେ ରହୁଥିଲେ ମଧ ମୁଁ ଯେତିକି ଶୁଣିଛି ଶରତ ବାବୁ ଜଣେ ବଦାନ୍ୟ ଓ ମହାନୁଭବତାର ମଣିଷ। ଅନେକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ଆର୍ଥିକ ବା ଅନ୍ୟାନ୍ୟ କ୍ଷେତ୍ରରେ ଖୋଲା ହୃଦୟରେ ପୃଷ୍ଠପୋଷକତା କରିଛନ୍ତି। ତାଙ୍କ ଅନୁଷ୍ଠାନର ଗଣମାଧମ ପ୍ରମୁଖ ମହାପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ ହେଉଛନ୍ତି ମୋର ଜଣେ ବନ୍ଧୁ। ମୁଁ ତାଙ୍କ ବିଷୟରେ ଏକ ଆଶ୍ଚର୍ଯ୍ୟକର କଥା ମଧ ଶୁଣିଥିଲି ତାହା ହେଉଛି ଯେଉଁ କମ୍ପାନୀର, ଅନୁଷ୍ଠାନ, ସେ ପ୍ରତିଷ୍ଠାତା ତାଙ୍କର ନିଜର କୌଣସି କୋଠରୀ ନାହିଁ। ବଡ଼ ଆଶ୍ଚର୍ଯ୍ୟର କଥା ନୁହଁ କି? ସେ ନିଜେ ବୁଲି ବୁଲି ବିଭାଗର ପ୍ରତ୍ୟେକ ସ୍ଥାନକୁ ଦେଖି, କଥାବର୍ତ୍ତା ହିଁ ହୁଅନ୍ତି। କ୍ରୋଧଜର୍ଜରିତ ଅବସ୍ଥାରେ ତାଙ୍କୁ କ୍ୱଚିତ କେହି କେବେ ଦେଖିଥିବ।

ଶରତ ବାବୁଙ୍କର ପ୍ରମୁଖ ଗୁଣଗୁଡ଼ିକ ଯାହା ଜାଣେ ସେ ଜଣେ ସମୟାନୁବର୍ତ୍ତୀ ମଣିଷ। କର୍ତ୍ତବ୍ୟପରାୟଣତା, ସତ୍ୟବାଦୀତା ଓ କର୍ମଦକ୍ଷତା ଗୁଣକୁ ତାଙ୍କ ସହକର୍ମୀଙ୍କ ପାଇଁ ପ୍ରେରଣା ଦେଇଥାନ୍ତି। ଅନେକ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରୁଚି ଉଦ୍ୟୋଗ ଓଡ଼ିଶାର ଅନେକ ସ୍ଥାନରେ ସହଯୋଗର ହାତ ବଢ଼ାଇଥାଏ। ମୁଁ ଥରେ ଖବରକାଗଜରୁ ପଢ଼ିବାରୁ ଜାଣିଥିଲି ବୋଧେ ମହାବାତ୍ୟା ସମୟର କଥା। ନିଜେ ରୁଚି କମ୍ପାନୀର ଅଭାବନୀୟ କ୍ଷତି ହୋଇଥାଏ। କିନ୍ତୁ ବାତ୍ୟାର ପ୍ରକୋପ ପରେ ଶରତ ବାବୁ କେବଳ ସଂକ୍ଷିପ୍ତ କଥାଟି ନିର୍ଦ୍ଦେଶ ଭାବରେ ଦେଇଥିଲେ ଯେ ଆମ ଗୋଦାମରେ ଥିବା ଯେଉଁ ଯେଉଁ ସାମଗ୍ରୀ ସବୁ ରହିଛି କମ୍ପାନୀର କର୍ମଚାରୀ ମାନଙ୍କୁ ପ୍ରଦାନ କରି ସେମାନେ ଚାହୁଁଥିଲେ ସେମାନଙ୍କ ଘର ପାଖକୁ ଯିବାର ବ୍ୟବସ୍ଥା ବି କରିଦିଅ। ବାସ୍ତବରେ କେତେବଡ଼ ହୃଦୟର କଥା। ମୋ କାନରେ ଥରେ ପଡ଼ିଥିଲା ଗୋଟିଏ କଥାଟିଏ। ତାଙ୍କ କମ୍ପାନୀର ଯେ କେହି କର୍ମଚାରୀଙ୍କର କୌଣସି ଭଲ ମନ୍ଦ ହେଲେ ସେ ନିଶ୍ଚିନ୍ତ ସାହାଯ୍ୟ କରନ୍ତି। ବାସ୍ତବରେ ଏପରି ଜଣେ ହୃଦୟବାନ ମଣିଷଙ୍କୁ ଆମେ ଭାବୁ ସେମାନେ ସ୍ଫଟିକତୁଲ୍ୟ, ଦୀପ୍ତ, ସ୍ୱଚ୍ଛ ଓ ଶୁଭ୍ର ବ୍ୟକ୍ତିତ୍ୱ। ତାଙ୍କ ଇଷ୍ଟଦେବ ଥିଲେ ଲକ୍ଷେଶ୍ୱର ମହାଦେବ। ଶ୍ରୀଜଗନ୍ନାଥଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ ଥିବା ଶରତ ବାବୁ ଜୀବନରେ ଅନେକ ଘାତପ୍ରତିଘାତକୁ ଡେଇଁ ରୁଚି ପ୍ରତିଷ୍ଠାନକୁ ବିଶ୍ୱ ଦରବାରରେ ସୁରଭିତ କରିଛନ୍ତି। ଭଲ ମଣିଷ ହେବା ପାଇଁ ଜୀବନର ସବୁ ସ୍ତରରେ ସମସ୍ତେ ଭଲ ମଣିଷ ହୋଇପାରନ୍ତି ନାହିଁ। ଆଜି ମୁଁ ଅନେକ ସମୟରେ ଭାବେ ବାସ୍ତବରେ ଶରତ ବାବୁଙ୍କ ପରି ଜଣେ ମଣିଷ ଯଦି ମହାରାଷ୍ଟ୍ର, ଗୁଜୁରାଟ, ପଶ୍ଚିମବଙ୍ଗ ପରି ବ୍ୟବସାୟ ସମ୍ପନ୍ନ ରାଜ୍ୟରେ ଜନ୍ମ ହୋଇଥାନ୍ତେ ସେ ଜଣେ ଟାଟା ବିର୍ଲାଙ୍କ ପରି ସମ୍ଭବତଃ ପ୍ରସିଦ୍ଧ ହୋଇପାରିଥାନ୍ତେ। ସଫଳତାର ଶୀର୍ଷରେ ପହଞ୍ଚି ମଧ ନିଜ ମାତୃଭୂମିର ଗୌରବ ବଢ଼ାଇ ଦୁଃଖିରକ୍ଷୀଙ୍କ ସେବାରେ ନିଜ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଏକ ଜୀବନର ବ୍ରତ ଭାବେ ଜୀବନ ନିର୍ବାହ କରିଥିବା ଶରତ ବାବୁଙ୍କ ପାଇଁ ଉପନିଷଦର ସେହି ବାଣୀଟି ଯଥାର୍ଥ ମନେହୁଏ - 'ଉଦ୍ୟମେନ ହିଁ ସିଧନ୍ତି କାର୍ଯ୍ୟାଣି ନ ମନୋରଥୈଃ।'

ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ତଥା ମସଲା ଶିଳ୍ପରେ ମୋଡ଼ ଆଣି ବିଶ୍ୱ ଦରବାରରେ ଓଡ଼ିଶାର ନାମକୁ ପହଞ୍ଚାଇ ପାରିଥିବା ଶରତ ବାବୁଙ୍କ ପରଲୋକ କେବଳ ଓଡ଼ିଶାର ମସଲା ବା ବ୍ୟବସାୟ ଜଗତ ନୁହେଁ ମାନବିକତାର, ଭାଇଚାରାର ଖୋଲା ମନର ମଣିଷ ସମାଜଙ୍କ ପାଇଁ ଜଣେ ଅତି ସୁପରିଚିତ ବ୍ୟକ୍ତିତ୍ୱଙ୍କ ଅଭାବ ଚିରକାଳ ମନେ ହିଁ ରହିବ। ଗୁଣ୍ଡ ମସଲା ଯେ ବିଶ୍ୱ ପ୍ରସିଦ୍ଧ ହୋଇପାରେ ଏବଂ ଘରେ ଘରେ ଆଦର ଶ୍ରଦ୍ଧା ପାଇ ତାଙ୍କୁ ମସଲା ମଣିଷର ପରିଚିତ ଦେଇଥିଲା। ପିଲାଦିନେ ଏକଦା ଶରତ ବାବୁ ରାଣୀହାଟରେ ତାଙ୍କ ବାପାଙ୍କ ମଟନ ଚାମ୍ପ ଦୋକାନରେ ଯେଉଁ ହାତର ଯାଦୁ ଦେଖାଇଥିଲେ ତାହାର ବାସ୍ନା ରୁଚି ପର୍ଯ୍ୟନ୍ତ ପହଞ୍ଚିଥିଲା। ରୁଚି ଓଡ଼ିଶାରେ ଏକ ନିଜସ୍ୱ ବ୍ରାଣ୍ଡ ଭାବେ ବିଶ୍ୱର ୩୦ରୁ ଊର୍ଦ୍ଧ୍ୱ ଦେଶରେ ପହଞ୍ଚି ବିଶ୍ୱ ପ୍ରସିଦ୍ଧ ହୋଇପାରିଛି। ରୁଚି ପ୍ରତିଭା ଫାଉଣ୍ଡେସନ ଦ୍ୱାରା ପ୍ରତି ବର୍ଷ ସମାଜର ବିଭିନ୍ନ ପ୍ରତିଭାବାନ ଓ ମାଟ୍ରିକ ଟପ୍ପର ଶ୍ରେଷ୍ଠ ବିଦ୍ୟାର୍ଥ ମାନଙ୍କୁ ସମ୍ବର୍ଦ୍ଧିତ କରିଥାଏ। ମୋ ଝିଅ ଅନ୍ୟା ଦାସ ମଧ ସମ୍ବର୍ଦ୍ଧିତ ହୋଇଥିଲା। ସର୍ବଭାରତୀୟ ଆଇଏଏସ୍ ପରୀକ୍ଷାରେ ଅନ୍ୟା ଓଡ଼ିଶା ଟପ୍ପର ହୋଇଥିବାରୁ ରୁଚି ପ୍ରତିଭା ଫାଉଣ୍ଡେସନ ତରଫରୁ ଅନ୍ୟା ପାଇଁ ମୁଁ ଓ ସହଧର୍ମିଣୀ ସୀମା ଦାସ ଶରତ ଓ ଅତିଥିବୃନ୍ଦଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଥିବାର ଅନୁଭୂତି ମନେ ଅଛି। ମସଲା ସମ୍ରାଟ, ମରମି ମଣିଷ, କ୍ରୀଡ଼ାବିତ୍, ସଫଳ ଉଦ୍ୟୋଗୀ, ବିଭିନ୍ନ ପରିଚୟ ଥିଲା ତାଙ୍କ ବ୍ୟକ୍ତିତ୍ୱ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି ତାଙ୍କ ଅମର ଆତ୍ମାର ସଦ୍‌ଗତି ହେଉ। ଯେଉଁ ପର୍ଯ୍ୟନ୍ତ ଆମ୍ଭମାନଙ୍କ ଘରେ ଘରେ ରୁଚି ମସଲା ଥିବ ଆମେ ନିଶ୍ଚିନ୍ତ ଅନୁଭବ କରିବୁ ଯେ ଶରତ ବାବୁଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଏହା ସହିତ ହିଁ ରହିଥିଲା, ରହିଛି ଓ ଚିରକାଳ ହୋଇ ରହିବ।


ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍',

ପୁରୁଣା ସୋନାରି, ଜାମସେଦପୁର,

ମୋ : ୭୪୮୮୯୯୮୫୩୨





## କାର୍ତ୍ତିକ ମାସରେ ବଡ଼ଓଷା

**ପ୍ରଦୀପ୍ତ କୁମାର ଦାସ**

କାର୍ତ୍ତିକ ମାସର ଶୁକ୍ଳ ତ୍ରୟୋଦଶୀ
ଦିନ ବଡ଼ଓଷା ପଡ଼େ -
ଧବଳେଶ୍ୱରଙ୍କ ଦିବ୍ୟରୂପ ଦେଖି
ଭକତିରେ ଲୁହ ଗଡ଼େ।

ଶହେଆଠ ଗରା ପାଣିରେ ଗାଧୋଇ
ଥାଆନ୍ତି ସେଦିନ ପ୍ରଭୁ -
ମଙ୍ଗଳ ଆଳତୀ ମଇଲମ ଆଦି
ଉପଚାର ହୁଏ ସବୁ।

ତରଣ ସହିତ ଗଜା ମଣ୍ଡାପିଠା
ଭୋଗ ରୂପେ ଲଗାଯାଏ -
ଅରୁଆ ଚାଉଳେ ନଡ଼ିଆ ଗୁଡ଼ରେ
ଏହି ପିଠା ହୋଇଥାଏ।

ବ୍ରହ୍ମାଙ୍କ ଶାପରୁ ମୁକ୍ତି ପାଇବାକୁ
ନିଜେ ପ୍ରଭୁ ଦେବରାଜ -
ଧବଳେଶ୍ୱରଙ୍କ ପାଶେ ବଡ଼ଓଷା
ବ୍ରତ ପାଳିଥିଲେ ଆଜ।

ରାସପୁନେଇଁରେ ବୁଡ଼ ପକାଇଣ
ହୋଇଥିଲେ ଶାପମୁକ୍ତ -
ସେହିଦିନୁ ସେଠି ପ୍ରଭୁଙ୍କ ସାଥିରେ
ଭକତ ଯେ ଯୋଗଯୁକ୍ତ।

ଧବଳେଶ୍ୱରଙ୍କୁ ସନ୍ତୁଷ୍ଟ କରିଣ
ଉତ୍କଳର କ୍ରତୁ ରାଜା -
କୁଷ୍ଟରୋଗୁ ମୁକ୍ତ ହୋଇଣ ଖୁସିରେ
ବଜାଇଣ ଥିଲେ ବାଜା।

ଧବଳେଶ୍ୱରଙ୍କ ମହିମା ଅପାର
ନାହିଁ ପଟାନ୍ତର ଯା'ର -
କାର୍ତ୍ତିକମାସର ବଡ଼ଓଷା ଜାଣ
ଅଟେ ଓଷା ମଧ୍ୟେ ସାର।


+କଣ୍ଟାବଣିଆ,ଯାଜପୁର

ମୋ - ୮୫୯୪୮୮୫୮୯୮


## ଏକତାର ଶକ୍ତି

**ଅସୀମା ପ୍ରଧାନ**

ଏକତା ଶକ୍ତି ଏକତା ମୁକ୍ତି
ବିଚ୍ଛିନ୍ନତାରେ ଦୁର୍ଗତି
ଏକତାର ଉପସ୍ଥିତି ହେଲେ
ବୈକୁଣ୍ଠ ପୁରର ସ୍ଥିତି ।
ଏକ ମନ ଏକ ପ୍ରାଣ ହେଲେ
ଅସାଧ ସାଧିତ ହୁଏ
ବିଭେଦତା ଅହଙ୍କାର ଯୋଗୁଁ
ଦେଶ ଜାତି ଖଣ୍ଡିତ ହୁଏ।
ଇଂରେଜ ସହ ଲଢ଼ିବା ପାଇଁ
ନ ଥିଲା ପରା ଏକତା
ଦୁଇ ଶହ ବର୍ଷ ଧରି ଆମେ
ଭୋଗିଲା ପରାଧିନତା।
ଯୌଥ ପରିବାର ଆଉ ନାହି
ଅଛି ଛୋଟ ପରିବାର
ଏକତାର ଅଭାବ ସବୁଠି
ଗାଆଁ ଠାରୁ ଯେ ସହର।
ଚିତ୍ରଗ୍ରିବ କପୋତ କଥାରୁ
ଜାଣିଛୁ ଏକତା ବଳ
ଏକତା ହୋଇ କପୋତ ସର୍ବେ
ଉଠାଇନେଲେ ଜାଲ।
ସର୍ଦ୍ଦାର ପଟେଲ ସେ ଲୌହ ମାନବ
ବିକ୍ଷିପ୍ତ ରାଜ୍ୟକୁ ଯୋଡ଼ି
ଏକତା ଶକ୍ତି ପ୍ରଦର୍ଶିତ କଲେ
ଅଖଣ୍ଡ ଭାରତ ଗଢ଼ି।
ସାରା ବିଶ୍ୱକୁ ଏକତା ସୂତ୍ରେ
ଚାଲ ଆମେ ରେ ବାନ୍ଧିବା
ହିଂସା ଦ୍ୱେଷ ଆସୁୟା ଛାଡ଼ିରେ
ସ୍ନେହ ସରଧା ବାଣ୍ଟିବା।


+ବୀରମହାରାଜପୁର,ସୁବର୍ଣ୍ଣପୁର


## କାହିଁକି ଏ ଭୁଲ କର ?

**ନିରଞ୍ଜନ ସାହୁ**



ଏଠାରୁ ସେଠାରୁ ମୋହରି ଖବର
କାହିଁକି ସଂଗ୍ରହ କର
ଦିନଥିଲା ଦିନେ ନିଜର କରିକି
କରିଥିଲ ସାତପର ।

ମୋ ଖବର ବୁଝି କଅଣ କରିବ
ମିଳିବ ବା କେଉଁ ଲାଭ
ଆଜି ତ ସହଜେ ବଦଳି ଯାଇଛି
ସେଦିନର ମନୋଭାବ
ତଥାପି କାହିଁକି ମନେପକା ମୋତେ
ମୋ ଚିନ୍ତା ହୃଦୟେ ଭର ।

ଅହେତୁକ ଭାବେ ମୋତେ କୃପା କଲେ
ଗ୍ରହଣ କରିବି ନାହିଁ
କେବେହେଲେ ତୁମ ଦୟାର ପାତ୍ର ମୁଁ
ହେବାକୁ ରହିନି ଚାହିଁ
ମୁଁ ଯେମିତି ଅଛି ଭଲରେ ରହିଛି
କାମରେ ମିଳୁନି ତର ।

ତୁମରି ଖବରଅନ୍ତର କଦାପି
ଜାଣିବାକୁ ନାହିଁ ଇଚ୍ଛା
ଆଉ ସେ ସମୟ ନାହିଁ ଯେ କରିବି
ଆଗପରି ତୁମ ପିଛା
ବୁଝିବିନି କେବେ କେମିତି ରହିଛ
ସଜାଡି ଉଜୁଡା ଘର ।

ମୋ ସୁଖଦୁଃଖରେ କରିବିନି କେବେ
ତୁମକୁ ମୁଁ ଭାଗିଦାର
ତୁମେ ସେହିପରି ମୋର ସଂସାରର
ବୁଝ ନାହିଁ ସମାଚାର
ତୁମ ବାଟେ ତୁମେ ମୋ ବାଟରେ ମୁହିଁ
ଖଞ୍ଜ ନାହିଁ ଅନୁଚର ।


+ନିହଲପ୍ରସାଦ, ଗଁଦିଆପାଟଣା

ଢେଙ୍କାନାଳ- ୭୫୯୦୧୬

ମୋ : ୯୯୩୮୭୪୧୫୮୩




## 'ସ୍ମୃତି ତୁମେ ମୋର'
### ଡ.ଭରତ ଚନ୍ଦ୍ର ଦାଶ



॥ ଏକ ॥
ସ୍ମୃତି ତୁମେ ମୋର କାର୍ତ୍ତିକ ମାସର
ସକାଳ ଶିଶିର ଧାରା
ସ୍ମୃତି ତୁମେ ମୋର ଉଷ୍ମ ଆଲିଙ୍ଗନ
କବିତାର ମଧୁ ଝରା ।

॥ ଦୁଇ ॥
ସ୍ମୃତି ତୁମେ ମୋର କବିତାର ସ୍ୱର
କୋକିଳ'ର ମଧୁ ତାନ
ସ୍ମୃତି ତୁମେ ମୋର ନିଶୀଥ ସପନ
ମୁଗଧ ମିଳନ ଗାନ ।

॥ ତିନି ॥
ସ୍ମୃତି ତୁମେ ମୋର ହୃଦେ ଅଭିମାନ
ମରମ ତଳର ବ୍ୟଥା
ସ୍ମୃତି ତୁମେ ମୋର ପ୍ରଣୟ ବିଭୋର
ପ୍ରୀତିର ଅଭୁଲା ଗାଥା ।

॥ ଚାରି ॥
ସ୍ମୃତି ତୁମେ ମୋର ବିବସ୍ତ୍ର ଅନ୍ଧାର
ଜ୍ୟୋତିଷ୍ମାନ ତୁମ ଦେହ
ସ୍ମୃତି ତୁମେ ମୋର ପ୍ରଣୟୀ କୋଳର
ଅନଙ୍ଗ ଅନଳ ମୋହ ।

॥ ପାଞ୍ଚ ॥
ସ୍ମୃତି ତୁମେ ମୋର ଅପଲକ ନେତ୍ର
ତୃଷିତ ଆଖିର ଭାଷା
ସ୍ମୃତି ତୁମେ ମୋର ଲାଲ ଅଧରର
ପ୍ରଣୟିନୀ ହୃଦ ଆଶା ।

॥ ଛଅ ॥
ସ୍ମୃତି ତୁମେ ମୋର ଖୋଲା ହୃଦୟର
ଛଳ ଛଳ ପ୍ରୀତି କଥା
ସ୍ମୃତି ତୁମେ ମୋର ପ୍ରଣୟୀ ପ୍ରାଣର
ନିଶୀଥ ମିଳନ ଗାଥା ।

॥ ସାତ ॥
ସ୍ମୃତି ତୁମେ ମୋର ନରମ ଓଠର
ମଧୁର ଚୁମ୍ବନ ଦାଗ
ସ୍ମୃତି ତୁମେ ମୋର ହୃଦ ଉପବନେ
ବିଚରଣେ ଅନୁଭବ ।

॥ ଆଠ ॥
ସ୍ମୃତି ତୁମେ ମୋର ବିଜନର ପଥେ
ତୃଷିତ ପଥିକ ଜଣେ
ସ୍ମୃତି ତୁମେ ମୋର ବିଦଗ୍ଧ ହୃଦୟେ
ପୀୟୂଷ ସିଞ୍ଚନ ପ୍ରାଣେ ।

॥ ନଅ ॥
ସ୍ମୃତି ତୁମେ ମୋର ପ୍ରେୟସୀ ଛାତିର
ଲମ୍ୱିଥିବା କୃଷ୍ଣ କେଶ
ସ୍ମୃତି ତୁମେ ମୋର ପ୍ରଣୟୀ ପ୍ରାଣର
ସ୍ନିଗଧ ମଧୁର ହସ ।

॥ ଦଶ ॥
ସ୍ମୃତି ତୁମେ ମୋର ଦେହର ଭୂଗୋଳ
ଚାରୁକଳା ତନୁ ଗାତ୍ର
ସ୍ମୃତି ତୁମେ ମୋର କାମାଙ୍ଗିନୀ ପ୍ରିୟା
ଭରିଛ ପ୍ରଣୟ ପାତ୍ର ।


❤ପ୍ରାକ୍ତନ ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର -୭୫୬ ୧୨୬
ମୋ: ୮୯୮୪୪୩୯୧୬୬


## ଖାଲି ଭିନ୍ନ ଭିନ୍ନ ନାମ
### ରଂଜିତ ସେନାପତି



ଆମ ଅସ୍ଥିରେ ଅଛି କାଲ୍-ସିୟମ
ଆଉ ଶିରାପ୍ରଶିରାରେ ଆଇରନ
ହୃଦୟରେ ରେଣୁ ରେଣୁ
କାର୍ବନ ଥିବାବେଳେ
ମସ୍ତିଷ୍କକୁ ସତେଜ କରି ରଖିଛି
ନାଇଟ୍ରୋଜେନ୍ !

ପୁଣି ଆତ୍ମାରେ ଭରିରହିଛି
ଧୂଳି ଭଳି କିଛି କଣିକା,
ଯାହା ପ୍ରଜ୍ୱଳିତ ତାରାର ଶିଖାରୁ ହିଁ ଉପନ୍ନ
ତମେ ତା'କୁ ତାରାଧୂଳି କହିପାର
କିମ୍ୱା କହିପାର ତାରକୀୟ ପାଉଁଶ
ଅବା ଜ୍ୱଳନ୍ତ ତାରାର ଭସ୍ମ !

ସେଇ ଅପୂର୍ବ ଜ୍ୟୋତିର୍ମୟତା ହିଁ
ମଣିଷ ଭିତରେ ଥିବା
ଶରୀର ରହିତ ସତ୍ତାକୁ ଆକର୍ଷଣ କରେ
ଗୋଟିଏ ଅତିମାନବୀୟ
ସୂକ୍ଷ୍ମ ସତ୍ତା ସହିତ ଆମକୁ ଯୋଡ଼େ
ଯିଏ ଅଦୃଷ୍ଟ, ବିସ୍ମୟ, ଓ ବିଚିତ୍ର !

ଗଭୀର ଆତ୍ମବୋଧରୁ
ବାଟ ଫିଟେ ଆଧ୍ୟାତ୍ମିକତାର
ଏକାକାର ଲାଗେ
ଇହ, ପର
ମରଣ, ନିର୍ବାଣ,
ଉନ୍ମେଷର ଉନ୍ନିଦ୍ର ଉଚ୍ଛ୍ୱାସେ ସହସ୍ର ଉଲ୍ଲାସ
ଲଗ୍ନ
ମଣିଷ ତ ସେଇ ସର୍ବବ୍ୟାପି
ଚୈତ୍ୟସତ୍ତାର ଏକ ଅଂଶ ମାତ୍ର
ଖାଲି ଭିନ୍ନ ଭିନ୍ନ ନାମ...!


❤କଷଣଅଣ୍ଡା, ପଟ୍ଟାମୁଣ୍ଡାଇ
ମୋ: ୮୯୧୭୫୬୮୧୮୦


## ବିବେକ ଯଦି ପାଶେ ନାହିଁ
### ମୋହନ କୁମାର ସ୍ୱାଇଁ



ଲଗାଇଦେଇ ଚାଲି ଆସିଲେ
ଗଛ ଗୋଟିଏ ହେବ ନାହିଁ
କାଲିକି ସିଏ ଥିବ ନ ଥିବ
ସେକଥା ଟିକେ ଭାବ ଭାଇ ।

ଗଛ ପୋତିଲ ବଢ଼ିଆ କଲ
ବାଡ଼ କି ବତା କିଛି ନାହିଁ
ଗାଈ ମୁହଁରେ ତୁଣ୍ଡି ଗୋଟିଏ
ବାନ୍ଧିବା ଭୁଲି ଗଲ କାହିଁ ?

ଫଟୋ କେତୋଟି ଉଠାଇ ଦେଇ
ଚାଲି ଆସିଲେ ହେବ ନାହିଁ
ଗାଈ ଖାଇଛିକି କିଏ ନେଇଛି
ଯାଇକି ଟିକେ ଦେଖ ଭାଇ ।

ବିନା ପାଣିରେ ଗଛରେ ଫୁଲ
କେବେବି ଗୋଟେ ଫୁଟେ ନାହିଁ
ଫଳ ହେବାତ ଦୂରର କଥା
ପତ୍ର ଖୋଜିଲେ ଥିବ ନାହିଁ ।

ଗଛ ମୂଳରେ ଗଛ ପୋତିଲେ
ଜମା ଉଧେଇ ପାରେ ନାହିଁ
ଏତିକି ଯଦି ମାଲୁମ ନାହିଁ
ପାଠ ପଢ଼ାରେ ମୂଲ୍ୟ ନାହିଁ ।

ପଇସା ସାରି କି ବାହାଦୂରୀ
ବେବେକ ଯଦି ପାଶେ ନାହିଁ
କାଗଜ ବାଘ ଡରାଏ ସିନା
ପଞ୍ଝା ଉଠାଇ ପାରେ ନାହିଁ ।


❤ବେଣାପୁର, କଣ୍ଟିଗଡ଼ିଆ,ଯାଜପୁର
ମୋ: ୮୧୧୮୦୯୯୦୩୮


## ପୃଥିବୀ, ଆକାଶ ଓ ତମେ
### ଶୁଭସ୍ମିତା ତ୍ରିପାଠୀ



ପୃଥିବୀରେ ଅନେକ କିଏ
ରହିବାର ନଥିଲେ,ଯେମିତି
ରହିବାର ନଥିଲେ ସାବନା ରଙ୍ଗର ଝିଅ,
ଆନତ କୃଷ୍ଣଚୂଡ଼ା ରଙ୍ଗର ସ୍ୱପ୍ନ,
କେତେ ଉଆଁସର କଜଳ ପିନ୍ଧିଲେ ବି
ପୁନେଇଁ ଜହ୍ନକୁ ତରଳେଇ ପାରୁନଥିବା
ତାଙ୍କ ଛଳଛଳ ଆଖି
ପୃଥିବୀରେ ରହିବାର ନଥିଲେ
କାହାକୁ ଦେବାକୁଥିବା ଫୁଲ ଛୁଇଁ
ରଙ୍ଗ ଶୁଖେଇ ଦେଉଥିବା ପ୍ରଜାପତି,
ବଜାରରେ ନିଜର ମୂଲ ଛିଣ୍ଡଉଥିବା
ଦର ମଉଳା ରଜନୀଗନ୍ଧା,
କି ବାଉଁଶ ଗଛର ଫୁଲ ଭିତରେ ଶୋଇଥିବା
ଜଙ୍ଗଲକୁ ଜାଳିଦେବାର ନିଆଁ !
ଆକାଶରେ ରହିବାର ନଥିଲା ନୀଳରଙ୍ଗ,
ସମୁଦ୍ରକୁ ଭଲପାଇ
ସୁଅର କୋହରେ ବହିଲା ନଈ ପାଇଁ
ତାକୁ ଝରେଇବାର ନଥିଲା ଲୁହ
ପକ୍ଷୀ,ଇନ୍ଦ୍ରଧନୁ ଆଉ ମେଘଙ୍କ ରଙ୍ଗରେ
ତାକୁ ଆଉଁସି ଦେବାର ନଥିଲା ଫୁଲକଢ଼
ଆକାଶରେ ବି ରହିବାର ନଥିଲା
ଠିକଣା ହଜା ନୀଡ଼,
କେଉଁ ପ୍ରେମିକାର ସଞ୍ଜବତୀର
ମୁଲାୟମ ଉତ୍ତାପକୁ ଅପେକ୍ଷା କରୁଥିବା
ଗୋଟେ ଖୁବ୍ ଦୂର ତାରା,
କି ଉଜାଗର ଲାଗି ଆଞ୍ଜୁଳା ଭର୍ତ୍ତି ସ୍ୱପ୍ନ !
ସେମିତି,
ତମ ସ୍ୱର ତନ୍ତ୍ରୀରେ ରହିବାର ନଥିଲା ଗୀତ,
ଛାତି ଉପରେ ଆକାଶ ପର୍ଯ୍ୟନ୍ତ ଗଢ଼ା ରାସ୍ତା,
ଆଖି ଭିତରେ ପୃଥିବୀ କୋଳର ଶୀତଳତା,
କପାଳରେ ସମୁଦ୍ର ଉପକୂଳର ବିଭୋର
ଦିନ,
ଓଠରେ ଝାଉଁ ବଣର ଜୋଛନା ଚିହ୍ନ
ପାପୁଲିରେ ବର୍ଷା ସାଜୁଥିବା ମୋ ଲୁହ
ତମର ଅବିଶ୍ରାନ୍ତ ଦୌଡୁଥିବା ଦିନ ମାନଙ୍କୁ
କେବେ ଏମିତି ଆସିବାର ନଥିଲା
ମୋ ଶିଉଳି ଘେରା ଅଗଣାରେ
ତମର ନିଜେ ବାଛିନେବା ଥକ୍କାପଣ !


❤ବ୍ରହ୍ମପୁର, ଗଞ୍ଜାମ
ମୋ: ୮୪୮୦୮୬୭୧୯୦


## ଛଳନା ଏକ ନଈର ନାଁ
### ଅନସୂୟା ପଣ୍ଡା



ଛଳନା ଏକ ନଈର ନାଁ
ନଥାଏ ସେଠି ପାଣିର ଠିକଣା
ଶୋଷ ତା'ର ପାରିଲା ପଣିଆଁ
ଲାଗିଥାଏ ଦେହରେ ତା ନିଆଁ।

ଛଳନା ଏକ ନଈର ନାଁ
ଭାଂଗିଯାଏ ଭରସାର ବନ୍ଧ
ଛିଦ୍ର ଦେଇ ଯାଏ ବହି ଆବେଗୀ ଅତୀତ
ଲୋଟିଯାଏ ମନର ସବୁଜ କ୍ଷେତ
ଉଛୁଳେ ଆଖିର ଅଝଟ ଲୁହର ସ୍ରୋତ।

ଛଳନା ଏକ ନଈର ନାଁ
ଅଙ୍କାବଙ୍କା ଦେହ ତା'ର
ନଥାଏ କିନାରା କି କୂଳ ସେ ନଈର
ଲଂଘେ ସୀମା ସରହଦ ସାଥେ ଧରି କ୍ରୋଧ
ଲହର ଅହନ୍ତାରେ ଥମିଯାଏ
ଜୀବନ ସଙ୍ଗୀତ।

ଛଳନା ଏକ ନଈର ନାଁ
ଛଳନାର ଢେଉ ଛୁଇଁ ଭାଂଗିଯାଏ
ବିଶ୍ୱାସର ମନ ମଧୁବନ
ଉଜୁଡ଼ା ସପନ କ୍ଷେତ
ଜଳେ ଲୁଚାଇ ଅଭୂଲା କ୍ଷତ।


❤ବୁର୍ଲା, ସମ୍ବଲପୁର,
ମୋ: ୯୪୩୯୨୧୧୯୭୧


## ଗାଁ ଟିଏ ଥିଲା ହୃଦୟ ଭିତରେ
### ହରିଶ୍ଚନ୍ଦ୍ର ବେହେରା



ଗାଁଟିଏ ଥିଲା ହୃଦୟ ଭିତରେ
ମୋ ପାଇଁ ସରଗ ପୁର
ଯେତେ ଦୂରେ ଥାଏଁ ସୁନ୍ଦର ମୁହଁ ତା'
ଦିଶୁଥାଏ ବାରଂବାର ।।

ନଈଟିଏ ନିତି ଶୁଣାଏ ତା'ଗୀତ
ପକ୍ଷୀ ତା' ମିଠା କାକଳି
ଧାନ ପାନ ମୀନ ସରଳ ଜୀବନ
ସବୁଠୁ ତ ଭାଗ୍ୟଶାଳୀ
ସବୁଜ ସୁଷମା ମନ କିଣି ନିଏ
ମାଆ ପରି ସ୍ନେହ ତା'ର ।।

ମୋ ଗାଁ କୁ କେବେ ସହର କରନି
ସରିଯିବ ତା'ର ଆୟୁ
ପ୍ରଦୂଷଣ ମୁକ୍ତ ମୁକୁଳା ପବନ
ସବୁଦିନ ବହୁଥାଉ
ଯେତେ ଦୁଃଖେ ଥାଉ ଊଣା ହୁଏନି ତା'
ସ୍ନେହ ଆଉ ମମତାର ।।

ପୂର୍ବ ପୁରୁଷଙ୍କ ଭିଟାମାଟି ଦେହେ
ଲେଖା କେତେ ଇତିହାସ
ଟୁବି ଗାଡ଼ିଆର କେତେ କଇଁଫୁଲ
ବିତରନ୍ତି ଓଦା ବାସ
ବର୍ଷ ସାରା କେତେ ଜାନି ଓ ଯାତରା
ପ୍ରୀତି ଆଉ ଆନନ୍ଦର ।।

ଦେବୀ ମନ୍ଦିରଠୁଁ ମଶାଣି ଯାଏ ତ
ଶୁଭେ କେତେ କୋଳାହଳ
ଠୋ' ଠା ଜହ୍ନି କାକୁଡ଼ି ଫୁଲରେ
ହସୁଥାଏ ସଞ୍ଜ ବେଳ
ଏରୁଣ୍ଡି ଡେଇଁବୁ ନାହିଁ ଆଲୋ ଝିଅ
ଲକ୍ଷ୍ମଣର ତିନି ଗାର ।।


❤କଲ୍ୟାଣ ନଗର, ବାଲେଶ୍ୱର -୧
ମୋ -୯୪୩୭୮୧୩୭୦୮


## କାହାର
### ସବ୍ୟସାଚୀ ସାହୁ



ଆମକୁ ଆଉ ଅଣ୍ଟାଳୁଛକି ?
ଖବର କାଗଜରେ !
ତମ ଛେପଲଗା ଆଙ୍ଗୁଠି
କଣ ମନେ ରଖିଛି
ସେ କେମିତି ଆମ ନାମର ଖବରକୁ
ସ୍ପର୍ଶ କରୁଥିଲା।

କେତେ ନମ୍ବର ପୃଷ୍ଠାରେ ଦିନେ ଆମେଥିଲୁ
ଏବେ ଲିଭେଇ ଗଲୁଣି ପ୍ରତି ମଷ୍ତିଷ୍କରୁ
ପ୍ରତି ଅଗଣାରୁ, ପ୍ରସିଦ୍ଧ ସହରର ମନରୁ
ଆମ ଖବର କାଗଜ ଦେହ
କେତେ ସଉଦାର ଆବାସ ପାଲଟି ଥିବଣି !

ମେଦିନୀ ଫଟାଉଥିଲା ତୁମ ସ୍ୱର
ତୁମର ହାତ ଗୋଡ ନାଚି ଉଠୁଥିଲା
ପ୍ରତିରୋଧ ପାଇଁ !
ଯିଏ ପ୍ରଚାରକ ସେ ହିଁ
ମୋ ପାଇଁ ପ୍ରତାରକ ସାଜିଥିଲା ସେଦିନ !

ହେ ସାହିତ୍ୟିକ !
ଆମ ପାଇଁ ଜାଗାଟିଏ ନାଇଁକି
ତୁମ ମସ୍ତିଷ୍କରେ
କଥାରେ ସଜେଇ ଦେଇଥାନ୍ତ !
କବିତାର ସ୍ୱରଟିଏ କରିଥାନ୍ତ !
ନଟନଟୀ, ସୂତ୍ର ଧରର ଚଳରେ
ନାଚିଥାନ୍ତୁ ହେଲେ ନାଟକରେ
ସବୁଦିନ ପାଇଁ,

ଏବେ ଆମେ କାହାର ?
ସେଇ ଦି'ଦିନିଆ ଧପାବାଜ୍ ମିଡିଆର ?
ରାଜନେତାର ?
ନା ଧର୍ଷଣକାରୀର ?
ନୁହେଁ ନା !
ତେବେ କ'ଣ ଆମେ କଳଙ୍କର ?


❤ଖଣ୍ଡଗିରି, ଭୁବନେଶ୍ୱର
ମୋ: ୬୩୭୧୩୨୬୪୧୯


## ପୁଣ୍ୟ ପଞ୍ଚୁକ
### ମନୋଜ କୁମାର ମେହେର



ମାସ ମଧ୍ୟେ ଶ୍ରେଷ୍ଠ ଅଟେ କାର୍ତ୍ତିକ
କାର୍ତ୍ତିକେ ମହତ୍ୱ ପରା ପଞ୍ଚୁକ ॥
ଏକାଦଶୀ ଠାରୁ ଆରମ୍ଭ ହୁଏ,
ପୂର୍ଣ୍ଣିମା ପର୍ଯ୍ୟନ୍ତ ସେ ରହିଥାଏ ॥
ବଗ ମଧ୍ୟ ଛାଡ଼ି ଦିଏ ଆଇଁଷ,
ଭକ୍ତ ଜନେ କରଥାନ୍ତି ହବିଷ ॥
ସକାଳୁ ଉଠିଣ ସ୍ନାନ କରନ୍ତି,
ତୁଳସୀ ଚଉରେ ଦୀପ ଜାଳନ୍ତି ॥
ପାଞ୍ଚଦିନେ ପାଞ୍ଚଟି ବେଶ ଧରି,
ପୂଜାପାଇଥାନ୍ତି ପ୍ରଭୁ ଶ୍ରୀହରି ॥
ନାମ ସଙ୍କୀର୍ତ୍ତନ କରିଣ ଭକ୍ତ,
ଆନନ୍ଦରେ ପଢନ୍ତି ଭାଗବତ ॥
ବଡ଼ଓଷା ହୋଇଥାଏ ପାଳିତ,
ଧର୍ମ ମାସ ଭାବେ ଏ ପରିଚିତ ॥
ପୂର୍ଣ୍ଣିମା ସକାଳୁ ଉଠିଣ ଜନ,
ଭୋର ସକାଳରୁ କରିଣ ସ୍ନାନ ॥
ପୂର୍ବପୁରୁଷଙ୍କୁ ମନେ ପକାନ୍ତି,
ସେମାନଙ୍କ ପାଇଁ ଡଙ୍ଗା ଭସାନ୍ତି ॥


❤ବଣ୍ଡାକୁଟୁରା, ଜୁନାଗଡ଼
କଳାହାଣ୍ଡି
ମୋ-୯୩୩୭୭୯୩୧୫୭


## ତୁମେ ଯଦି ସୁଖପାଅ
### ନୀଳମଣି ଚାନ୍ଦ



ତୁମେ ଯଦି ସୁଖପାଅ
ମୋତେ ଦୁଃଖ ଦେଇ
ଭାବିବି ମୁଁ ସଉଭାଗ୍ୟ
ସେ ସବୁକୁ ନେଇ।

ତୁମେ ଯଦି ସୁଖ ପାଅ
ମୋ'ର କାନ୍ଦିବାରେ
ତୁମେ ଯଦି ହସିପାର
ମୋ'ର ହାରିବାରେ
ଭାବିବି ସାରାଜୀବନ
ମୋ ଦର୍ଶନ ଏଇ ।

ତୁମେ ଯଦି ସୁଖ ପାଅ
ମୋ'ର ଦୁର୍ଦ୍ଦିନରେ
ମଣିବି ସେଇ ଦିନ ତ
ମୋର ସୁଦିନରେ
ମୋ ଅତୀତ ସ୍ମୃତି ଧରି
ଫେରିଆସ ନେଇ ।


❤ମନ୍ତମାନୋର,ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭


## ବିରହ ସଂଗୀତ
### ପ୍ରଶାନ୍ତ କୁମାର ଦାଶ



ରହ ବେଦନା ରାତିତ ବୁଝେନା
ସାରିଦିଏ ତାର ନାଟ
ପ୍ରଣୟିନୀ ପ୍ରୀତି ଥରାଏ ମୋ ଛାତି
ଦିଶେନାହି ମତେ ବାଟ ।।

ମୋ ମନ ପ୍ରାଣର ଆକୁଳ ବେଦନା
ରାତିତ ବୁଝେନି କିଛି
ପ୍ରିୟାକୁ ଝୁରି ମୁଁ କାଟୁଥାଏ କାଳ
ମୋ ଆଖିର ଲୁହ ପୋଛି ।।

ମନ ହୃଦୟକୁ ଜାଳିଦିଏ ପୁଣି
ଯଉବନ ନିଆଁ ତାତି
ମେଘଉହାଡରେ ଜହ୍ନକୁ ଲୁଚାଏ
ସେଇ ମାୟାବିନୀ ରାତି ।।

ପାଣିରେ ପଡିଲେ ହତାଶା ନିରାଶା
ଶୁଖିଲା ମୁହଁର ଛାଇ
ପ୍ରତୀକ୍ଷାରେ ରହି ମନକୁ ବୁଝାଏ
ବିରହ ସଂଗୀତ ଗାଇ ।।

ନୀରବତା ଦେଖି ବିହଙ୍ଗ ପଡଇ
ଗଛର ନୀଡ଼ରେ ଶୋଇ
ଗଭାର ଗଜରା ମଉଳି ଗଲାଣି
ପ୍ରିୟା ଓଠେ ହସନାହିଁ ।।

ବାସର୍ ଶେଯକୁ ସଜାଇ ସଜନୀ
ମତେ ନିଅ ଥରେ ଡାକି
ଦିଅ ମତେ ସବୁ ଅପାସୋରା ସୁଖ
ଅଛି ଯା ଜୀବନେ ବାକି ।।


❤କୁଞ୍ଜର -ସଙ୍ଗଲାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦


## କୃତଘ୍ନ
### ସ୍ୱାବିତ କୁମାର ପାତ୍ର



ସଫଳତାର ଶୀର୍ଷଦେଶରେ
ପାଦ ଦେଲା ପରେ
ନୂଆ ଉନ୍ମାଦନାର ନଈ ତଟ
ଖୁବ୍ ମଧୁର ଓ ସୌଖ୍ୟ ଲାଗୁଥିବ ।

ଆର ପାରିକୁ ଚାହିଁ ଦେଖ
କେତେ ଆକ୍ଷିପ୍ତ, ବିଚ୍ଛୁରିତ
କରିଥିବା ପାପ
ଭସ୍ମ ପାଉଁଶ ସୂର୍ଯ୍ୟାସ୍ତ ଦେଶ ।

ଥରେ ଚାହିଁ ଦେଖ
ମେଘ ଆଚ୍ଛାଦିତ ଆକାଶକୁ
ଘର ଲେଉଟୁ ପକ୍ଷୀମାନଙ୍କ ରଡ଼ି
ଶୁଣ- ଘଣ୍ଟ ଶଙ୍ଖନାଦ
ଧର୍ମର ଜୟ, ଅଧର୍ମର ଗ୍ଲାନି ।


❤ମେରଘରା, କଳାହାଣ୍ଡି
ମୋ: ୮୪୫୬୮୦୩୫୯୦

# ଆରଏସଏସର ଶତବାର୍ଷିକୀ ଉତ୍ସବରେ ଜିଲ୍ଲାସ୍ତରୀୟ ପଥସଂଚଳନ କାର୍ଯ୍ୟକ୍ରମ

ଜୟପୁର, ୩/୧୧ (ନି.ପ୍ର): କୋରାପୁଟ ଜିଲ୍ଲା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜୟପୁର ସହରରେ ବିଜୟା ଦଶମୀ ଉତ୍ସବ ସହ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠାର ଶତବାର୍ଷିକ ପୂର୍ତି ଅବସରରେ ଜିଲ୍ଲାସ୍ତରୀୟ ପଥ ସଂଚଳନ କାର୍ଯ୍ୟକ୍ରମ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଦଶହରା ପଡିଆ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେପୋଡଶୀ ଛତିଶଗଡ ରାଜ୍ୟର ବସ୍ତର ଜିଲ୍ଲା ସଦଭାବନା ପ୍ରମୁଖ ରାଜ ବାହାଦୁର ସିଂ ରାଣା, ସମ୍ମାନୀୟ ଅତଥି ଭାବେ କୋରାପୁଟ ଜିଲ୍ଲା ସଂଘ ଚାଳକ ସନସାଇ ଗାଦବା, ଜିଲ୍ଲା ଶାରୀରିକ ପ୍ରମୁଖ ମାନସିଂ ଘେଉରିଆ ମଂଚାସିନ ଥିଲେ । ମୁଖ୍ୟ ଅତିଥି ଶ୍ରୀ ରାଣା ନିଜ ବକ୍ତବ୍ୟରେ ସଂଘ କୌଣସି ଜାତି ଏବଂ ଧର୍ମକୁ ପ୍ରାଥମିକତା ଦିଏନାହିଁ ସେ ଯେ କୌଣସି ଜାତିର କିମ୍ବା ଧର୍ମର ହୋଇଥିଲେ ମଧ ରାଷ୍ଟ୍ର ଭକ୍ତି ଏବଂ ରାଷ୍ଟ୍ର ନିର୍ମାଣର ଅଗ୍ରଦୁତ ହେବା ଦରକାର ଆଗାମୀ ଦିନରେ ପଂଚ ପରିବର୍ତନ ସହ ସମସ୍ତେ ହିନ୍ଦୁ ରାଷ୍ଟ୍ର ନିର୍ମାଣର ପରିକଳ୍ପନା କରିବା ପାଇଁ ଏକତ୍ରିତ ହୋଇ କାର୍ଯ୍ୟ ସମ୍ପାଦନ କରିବାକୁ ଆହ୍ୱାନ କରିଥିଲେ । ଏହି ପଥ ସଂଚଳନ କାର୍ଯ୍ୟଟି ଦଶହରା ପଡିଆରୁ ଆରମ୍ଭ ହୋଇ ପାରାବେଡା, ଗୋପବନ୍ଧୁ ନଗର, ଭାଦ୍ରାୟାସାହି, ବେଲରୋଡ, ନୀଳକଣ୍ଠେଶ୍ୱର ମନ୍ଦିର ରାସ୍ତା, ଲାଲସାହି, ସର୍ଦ୍ଦାର ବଲ୍ଲଭାଇ ପଟେଲ ମାର୍ଗ (ମୁଖ୍ୟ ରାସ୍ତା) ଦେଇ ପୁଣୀ ଦଶହରା ପଡିଆ ଠାରେ ସମାପ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାରା ଜିଲ୍ଲାରୁ ୨୦୦୦ ରୁ ଉର୍ଦ୍ଧ୍ୱ ସ୍ୱୟଂସେବକ ଯୋଗଦେଇଥିଲେ ।

# ପ୍ରତ୍ୟେକ ନବଜାତଙ୍କୁ ଉପଯୁକ୍ତ ପୁଷ୍ଟି, ଯତ୍ନ ଏବଂ ସୁରକ୍ଷା ଦେବା ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୩/୧୧ (ନି.ପ୍ର): ପୃଷ୍ଠଭୂମି କିମ୍ବା ପରିସ୍ଥିତି ନିର୍ବିଶେଷରେ ପ୍ରତ୍ୟେକ ନବଜାତଙ୍କୁ ଉପଯୁକ୍ତ ପୁଷ୍ଟି, ଯତ୍ନ ଏବଂ ସୁରକ୍ଷା ପ୍ରଦାନ ଉପରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋ କରିଛନ୍ତି ଓ ଚଳିତ ନଭେମ୍ବର ୨ ତାରିଖ ରବିବାର ଦିନ ଭୁବନେଶ୍ୱରଠାରେ ଇନଫାଂଟ ଆଣ୍ଡ ୟଙ୍ଗ ଚାଇଲଡ ଫିଡିଙ୍ଗ ଚାପ୍ଟରର ୧୫ତମ ଜାତୀୟ ସମ୍ମିଳନୀ ଏବଂ ଭାରତୀୟ ମାନବ କ୍ଷୀର ବ୍ୟାଙ୍କ ସଂଘର ୧୧ତମ ଜାତୀୟ ସମ୍ମିଳନୀର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଗୁରୁତ୍ୱାରୋପ କରିଛନ୍ତି । ଏହି ସମାରୋହରେ ଉଦବୋଧନ ଦେଇ ଚଳିତ ବର୍ଷ ସମ୍ମିଳନୀର ବିଷୟବସ୍ତୁ, 'ଆସନ୍ତା କାଲିର ଐତିହ୍ୟକୁ ପାଳନ କରିବା: ସ୍ଥାୟୀ ନବଜାତ ଏବଂ ଶିଶୁ ଖାଦ୍ୟ ଏବଂ ସ୍ତନ୍ୟପାନ ଅଭ୍ୟାସକୁ ଗ୍ରହଣ କରିବା,' ଉପରେ ଆଲୋକପାତ କରି ଏହା ଏକ ମହାନ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରେ ବୋଲି ରାଜ୍ୟପାଳ କହିଥିଲେ ଓ ଏହା ଆମକୁ ମନେ ପକାଇ ଦିଏ ଯେ ଏକ ଜାତିର ସ୍ୱାସ୍ଥ୍ୟ, ବୁଦ୍ଧି ଏବଂ ଜୀବନଶକ୍ତି ଏହାର ଭବିଷ୍ୟତ ନାଗରିକମାନଙ୍କୁ ଦିଆଯାଉଥିବା ପୁଷ୍ଟି ଏବଂ ଯତ୍ନରେ ଗଭୀର ଭାବରେ ନିହିତ। ଗର୍ଭଧାରଣରୁ ଆରମ୍ଭ କରି ଶିଶୁର ଦ୍ୱିତୀୟ ଜନ୍ମଦିନ ପର୍ଯ୍ୟନ୍ତ ଜୀବନର ପ୍ରଥମ ଏକ ହଜାର ଦିନ ଶାରୀରିକ ବିକାଶ, ମସ୍ତିଷ୍କ ବିକାଶ ଏବଂ ଜୀବନବ୍ୟାପୀ ସୁସ୍ଥତା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟକୁ ପ୍ରତିନିଧିତ୍ୱ କରେ। ଯେତେବେଳେ ଆମେ ନବଜାତ ଏବଂ ଶିଶୁଙ୍କ ପୁଷ୍ଟିରେ ବିନିଯୋଗ କରୁ, ଆମେ କେବଳ ଏକ ଚିକିତ୍ସା ଚିନ୍ତାକୁ ସମ୍ବୋଧିତ କରୁନାହୁଁ, ଆମେ ଆମ ସମାଜର ଭାଗ୍ୟକୁ ନିର୍ମାଣ କରୁଛୁ। ମା' କ୍ଷୀରର ପ୍ରତ୍ୟେକ ବୁନ୍ଦା କେବଳ ପୁଷ୍ଟି ନୁହେଁ ବରଂ ପ୍ରେମ, ରୋଗ ପ୍ରତିରୋଧକତା ଏବଂ ଭାବପ୍ରବଣତା ବହନ କରେ ଯାହାକୁ କୌଣସି ବିଜ୍ଞାନ ପୁନରାବୃତ୍ତି କରିପାରିବ ନାହିଁ ବୋଲି ରାଜ୍ୟପାଳ କହିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ ଆମ ଦେଶ ଭାରତ ନବଜାତ ଏବଂ ଶିଶୁ ମୃତ୍ୟୁହାର ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି ଓ ତଥାପି ପୁଷ୍ଟିହୀନତାଠାରୁ ଆରମ୍ଭ କରି ସଚେତନତା ଏବଂ ସାମାଜିକ ପ୍ରତିବନ୍ଧକ କ୍ଷେତ୍ରରେ ଚ୍ୟାଲେଞ୍ଜ ରହିଛି ଯାହା ସର୍ବୋତ୍ତମ ଖାଦ୍ୟ ଅଭ୍ୟାସକୁ ବାଧା ଦିଏ। ଏହାର ସମାଧାନ କେବଳ ଚିକିତ୍ସା ଓ ଯତ୍ନରେ ନୁହେଁ ବରଂ ଶିକ୍ଷା, ସଶକ୍ତିକରଣ ଏବଂ ସହାନୁଭୂତି ମାଧ୍ୟମରେ ଆମର ଗୋଷ୍ଠୀ ମଧ୍ୟରେ ରହିଛି। ଏ ଦିଗରେ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀମାନେ ପରିବର୍ତ୍ତନର ପ୍ରବକ୍ତା ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେମାନଙ୍କ ମାର୍ଗଦର୍ଶନ ମା' ଏବଂ ରିବାର ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିପାରିବ ଯାହା ସ୍ତନ୍ୟପାନ ଏବଂ ସନ୍ତୁଳିତ ପୁଷ୍ଟିସାରକୁ ଏକ ସାର୍ବଜନୀନ ଅଭ୍ୟାସରେ ପରିଣତ କରିବାରେ ସାହାଯ୍ୟ କରିବ। ଆମକୁ ସେହି ମା'ମାନଙ୍କୁ ମଧ ସମ୍ମାନିତ କରିବା ଉଚିତ ଯେଉଁମାନେ ନିଃସ୍ୱାର୍ଥପର ଭାବରେ ଅନ୍ୟ ଶିଶୁମାନଙ୍କୁ ପୁଷ୍ଟି ଦେବା ପାଇଁ ସେମାନଙ୍କର କ୍ଷୀର ଦାନ କରନ୍ତି। ଏହା ସେମାନଙ୍କ ନୀରବ ସହୃଦୟତା ଓ କରୁଣା ଏବଂ ସହଭାଗୀ ମାତୃତ୍ୱର ପ୍ରକୃତ ଭାବନାକୁ ପ୍ରତିଫଳିତ କରେ ଏବଂ ସେମାନେ ସମାଜର ଗଭୀରତମ ସମ୍ମାନ ପାଇବାକୁ ଯୋଗ୍ୟ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ ଓ ଓଡ଼ିଶା ସର୍ବଦା ଏପରି ଏକ ରାଜ୍ୟ ହୋଇଛି ଯାହା ସହଭାଗିତା ଏବଂ ସାମୂହିକ କଲ୍ୟାଣକୁ ଗୁରୁତ୍ୱ ଦିଏ।

# ଯୁବକଙ୍କୁ ଆକ୍ରମଣ ଘଟଣାରୁ ଉତ୍ତେଜନା ଗ୍ରାମବାସୀଙ୍କ ଦ୍ୱାରା ପୁଲିସ ଅଟକ: ଗାଡ଼ି ଭଙ୍ଗାରୁଜା ପୋଲିସ ବରିଷ୍ଠ ଅଧିକାରୀ ପହଂଚି ଉଦ୍ଧାର କଲେ

ବଲାଙ୍ଗିର, ୩/୧୧ (ନି.ପ୍ର): ବଲାଙ୍ଗିର ଜିଲା ପୁଇନ୍ତଲା ଥାନା ଆଠଗାଁରେ ଜଣେ ଯୁବକଙ୍କୁ ସ୍ଥାନୀୟ ହରିଜନ ପଡ଼ାର ୬ଜଣ ଯୁବକ ଆକ୍ରମଣ ଉଦ୍ୟମ କରିବା ନେଇ ଶନିବାର ସନ୍ଧ୍ୟା ପ୍ରାୟ ୬ଟାରୁ ଉତ୍ତେଜନା ଲାଗି ରହିଛି। ଗ୍ରାମବାସୀ ୨ଜଣଙ୍କୁ କାବୁ କରିଥିବାବେଳେ ଅନ୍ୟ ୪ଜଣ ଫେରାର ହୋଇଯାଇଛନ୍ତି। ପୁଇନ୍ତଲା ଥାନା ପୁଲିସ ବିଳମ୍ବରେ ଘଟଣାସ୍ଥଳରେ ପହଂଚିବାରୁ ଶତାଧିଗକ ମହିଳା ପୁଲିସକୁ ଅଟକ ରଖିବାସହ ୨ଟି ପୁଲିସ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ବରିଷ୍ଠ ପୋଲିସ ଅଧିକାରୀ ମାନେ ପହଂଚିବା ପରେ ରାତି ୧୧ ଟା ବେଳେ ଗ୍ରାମବାସୀ ପୁଲିସକୁ ଛାଡ଼ିଥିବା ଜଣା ଯାଇଛି।

ଅଭିଯୋଗ ଅନୁଯାୟୀ, ହରିଜନ ପଡ଼ାର କେତେକ ଯୁବକ ସନ୍ଧ୍ୟା ପ୍ରାୟ ୬ଟାରେ ଗାଁକୁ ଆସି ସୁମନ୍ତ ମାଝୀ (୨୦) ଙ୍କୁ ମାରଣାସ୍ତ୍ରରେ ଆକ୍ରମଣ ଉଦ୍ୟମ କରିଥିଲେ। ଆକ୍ରମଣରୁ ସୁମନ୍ତଙ୍କୁ ବଂଚାଇବାକୁ ଯାଇ ବିମଳ ପୁଟେଲ (୧୯) ଆହତ ହୋଇଥିଲେ । ଏଥିରେ ତାଙ୍କ ହାତରେ ଆଘାତ ଲାଗିଛି। ଏହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ୨ଜଣଙ୍କୁ କାବୁ କରି ପୁଇନ୍ତଲା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଂଚି ଆଉ ଜଣେ ଅଭିଯୁକ୍ତଙ୍କୁ ତାଙ୍କ ଘରୁ କାବୁ କରିଥିଲାବେଳେ ଅନ୍ୟମାନେ ଫେରାର ଅଛନ୍ତି। ପୁଲିସ ପହଂଚିବାରେ ବିଳମ୍ବ କରିଥିବା ଅଭିଯୋଗରେ ଆଟଗାଁ ଗ୍ରାମବାସୀ ୨ଟି ପୁଲିସ ଗାଡ଼ି ସହ ଅଧିକାରୀ ଓ କର୍ମଚାରୀଙ୍କୁ ଅଟକ ରଖିଥିଲେ । ସନ୍ଧ୍ୟା ପ୍ରାୟ ୭ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ପୁଲିସକୁ ଗାଁରେ ଘେରାଉ କରି ରଖିଥିଲେ। ପୁଇନ୍ତଲା ଥାନା ଅଧିକାରୀ ଅନିତା ପଧାନ ଓ ବଲାଙ୍ଗିର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ପୁଲିସ ଫୋର୍ସ ସହ ଗାଁରେ ପହଂଚି ଥିଲେ । ଗାଁର ଶତାଧିକ ମହିଳାଓ ପୁରୁଷ ରାତି ୧୧ଟା ପର୍ଯ୍ୟନ୍ତ ପୁଲିସକୁ ଘେରାଉ କରି ରଖୁଥିବା ବେଳେ ଉତ୍ତେଜନା ଜାରି ରହି ଥିଲା।

ଗତ ଶୁକ୍ରବାର ସନ୍ଧ୍ୟାରେ ଗାଁରେ ହରିଜନ ପଡ଼ାର କେତେକ ଯୁବକ ମଦ୍ୟପାନ ସହ ଓ ଅଶ୍ଳୀଳ ଗାଳିଗୁଲଜ କରିଥିଲେ । ଗାଁ ମହିଳାଙ୍କୁ ନେଇ ଗଠିତ ଶାନ୍ତି କମିଟି ଏହାର ପ୍ରତିବାଦ କରିଥିଲେ। ଏହି ଘଟଣାରେ ଶୁକ୍ରବାର ସନ୍ଧ୍ୟାରେ ହରିଜନ ପଡ଼ାର କେତେକ ଯୁବକ ଗାଁର ୨ଜଣ ଯୁବକଙ୍କୁ ମାରପିଟ କରିଥିଲେ। ଏହାକୁ ନେଇ ଗ୍ରାମବାସୀ ଓ ହରିଜନ ସାହି ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଶନିବାର ଗ୍ରାମବାସୀ ଥାନା ଅଧିକାରୀଙ୍କୁ ଫୋନରେ ଅଭିଯୋଗ କରିଥିଲେ। ଗାଁର କାଳିନ୍ଦ୍ରି ମାଝୀଙ୍କ ପୁଅ ସୁମନ୍ତ ସନ୍ଧ୍ୟାରେ ବଲାଙ୍ଗିରରୁ ଗାଁକୁ ଫେରୁଥିବାବେଳେ ହରିଜନ ପଡ଼ାର ୬ଜଣ ଯୁବକ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ ଉଦ୍ୟମ କରିଥିଲେ। ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି ଓ ଗ୍ରାମବାସୀ ଗାଁରେ ପୁଲିସକୁ ଅଟକ ରଖି ଥିଲା ବେଳେ ପୋଲିସ ପହଂଚି ସେମାନଙ୍କୁ ଉଦ୍ଧାର କରିଥିବା ବେଳେ ପୋଲିସ କାର୍ଯ୍ୟରେ ବାଧା ଦେଉଥିବା ଅପରାଧ ରେ କେସ ରୁଜୁ ହୋଇଚି। ଏପର୍ଯ୍ୟନ୍ତ କାହାକୁ ଅଟକ ରଖିବା ଯୋଗୁଁ ଗିରଫ ହୋଇ ନାହିଁ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ସଚେତନତା ଶୋଭାଯାତ୍ରା

ଜୟପୁର, ୩/୧୧ (ନି.ପ୍ର): ଦୁର୍ନିତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଆଜି ଜୟପୁର ଦୁର୍ନିତି ନିବାରଣ ବିଭାଗ ପକ୍ଷରୁ ଏକ ସଚେତନା ରାଲି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରଘୁନାଥ ମନ୍ଦିର ଛକ ଠାରୁ ଏକ ବିଶାଳ ପଦଯାତ୍ରା ବାହାରୀ ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ଠାରେ ପହଂଚିଥିଲା। ଭିଜିଲାନ୍ସ ଏସପି ରବୀନ୍ଦ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁର ଉପଜିଲ୍ଲାପାଳ ସୁଶ୍ରୀ ଆକବରାମ ସସ୍ୟା ରେଡ୍ଡୀ ଯୋଗଦେଇ ସବୁଜ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ।ଏହି ପଦଯାତ୍ରା ମାଧ୍ୟମରେ ଦୁର୍ନିତିରେ ଲିପ୍ତ ରହୁଥିବା ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ଭିଜିଲାନ୍ସ ଏସ୍ ପି ଶ୍ରୀ ପଣ୍ଡା ଏକ ସଙ୍କେତ ଦେଇଛନ୍ତି। ସେ କହିଛନ୍ତି ଚାକିରି କ୍ଷେତ୍ରରେ ଅଧିକାରୀ ଓ କର୍ମଚାରୀମାନେ ନିଜକୁ ଜନସେବକ ହେବା ପାଇଁ ଚେଷ୍ଟା କରନ୍ତୁ କୌଣସି ଲୋଭ ମୋହରେ ପଡ଼ି ଲାଂଚ କାରବାର କରନ୍ତୁ ନାହିଁ ଏବଂ ଦୁର୍ନୀତିକୁ ପ୍ରସୟ ଦେଉଥିବା ବ୍ୟକ୍ତିଙ୍କୁ ମଧ ନିଜେ ସଚେତନ ହୋଇ ରହିବା ସହ ଦୁର୍ନିତି ବିରୋଧରେ ସ୍ୱର ଉଠାଇବା ପାଇଁ କହିଛନ୍ତି। ଯଦି କୌଣସି ଲାଂଚ କାରବାର ହେଉଥିବା ଖବର ଜାଣିବେ ତାହେଲେ ଆବଶ୍ୟକସ୍ଥଳେ ଭିଜିଲାନ୍ସ ବିଭାଗକୁ ସମ୍ପର୍କ କରିବା ପାଇଁ ସୂଚନା ଦେଇଛନ୍ତି। ଆଜିର ଏହି ପଦଯାତ୍ରାରେ ଅନ୍ୟ ମାନଙ୍କ ମଧ୍ୟରେ ଭିଜିଲାନସ୍ ଇନ୍ସପେକ୍ଟର ସଂଚୟ କୁମାର ପ୍ରଧାନ, ସୂର୍ଯ୍ୟ ପ୍ରକାଶ ନାୟକ, ଅନୁଭା ଦାସ, ସାବିତ୍ରୀ ପ୍ରଧାନ ଓ ସନ୍ତୋଷୀ ବାରିକ, ଅଭୟ ମହାପାତ୍ର ଭିଜିଲାନ୍ସ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏବଂ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ମୁଖ୍ୟ ଶାଖାର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜୟପୁର ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀମତୀ ଯୋଶଦା ଗାଦବା ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରାଥମିକ ଶିକ୍ଷକ ମହାସଂଘର ବୈଠକ: ୟୁଏଏସ୍ କାର୍ଯ୍ୟକ୍ରମକୁ ବାତିଲ୍ ନ କଲେ ଆନ୍ଦୋଳନକୁ ଓହ୍ଲାଇବ ପ୍ରାଥମିକ ଶିକ୍ଷକ ମହାସଂଘ

ଭୁବନେଶ୍ୱର, ୦୨ ନଭେମ୍ବର (ହି.ସ.) : ପ୍ରାଥମିକ ଶିକ୍ଷକ ମହାସଂଘର ଆବାହକ ରାମଲାଲ ପଟେଲଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଜିଲ୍ଲାର ଅଗ୍ରଣୀ ଶିକ୍ଷକ ନେତୃତ୍ୱମାନଙ୍କ ଏକ ବୈଠକ ରବିବାର ଭୁବନେଶ୍ୱର ଖାରବେଳ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାର ଏଯାବତ ପ୍ରାଥମିକ ଶିକ୍ଷକମାନଙ୍କ କୌଣସି ସମସ୍ୟାର ସମାଧାନ କରିନାହାଁନ୍ତି। ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟରତ ଶିକ୍ଷକମାନଙ୍କୁ ଶିକ୍ଷା ଅଧିକାର ଅଧିନିୟମକୁ ଅନୁପାଳନ କରିବା ସହିତ ଖାଦ୍ୟ ସୁରକ୍ଷା ଆଇନ, ସ୍ୱାସ୍ଥ୍ୟ ସଚେତନ ତଥା ଏନ୍‌ଡିଡି କାର୍ଯ୍ୟକ୍ରମ ତତ୍‌ସହିତ ନାନାଦି ଅଣଶୈକ୍ଷିକ କାର୍ଯ୍ୟକ୍ରମର ବୋଝ ଲଦି ଦେଉଛନ୍ତି। ଅଧୁନା ୟୁଏଏସ୍ ନାମକ ଏକ ଡିଜିଟାଲ କାର୍ଯ୍ୟକ୍ରମ, ଯାହା ବ୍ୟକ୍ତିର ଗୋପନୀୟତା ତଥା ଆର୍ଥିକ ଦେଣନେଣ ପ୍ରତି ବିପଦ ଆଶାଙ୍କିତ ଯୋଜନା ଶିକ୍ଷକମାନଙ୍କୁ ମାନସିକ ବିଷାଦ ପ୍ରଦାନ କରୁଅଛି। ପ୍ରାଥମିକ ଶିକ୍ଷକ ମହାସଂଘ ଦୀର୍ଘଦିନ ଧରି ଦୁଇଗୋଟି ମୁଖ୍ୟ ଦାବି ଯଥା : ନିଯୁକ୍ତି ଦିନଠାରୁ କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ଏବଂ କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ କରିବାକୁ ସରକାରଙ୍କୁ ନିବେଦନ କରିଆସୁଥିଲେ ମଧ ସରକାର ପ୍ରାଥମିକ ଶିକ୍ଷକମାନଙ୍କୁ ପୂର୍ବ ସରକାରଙ୍କ ଭଳି ସାବତ ପୁଅର ମନୋଭାବ ପୋଷଣ କରିଆସୁଛନ୍ତି। ଏଣୁ ପ୍ରାଥମିକ ଶିକ୍ଷା ଭଳି ଏକ ସ୍ପର୍ଶକାତର ବିଭାଗର ବିଶ୍ୱକର୍ମା ବା ଶିକ୍ଷକମାନଙ୍କୁ ନିର୍ଯ୍ୟାତନାରୁ ମୁକ୍ତି ଦେବା ଉଦ୍ଦେଶ୍ୟରେ ୟୁଏଏସ୍ ପୋର୍ଟାଲ କାର୍ଯ୍ୟକ୍ରମକୁ ପ୍ରତ୍ୟାହାର କରାଯାଉ। ନଚେତ୍ ସାରା ଓଡ଼ିଶାରେ ଯେଉଁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବ, ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ। ସରକାର ପ୍ରାଥମିକ ଶିକ୍ଷକମାନଙ୍କର ଉପରୋକ୍ତ ଦୁଇଗୋଟି ଦାବିକୁ ଯଥାଶୀଘ୍ର ପୂରଣ ନକଲେ, ପ୍ରାଥମିକ ଶିକ୍ଷକ ମହାସଂଘ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ। ଏହି ବୈଠକରେ ଧନଞ୍ଜୟ ନାଏକ, ଶିଶିରୁ ଖଟୁଆ, ଅଜୟ କୁମାର ଧଳ, ପଦ୍ମଲୋଚନ ନାୟକ, ସୋମନାଥ ଗରଡ଼, ରୁଚନ୍ଦ୍ର ବେହେରା, ଅନନ୍ଦଚନ୍ଦ୍ର ପାତ୍ର, ଲିଙ୍ଗରାଜ ବେହେରା, ଅମୀୟ ରଞ୍ଜନ ସାହୁ, ବାସୁଦେବ ପଟେଲ, ପ୍ରବୀଣ କୁମାର ଦାସ, ଭୀମସେନ ପରିଡ଼ା, ଉତ୍ତମ କୁମାର ଦାସ, ପ୍ରଶାନ୍ତ ସାହୁ, ପ୍ରିୟମ୍ବଦା ଆର୍ଯ୍ୟ, ମହେଶ୍ୱର ପ୍ରଧାନ, ରଘୁନାଥ ପୁରୀ, ଜାମିନୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ମହାମହିମ ରାଷ୍ଟ୍ରପତିଙ୍କୁ ରାଷ୍ଟ୍ରପତି ଭବନରେ ସାକ୍ଷାତକରି ଜାତୀୟ ଆଦିବାସୀ ହୋ-ଭାଷା କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧି ମଣ୍ଡଳୀଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ଓ ଦାବିପତ୍ର ପ୍ରଦାନ

ଭୁବନେଶ୍ୱର, ୩/୧୧ (ନି.ପ୍ର): ନୂଆ ଦିଲ୍ଲୀରେ ରାଷ୍ଟ୍ରପତି ଭବନ ଠାରେ ଅଲ ଇଣ୍ଡିଆ ହୋ-ଭାଷା କ୍ରିୟାନୁଷ୍ଠାନ କମିଟିର ୧୨-ଜଣିଆ ପ୍ରତିନିଧି ମଣ୍ଡଳୀ ଦ୍ୱାରା ମହାମହିମ ରାଷ୍ଟ୍ରପତି ମହୋଦୟା ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଜୀଙ୍କୁ ଭେଟି ଆଦିବାସୀ 'ହୋ' ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବା ସମ୍ବନ୍ଧରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାପୂର୍ବରୁ ୨୦୨୩-ରେ ମଧ ଏହି ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ନିକଟରେ ଏକ ଦାବିପତ୍ର ଦାଖଲ କରାଯାଇଥିଲା। ରାଷ୍ଟ୍ରପତି ମହୋଦୟା ଆଦିବାସୀ ହୋ-ଭାଷାର ସ୍ୱୀକୃତି ବିଷୟରେ ଅତ୍ୟନ୍ତ ସକରାତ୍ମକ କଥା କହିଥିଲେ। ରାଷ୍ଟ୍ରପତି ମହୋଦୟା ଆଦିବାସୀ ହୋ-ଭାଷାରେ ପ୍ରତିନିଧୀଙ୍କ ସହିତ ବିଶେଷ ଭାବରେ ଏହି ଆଦିବାସୀ ହୋ-ଭାଷାରେ ମଧ ଆଲୋଚନା ଓ କଥାବାର୍ତା ହୋଇଥିଲେ। ଏହୀ କମିଟିର ଜାତୀୟ ସଭାପତି ଶ୍ରୀ ରାମରାଇ ମୁଣ୍ଡୁୟା କହିଛନ୍ତି ଯେ ସମ୍ପୂର୍ଣ୍ଣ ଦେଶର ୫୦-ଲକ୍ଷରୁ



ଅଧିକ ଲୋକ ଦୈନନ୍ଦିନ ଜୀବନରେ ଏହି ହୋ-ଭାଷା ବ୍ୟବହାର କରନ୍ତି। ଏହି ହୋ-ଭାଷା ସ୍ୱୀକୃତି ପାଇଁ ବହୁ ବର୍ଷ-ଧରି ହୋ-ଭାଷା-ଭାଷୀ ଲୋକେ ସଙ୍ଘର୍ଷ ଜାରି ରଖିଛନ୍ତି, ଏହି ପରିପେକ୍ଷୀରେ ଓଡ଼ିଶା ଏବଂ ଝାଡ଼ଖଣ୍ଡ ସରକାର ଦ୍ୱାରା କେନ୍ଦ୍ର ସରକାରଙ୍କୁ ପାଖରେ ଆଦିବାସୀ 'ହୋ' ଭାଷାକୁ ସଂବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ ବ ସ୍ୱୀକାରୋକ୍ତି ଦେଇ ଶାମିଲ କରିବାକୁ ଅନୁରୋଧ କରାଯାଇଛି। ଗତବର୍ଷ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହା ଜୀ ଅଷ୍ଟମ ଅନୁସୂଚୀରେ "ହୋ" ଭାଷାକୁ ଅନ୍ତର୍ଭୁକ୍ତ କରିବାକୁ ଆଶ୍ୱାସନ ଓ ନିର୍ଭର ପ୍ରତିଶୃତି ଦେଇଥିଲେ ଏବଂ ଝାଡଖଣ୍ଡ ସରକାର ଏବଂ ଓଡ଼ିଶା ସରକାର ମଧ ବହୁ ବର୍ଷ ପୂର୍ବରେ ଭାରତ ସରକାରଙ୍କୁ ସୁପାରିଶ ପତ୍ର ପଠାଇ ସାରିଛନ୍ତି ଏବଂ ଏହି ହୋ-ଭାଷାକୁ ଦ୍ୱିତୀୟ ରାଜଭାଷା ଭାବରେ ଝାଡଖଣ୍ଡ ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ହୋଇସାରିଛି, ଜାତୀୟ କାର୍ଯ୍ୟନିର୍ବାହୀ ସଭାପତି ସୁରା ବିରୁଲି କହିଛନ୍ତି ଯେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ଏତେ ବଡ ଆଦିବାସୀ ହୋ-ଭାଷା ଜନସଂଖ୍ୟାରେ ମାତୃଭାଷାର ସୁରକ୍ଷା ତଥା ସଂରକ୍ଷଣ ପାଇଁ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହୋଇଥିବା ବେଳେ ସ୍ୱଳ୍ପ-ଭାଷା ବିଶିଷ୍ଟ ତଥା ସୀମିତ ସାହିତ୍ୟିକ ବିକାଶ ସହ ଅନେକ ଭାଷାକୁ ଅଷ୍ଟମ ସୂଚୀରେ ଅନ୍ତର୍ଭୁକ୍ତ ହୋଇସାରିଛି। ଭାରତୀୟ ସଂବିଧାନର ଅଷ୍ଟମ ସୂଚୀରେ ଅନ୍ତର୍ଭୂକ୍ତ କରିବା ପାଇଁ ଆମେ ଦୃଢ଼ ଭାବରେ ବିଶ୍ୱାସ କରୁଅଛୁ ଯେ ଆମରି ହୋ-ଭାଷାର ସାହିତ୍ୟ ଏବଂ ସଂସ୍କୃତିର ସଂରକ୍ଷଣ ତଥା ଭାରତୀୟ ସାମ୍ବିଧାନିକ ସ୍ୱୀକୃତି ଦେଲେ ଏହାର ପ୍ରଚାର ପ୍ରସାରରେ ସହାୟକ ହେବ, ଯାହାଦ୍ୱାରା ଭାରତର ଭାଷା ବିବିଧତା ଏବଂ ଆଦିବାସୀ ସଂସ୍କୃତି ଭାଷା ପରମ୍ପରା ଜୀବନ୍ତ ହେବ। ଆମେ ଆଶା କରୁଛୁ ଯେ ଭାରତର ସମ୍ବିଧାନର ଅଷ୍ଟମ ଅନୁସୂଚୀ ରେ ଆଦିବାସୀ ହୋ-ଭାଷାକୁ କେନ୍ଦ୍ର ସରକାର ଖୁବ୍ ଶୀଘ୍ର ସ୍ୱୀକୃତି ଦେବେ ଏବଂ ଏହାର ଉପଯୁକ୍ତ ସ୍ଥାନ ପାଇବ ବୋଲି ଆଶା ଓ ବିଶ୍ୱାଶ କରୁଛୁ. ଅଲ ଇଣ୍ଡିଆ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ମାନଙ୍କ ମଧ୍ୟରୁ ଏହି ୧୨-ଜଣିଆ ପ୍ରତିନିଧି ଦଳରେ ଜାତୀୟ ସଭାପତି ରାମରାଇ ମୁଣ୍ଡୁୟା, ରାଷ୍ଟ୍ରୀୟ କାର୍ଯ୍ୟନିର୍ବାହୀ ସଭାପତି ସୁରା ବିରୁଲି, ଗୋମେୟା ଅମଂ ରାଷ୍ଟ୍ରୟ ସମ୍ପାଦକ, ବାଜୁ ଚନ୍ଦ୍ର ସିର୍କା ଜଙ୍ଗଲ ପରିବେଶ ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି , ଗିରିଶ ଚନ୍ଦ୍ର ହେମ୍ବ୍ରୋମ୍ ଦିଲ୍ଲୀ ଚାଲ ଷ୍ଟେରିଙ୍ଗ କମିଟି ସଦସ୍ୟ, ଶାନ୍ତି ସିଦୁ ଉପସଭାପତି, ବସନ୍ତ କୁମାର ବୁଲିଉଲି ରାଜ୍ୟ ସଭାପତି ଓଡିଶା, ଫୁଲମୁତୀ ସିର୍କା, ଖିରୋଦ ହେମ୍ବ୍ରମ, ଗୋପୀନାଥ ଲାଗୁରି, ଶାନ୍ତି ସିଦ୍ଧୁ, ଜଗନ୍ନାଥ କେରାଇ, ନିକିତା ବିରୁଲି ସାମିଲ ରହିଥିଲେ।

## ଧର୍ମ ପରାୟଣ ମହିଳାଙ୍କ ପରଲୋକ

ଭଦ୍ରକ, ୩/୧୧ (ନି.ପ୍ର): ଭଦ୍ରକ ଜିଲା ଧାମନଗର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ସୁରଞ୍ଜନ ପଣ୍ଡାଙ୍କ ମା' ତଥା ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗତ ନବଘନ ପଣ୍ଡାଙ୍କ ଧର୍ମପତ୍ନୀ ଅନ୍ନପୂର୍ଣ୍ଣା ଦେବୀଙ୍କର ୮୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଅନ୍ନପୂର୍ଣ୍ଣା ଦେବୀ ଜଣେ ଧର୍ମ ପରାୟଣା ମହିଳା ଥିଲେ। ମୃତ୍ୟ ଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପାଇ ସ୍ଥାନୀୟ ଅଂଚଳରେ ଶୋକ ପ୍ରକାଶ ପାଇଛି। ସ୍ଥାନୀୟ ବହୁ ବିଶିଷ୍ଟବ୍ୟକ୍ତି ତାଙ୍କ ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଆଇଆଇଟି କାନପୁର ଦେଲା ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ଜ୍ଞାନେଶ କୁମାରଙ୍କୁ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ

ଭୁବନେଶ୍ୱର, ୩/୧୧ (ନି.ପ୍ର): ଭାରତୀୟ ପ୍ରଶାସନିକ ସେବାରେ ଉଲ୍ଲେଖନୀୟ ଅବଦାନ, ଉତ୍କୃଷ୍ଟ ପ୍ରଶାସନିକ ଦକ୍ଷତା, ଦେଶ ଓ ଗଣତନ୍ତ୍ରକୁ ସୁଦୃଢ଼ କରିବାର ଅବିସ୍ମରଣୀୟ ଅବଦାନ ପାଇଁ ଆଇଆଇଟି କାନପୁର ପକ୍ଷରୁ ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ଜ୍ଞାନେଶ କୁମାରଙ୍କୁ ଡିଷ୍ଟିଙ୍ଗଉଇଷ୍ଟ ଆଲୁମିନି ଆୱାର୍ଡ ସମ୍ମାନରେ ସମ୍ମାନିତ କରାଯାଇଛି। ୧୯୮୯ ରୁ ଆରମ୍ଭ ହୋଇଥିବା ଡିଷ୍ଟିଙ୍ଗଉଇଷ୍ଟ ଆଲୁମିନି ଆୱାର୍ଡ ହେଉଛି ଆଇଆଇଟି କାନପୁରର ପୁରାତନ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ବିଶେଷ କାର୍ଯ୍ୟ ଏବଂ ସଂସ୍ଥା ଓ ଦେଶ ପାଇଁ ଉଲ୍ଲେଖନୀୟ ଅବଦାନ ପାଇଁ ଦିଆଯାଉଥିବା ଏହା ହେଉଛି ସର୍ବୋଚ୍ଚ ସମ୍ମାନ। ପ୍ରତିବର୍ଷ ସଂସ୍ଥା ତାର ପୁରାତନ ଛାତ୍ରଛାତ୍ରୀମାନଙ୍କର ଅନନ୍ୟ ସେବା ଓ ସାଧନାକୁ ସ୍ମରଣ କରି ଏହି ସମ୍ମାନ ପ୍ରଦାନ କରିଥାଏ । ବିଶିଷ୍ଟ ବୈଜ୍ଞାନିକ, ପ୍ରଶାସକ, ଉଦ୍ୟମୀ, ଶିକ୍ଷାବିତ ଏବଂ ଦେଶ ଗଠନ ଓ ଦେଶର ଗୌରବ ବୃଦ୍ଧି କରିଥିବା ଅନନ୍ୟ ଓ ଅସାଧାରଣ ବ୍ୟକ୍ତିତ୍ୱ ମାନେ ପୂର୍ବରୁ ଏହି ସମ୍ମାନ ପାଇଛନ୍ତି । ଶ୍ରୀ ଜ୍ଞାନେଶ କୁମାର ୧୯୮୫ ମସିହାରେ ଆଇଆଇଟି କାନପୁର ଭଳି ଲବ୍ଧପ୍ରତିଷ୍ଠିତ ଅନୁଷ୍ଠାନରୁ ସିଭିଲ୍ ଇଞ୍ଜିନିୟରିଂରେ ବିଟେକ କୃତିତ୍ୱର ସହ ପାସ କରିଥିଲେ । ସଂସ୍ଥାର ୬୬ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆୟୋଜିତ ସମାରୋହରେ ତାଙ୍କୁ ଏହି ପ୍ରତିଷ୍ଠିତ ସମ୍ମାନ ପ୍ରଦାନ କରାଯାଇଛି ।

# ଆପଡ଼ାରେ କେନ୍ଦୁପତ୍ର ତୋଳାଳିଙ୍କ ବିଶାଳ ସମାବେଶ: ନୂଆପଡ଼ାର ୩୦ ହଜାରରୁ ଉର୍ଦ୍ଧ୍ୱ କେନ୍ଦୁପତ୍ର ତୋଳାଳି ବିଜେପି ସପକ୍ଷରେ

ନୂଆପଡ଼ା / ଭୁବନେଶ୍ୱର, ୩/୧୧ (ନି.ପ୍ର): ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା କେନ୍ଦୁପତ୍ର ତୋଳାଳୀଙ୍କ ନେତା ଶ୍ରୀ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ନୂଆପଡ଼ା କେନ୍ଦୁପତ୍ର ରେଞ୍ଜ ଅନ୍ତର୍ଗତ ୫୦ଟି ଗାଁର ୮ ହଜାରରୁ ଉର୍ଦ୍ଧ୍ୱ କେନ୍ଦୁପତ୍ର ତୋଳାଳୀଙ୍କର ଏକ ବିଶାଳ ସମାବେଶ ନୂଆପଡ଼ା ବ୍ଲକ ସାରାବଙ୍ଗ ଗ୍ରାମ ଷ୍ଟେଡିୟମ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ କନକବର୍ଦ୍ଧନ ସିଂହଦେଓ, ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଧାୟକ ଶ୍ରୀ ବିଜୟ ଦଳବେହେରା, ଶ୍ରୀ ଉମାଚରଣ ମଲ୍ଲିକ, ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ବିମ୍ବାଧର କୁଅଁର, ପୂର୍ବତନ ମନ୍ତ୍ରୀ ଶ୍ରୀ ହିମାଂଶୁ ଶେଖର ମେହେର, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ କେନ୍ଦୁପତ୍ର ଉପରେ ଜିଏସଟି ଉପରେ ଦରହ୍ରାସ, ତୋଳାଳୀମାନଙ୍କୁ ୨୫ ପ୍ରତିଶତ ବୋନସ ତଥା ବନ୍ଧେଇ ଶ୍ରମିକ ଓ ସିଜିନାଲ ଷ୍ଟାଫ୍ ମାନଙ୍କୁ ୫ ପ୍ରତିଶତ ପ୍ରୋତ୍ସାହନ ଭତ୍ତା ପ୍ରଦାନ, ତୋଳାଳୀଙ୍କୁ ଚପଲ, ପାଣି ବୋତଲ, ମୁଣ୍ଡରେ ଟୋପି, କେନ୍ଦୁପତ୍ର ତୋଳା କପଡ଼ା ବାବଦକୁ ୫୦୦ ଟଙ୍କା ତଥା ବନ୍ଧାଳୀମାନଙ୍କୁ ମଶାରୀ, କମ୍ବଳ ଓ ଲଣ୍ଠନ ବାବଦକୁ ୭୦୦ ଟଙ୍କା ପ୍ରଦାନ ପାଇଁ ରାଜ୍ୟର ଲୋକଙ୍କ ସରକାର ତଥା ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ର ନିଷ୍ପତ୍ତିକୁ ଯୁଗାନ୍ତକାରୀ ତଥା ସ୍ୱାଗତଯୋଗ୍ୟ ପଦକ୍ଷେପ ଏବଂ ଏହା ଦ୍ୱାରା କେନ୍ଦୁପତ୍ର ତୋଳାଳୀଙ୍କ ଆର୍ଥିକ ଅଭିବୃଦ୍ଧି ହୋଇପାରିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ କହିଛନ୍ତି । କେନ୍ଦୁପତ୍ର ତୋଳାଳୀ ବହୁସଂଖ୍ୟାରେ ମୋ ବିଧାନସଭା କ୍ଷେତ୍ର ପାଟଣାଗଡ଼ ଅଂଚଳରେ ଥିବା କାରଣରୁ ସେମାନଙ୍କ ସମସ୍ତ ଦାବିଗୁଡିକ ଓ ସମସ୍ୟା ଉପରେ ମୁଁ ଅବଗତ ଅଛି, ଆପଣଙ୍କ ନେତା ଯଦୁଭାଇ ସବୁବେଳେ ଆପଣମାନଙ୍କ ଦାବି ପୂରଣ ପାଇଁ ଆମ ସହ ସମ୍ପର୍କରେ ଅଛନ୍ତି ଏବଂ ଆମ ସରକାର ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳୀଙ୍କ ସ୍ୱାର୍ଥରେ ସମ୍ବେଦନଶୀଳ ତଥା ପ୍ରତିଶ୍ରୁତିବଦ୍ଧ ଅଟନ୍ତି। ସେମାନଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କ ସକ୍ରିୟ ବିଚାରାଧୀନ ଅଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ କେ.ଭି.ସିଂହଦେଓ କହିଛନ୍ତି ।

ସୂଚନାଯୋଗ୍ୟ ଗତ ଶୁକ୍ରବାର ଦିନ ନୂଆପଡ଼ା ବ୍ଲକର କୁଲିଆବନ୍ଧା ଓ ଶନିବାର ଦିନ ଖଲିଆପାଲି ଗ୍ରାମରେ ହଜାର ହଜାର ତୋଳାଳୀଙ୍କ ବିଶାଳ ସମାବେଶ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ସପକ୍ଷରେ ହୋଇସାରିଛି।

# ପଂଚମ ଇଷ୍ଟ ଇଣ୍ଡିଆ କରାଟେ ଚାମ୍ପିଅନସିପ୍ ଉଦ୍‌ଯାପିତ: ୭୪ଟି ସ୍ୱର୍ଣ୍ଣ ସହ ଓଡିଶା ପ୍ରଥମ

ଭୁବନେଶ୍ୱର , ୩/୧୧ (ନି.ପ୍ର): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ଠାରେ ଅନୁଷ୍ଠିତ ହେଉଥିବା ପଂଚମ ଇଷ୍ଟ ଇଣ୍ଡିଆ କରାଟେ ଚାମ୍ପିଅନସିପ୍ ଆଜି ଉଦଯାପିତ ହୋଇଯାଇଚି ଏହି ପ୍ରତିଯୋଗୀତା ରେ ଓଡ଼ିଶା, ପଶ୍ଚିମ ବଙ୍ଗ , ବିହାର, ଝାରଖଣ୍ଡ, ଆଣ୍ଡାମାନ ନିକୋବର ରୁ ପ୍ରାୟ ୭୦୦ ପ୍ରତିଯୋଗୀ ଭାଗ ନେଇଥିଲେ. ଓଡିଶା ମୋଟ୍ ୭୪ ଟି ସ୍ୱର୍ଣ, ୫୭ ରୌପ୍ୟ ଓ ୭୬ କାଂସ୍ୟ ପଦକ ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପଶ୍ଚିମ ବଙ୍ଗ ୪୩ ଟି ସ୍ୱର୍ଣ, ୫୫ ଟି ରୌପ୍ୟ ଓ ୮୬ ଟି କାଂସ୍ୟ ପଦକ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ସେହିପରି ବିହାର ୧୩ ଟି ସ୍ୱର୍ଣ୍ଣ ୯ ଟି ରୌପ୍ୟ ଓ ୧୪ ଟି କାଂସ୍ୟ ପାଇ ତୃତୀୟ ସ୍ଥାନ ଅଧିକାର କରିଚି, ଉଦଯାପନୀ ଉତ୍ସବରେ ଓଡ଼ିଶା ଓଲିମ୍ପିକ ସଂଘର ର ସଭାପତି ତଥା ବରିଷ ବିଜେପି ନେତା ଶ୍ରୀ ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ, ପୂର୍ବାଂଚଳ କରାଟେ ସଂଘର ସଭାପତି ହାନଶୀ ପ୍ରେମଜିତ ସେନ ଓଡିଶା ରାଜ୍ୟ କରାଟେ ସଂଘର ର ସଭାପତି ଡ. ହରିପ୍ରସାଦ ପଟନାୟକ, ସମ୍ପାଦକ ଡ. ଗୌରୀ ମହାନ୍ତି, ଯୁଗ୍ମ ସମ୍ପାଦକ ଶ୍ରୀ କାଳିପ୍ରସାଦ ନନ୍ଦ, ପ୍ରତିଷ୍ଠାତା ସଦସ୍ୟ ଶ୍ରୀ ପ୍ରକାଶ କୁମାର ପଟନାୟକ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ ।

# ୩୬ ବର୍ଷର ଜାତୀୟସ୍ତରୀୟ ଚନ୍ଦ୍ରଭାଗୋତ୍ସବର ପ୍ରାରମ୍ଭିକ ପ୍ରସ୍ତୁତି



ବାଲେଶ୍ୱର, ୩/୧୧ (ନି.ପ୍ର): ପ୍ରତିବର୍ଷପରି ଏବର୍ଷ ମଧ୍ୟ ଜାତୀୟସ୍ତରୀୟ ଚିତ୍ରକଳା, ବହୁଭାଷୀ ସଂଗୀତ, ନାଟକ-କଥା-କବିତା ତଥା ବହିମେଳାର ଆୟୋଜନ ଚନ୍ଦ୍ରଭାଗା ଅନୁଷ୍ଠାନର ଜନ୍ମଦିନ ବର୍ଷଶେଷ ଏବଂ ବର୍ଷଆରମ୍ଭ ଅବକାଶରେ ସ୍ଥାନୀୟ ଗାନ୍ଧିସ୍ମୃତିଭବନ ପରିସରରେ ୨୮ ଡିସେମ୍ବର ୨୦୨୫ରୁ ୩ ଜାନୁଆରି ୨୦୨୬ ପର୍ଯ୍ୟନ୍ତ ୭ଦିନବ୍ୟାପୀ ଅନୁଷ୍ଠିତ ହେବାର ଆପାତତଃ ନିଷ୍ପତ୍ତି ନିଆଯାଇଛି। ଅନୁଷ୍ଠାନର ବରିଷ୍ଠ ଶୁଭେଚ୍ଛୁ / ଉପଦେଷ୍ଟା ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ପୌରୋହିତ୍ୟରେ ଏବଂ ବରିଷ୍ଠ ସଦସ୍ୟ ଅଧ୍ୟାପକ, ଡ. ଶଶିକାନ୍ତ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠାନର ପ୍ରତିଷ୍ଠାତା ସଂପାଦକ ସଚିବ କବି ଶ୍ରୀଦେବ, ଚିତ୍ରଶିଳ୍ପୀ ଅନୁଷ୍ଠାନ ଆନୁକୂଲ୍ୟରେ ହୋଇଥିବା ୧୮୦ରୁ ଊର୍ଦ୍ଧ୍ୱ ଜାତୀୟସ୍ତରରେ ବହୁଭାଷୀ କ୍ଷୁଦ୍ରନାଟକ, ଜାତୀୟସ୍ତରରେ ହେଉଥିବା ବିଭିନ୍ନ ଚିତ୍ରକଳାର ଆୟୋଜିତ କର୍ମଶାଳା, ବହୁଭାଷୀ କଥା-କବିତା ଓ ସମୃଦ୍ଧ ବିତର୍କର ସୃଜନସ୍ରଷ୍ଟାଙ୍କ ସମାବେଶ ସଂପର୍କରେ ଆଲୋକପାତ କରିବା ସହ ସମକାଳର ଉତ୍କୃଷ୍ଟ 'ସୃଜନାକ୍ଷର' ଏବଂ ସ୍ରଷ୍ଟା ତିଆରିର ନିରବଚ୍ଛିନ୍ନ ଉତ୍କଣ୍ଠାରେ 'ଚନ୍ଦ୍ରଭାଗା' ଅନୁଷ୍ଠାନର ଜନ୍ମଦିନଠୁ ଅଦ୍ୟାବଧି ତରୁଣ ବୟସ ପର୍ଯ୍ୟନ୍ତ ଲକ୍ଷ୍ୟଚ୍ୟୁତ ହୋଇନଥିବାର ଦୃଢ଼ୋକ୍ତି ଉପସ୍ଥିତ ସର୍ବଶ୍ରୀ ପ୍ରଦୀପ୍ତ ପଣ୍ଡା, ସରକାରୀ ଓକିଲ ଅଶୋକ ସେନାପତି, କବି ସିତାଂଶୁ ଲେଙ୍କା, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ ସ୍ରଷ୍ଟା ଲକ୍ଷ୍ମୀଧର ମହାନ୍ତି, ରାଜ୍ୟର ସିଟିଜେନ୍ ଏୱାର୍ଡ୍ୀ ଚିତ୍ରଶିଳ୍ପୀ କେଶୁଦାସ, ମରୁତ୍ ରାଉତ, ପ୍ରାକ୍ତନ ଅଧ୍ୟକ୍ଷ ଓ 'ବାର୍ତ୍ତାଉର୍ମି'ର ସିଦ୍ଧହସ୍ତ ସଂଯୋଜକ ରାମଚନ୍ଦ୍ର ସାହୁ ବିଶିଷ୍ଟ ନାଟ୍ୟକାର ଅଭିନେତା-ନିର୍ଦ୍ଦେଶକ ଆଶିଷ ଚକ୍ରବର୍ତ୍ତୀ, କାବ୍ୟସାହିତ୍ୟର ଗବେଷକ ଡ. ଦିଲ୍ଲୀପ ରଥ, ବିଶିଷ୍ଟ ସମାଜିକ କର୍ମୀ ଯାଦବେଶ ମିଶ୍ର (ବିଭୁ), ରାଜ୍ୟ ସାଂସ୍କୃତିକ ସ୍ୱର ସୃଷ୍ଟିକାରୀ 'ନାଚ୍'ର ପ୍ରତିଷ୍ଠାତା ଅରୁଣାଂଶୁ ପାଣିଗ୍ରାହୀ, ରୋନାଲିସା ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ ପର୍ଶୁରାମ ପ୍ରଧାନ, ତୁଷାରକାଂତ ମହାପାତ୍ର, ଗଜେନ୍ଦ୍ର ପ୍ରସାଦ ମହାନ୍ତି ଏବଂ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କୃତ ତରୁଣ ଗାଳ୍ପିକ ସଂଜୟ ପଣ୍ଡା, 'ଚନ୍ଦ୍ରଭାଗା'ର ଆଜୀବନ ସଦସ୍ୟ ସନ୍ତୋଷ ପଣ୍ଡା, ଜଗବନ୍ଧୁ ପୃଷ୍ଟି ଏବଂ ଅନୁଷ୍ଠାନର ସଦସ୍ୟ ସମାଜସେବୀ ଅବନୀ ଜେନା, ଜ୍ୟୋତିର୍ମୟୀ ଶତପଥୀ ପ୍ରମୁଖ ନିଜନିଜର ଅଭିବ୍ୟକ୍ତି ମାଧ୍ୟମରେ ଆନୁଷ୍ଠାନିକ ତ୍ରୁଟିବିଚ୍ୟୁତି ଏବଂ ସଫଳତା ସମ୍ବନ୍ଧରେ ନିଜନିଜର ଦୃଢ଼ ମତପୋଷଣ କରିଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବବତ୍ ଖୁବ୍ ନିକଟ ଭବିଷ୍ୟତରେ 'ଚନ୍ଦ୍ରଭାଗା'ର ମାସିକ ସଂସ୍କରଣ ପ୍ରକାଶନର ଯତ୍ନନେବା ପ୍ରସ୍ତାବ ସର୍ବସମ୍ମତ ଗୃହୀତ ହୋଇଥିଲା।

## ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର କାର୍ଯ୍ୟକ୍ରମଞ୍ଚ

ଭଦ୍ରକ, ୩/୧୧ (ନି.ପ୍ର): ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ସଦଭାବନା ସଭାଗୃହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଦିଲିପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ଶୁଭେନ୍ଦ୍ର ସାମଲ, ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ସୁଧିରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଆରକ୍ଷୀ ଅଧୀକ୍ଷକ ଜ୍ଞଞ୍ଜସନ୍ଧିତ୍ କୁମାର ମାଝୀ, ଡେପୁଟି କଲେକ୍ଟର ଜ୍ଞାନ ରଞ୍ଜନ ଦାସ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭଦ୍ରକ ରଶ୍ମିରଞ୍ଜନ ମଲ୍ଲିକ, ତହସିଲଦାର, ଭଦ୍ରକ ସଂଗ୍ରାମ କେଶରୀ ଖୁଣ୍ଟିଆ ଓ ଅନ୍ୟ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଜନଶୁଣାଣୀ ଶିବିରରେ ମୋଟ ୨୦୭ ଆବେଦନ ପତ୍ର ଦାଖଲ ହୋଇଥିଲା । ସେଥିରୁ ୧୬୧ଟି ବ୍ୟକ୍ତିଗତ ଥିଲାବେଳେ , ୪୬ ଟି ସାମୁହିକ ଥିଲା। ୩୬ ଟି ର ସମାଧାନ ତତକ୍ଷଣାତ୍ ହୋଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ରୁ ୯ ଜଣଙ୍କୁ ଓ ରେଡକ୍ରସ ରୁ ୫ ଜଣଙ୍କୁ ମୋଟ ୧,୧୫,୦୦୦/- ଟଙ୍କା ପ୍ରଦାନ କରାଯାଇଥିଲା। ଆଜିର ଜନଶୁଣାଣୀ ରେ ମୁଖ୍ୟତଃ ଚାଷୀ ପଞ୍ଜୀକରଣ, ମଧୁବାବୁ ପେନସନ, ପି ଏମ ଆବାସ ଯୋଜନା ରେ ଗୃହ ବଣ୍ଟନ, ଜମିଜମା ସଂପର୍କିତ, ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ଉଚ୍ଛେଦ ବଦଳରେ ଜମି/ଗୃହ ଆବଣ୍ଟନ ଅଭିଯୋଗ ସହିତ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦରଖାସ୍ତ ହସ୍ତଗତ ହୋଇଥିଲା ।

# ଖୋର୍ଦ୍ଧା ଗୁରୁଜଙ୍ଗ ଧବଳେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଏବଂ ମାନସିକ ଧାରୀଙ୍କ ଅଟକାଳି ଭୋଗ ପାଇଁ ସମାଗମ

ଖୋର୍ଦ୍ଧା, ୩/୧୧ (ନି.ପ୍ର): ଆସନ୍ତାକାଲି ପବିତ୍ର ବଡ଼ଓଷା। ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ଗୁରୁଜଙ୍ଗ ଧବଳେଶ୍ୱର ପୀଠ ରେ ଲାଗିଛି ଶ୍ରଦ୍ଧାଳୁ ଙ୍କ ସମାଗମ। ପୌରାଣିକ ସମୟ ରୁ ଏଠାରେ ପ୍ରଭୁ ଧବଳେଶ୍ୱରଙ୍କୁ ପୂଜା ଅର୍ଚ୍ଚନା କରାଯାଉଛି। ପବିତ୍ର କାର୍ତ୍ତିକ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ବଡ଼ଓଷା ଉପଲକ୍ଷେ ଆରମ୍ଭ ହୋଇଛି ପୂଜାର୍ଚ୍ଚନା। ଚଳିତ ବର୍ଷ କାର୍ତ୍ତିକ ମାସ ଶେଷ ସୋମବାର ତିଥିଠାରୁ ପ୍ରଭୁ ଧବଳେଶ୍ୱରଙ୍କ ଠାରେ ଜଳଲାଗି ଏବଂ ପୂଜା କରିବା ଲାଗି ଭକ୍ତ ଙ୍କ ସମାଗମ ହୋଇଛି। ଲମ୍ବଧଡ଼ି ରେ ଭକ୍ତ ମାନେ ମନ୍ଦିର ଭିତରକୁ ପ୍ରବେଶ କରି ଦର୍ଶନ କରୁଛନ୍ତି। ବଡ଼ଓଷା ଦିନ ପାହାନ୍ତା ୩ଟା ସମୟ ରୁ ଧବଳେଶ୍ୱର ଙ୍କ ଥରେ ଘିଅ, ଲହୁଣୀ, ମହୁ, କ୍ଷୀର, ନବାତ ରେ ମାଜଣା କରାଯିବ। ପରେ ଠାକୁରଙ୍କ ରୀତି ନୀତି ଶଙ୍ଖୁଡ଼ି ଭୋଗ କରାଯାଇ ସର୍ବ ସାଧାରଣ ଙ୍କ ଲାଗି ଦର୍ଶନ ଆରମ୍ଭ ହେବ। ଏହି ଦିନ ଅନେକ ଭକ୍ତ ଦୂର ଦୁରାନ୍ତରୁ ଆସି ପ୍ରଭୁଙ୍କ ନିକଟରେ ପୂଜା କରି ପାଦୁକ ପାଇ ଉପବାସ ରହିଥାନ୍ତି। ମାନସିକ ଧାରୀ ମାନେ ଅଟକାଳି ଭୋଗ , ଗଜ ଭୋଗ କରିଥାନ୍ତି। ବଡ଼ଓଷା ଦିନ ପାହାନ୍ତା ସମୟ ରୁ ସନ୍ଧ୍ୟା ପର୍ଯ୍ୟନ୍ତ ପୂଜା , ଦର୍ଶନ ଚାଲିଥାଏ। ସନ୍ଧ୍ୟା ସମୟ ରେ ଠାକୁରଙ୍କ ବେଢ଼ା ପରିକ୍ରମା ହୋଇଥାଏ। ପବିତ୍ର ବଡ଼ଓଷା ଏବଂ କାର୍ତ୍ତିକ ପୂର୍ଣ୍ଣିମା କୁ ଶାନ୍ତି ଶୃଙ୍ଖଳା ରେ ସମାହିତ କରିବାକୁ ଟ୍ରଷ୍ଟି ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଧବଳେଶ୍ୱର ଟ୍ରଷ୍ଟି ବୋର୍ଡ ସହ ସେବାୟତ ସଂଘ କମିଟି ସଭ୍ୟ ଏବଂ ପ୍ରଶାସନିକ ସହଯୋଗ ରେ ଏହି ବଡ଼ଓଷା ଯାତ୍ରା , ପୂଜାର୍ଚ୍ଚନା, ଦର୍ଶନ , ଅଟକାଳି ଭୋଗ ପ୍ରସ୍ତୁତି ଏବଂ ସମର୍ପଣ କାର୍ଯ୍ୟ କରାଯାଉଛି। ପୌର ପ୍ରଶାସନ ପକ୍ଷ ରୁ ପରିମଳ, ଜଳ ଯୋଗାଣ , ବିଦ୍ୟୁତ୍ ବିଭାଗ ତରଫ ରୁ ଆଲୋକ ଯୋଗାଣ, ଆଦର୍ଶ ଥାନାପୋଲିସ ପ୍ରଶାସନ ପକ୍ଷ ରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ମୃତୟନ କରାଯାଇଛି। ବଡ଼ଓଷା ଯାତ୍ରା ଚଳିତ ବର୍ଷ ସୋମବାର ଠାରୁ ଛାଡଖାଇ ପର୍ଯ୍ୟନ୍ତ ୪ଦିନ ଧରି ପାଳିତ ହେଉଛି। ଅନେକ ବ୍ୟବସାୟୀ ମାନେ ତାଙ୍କ ବ୍ୟବସାୟ ଧରି ମନ୍ଦିର ଚତୁପାର୍ଶ୍ୱ ରେ ଦୋକାନ ଖୋଲିଥନ୍ତି। ବିଶେଷ କରି ମାର୍ଗଶିର ମାସରେ ଧାନ ଅମଳ ଏବଂ ଲକ୍ଷ୍ମୀ ପୂଜା ପାଇଁ ଡାଲା, କୁଲାର, ବୋଝ, ଦା, କଟୁରୀ ସହ ଅନ୍ୟାନ୍ୟ ଘରକରଣା ସାମଗ୍ରୀ ର କିଣା ବିକା ହୋଇଥାଏ। ଚଳିତ ବର୍ଷ ପ୍ରଭୁ ଧବଳେଶ୍ୱର ଙ୍କ ବଡ଼ଓଷା ଯାତ୍ରା କୁ ଆଡମ୍ବର ସହକାରେ ପାଳନ କରିବାକୁ ମ୍ୟାନେଜିଂ ଟ୍ରଷ୍ଟି ବଦ୍ରି ନାରାୟଣ ସାହୁ , ଟ୍ରଷ୍ଟି ଶୁଭ୍ରାଂଶୁ ରଂଜନ ସାମନ୍ତରାୟ ଏବଂ ଅନ୍ୟ ସଭ୍ୟ ସହଯୋଗ କାମନା କରିଛନ୍ତି।

# ଛଅ ମାସ ପରେ ମଧ୍ୟ ରାସ୍ତାର ପାର୍ଶ୍ୱରେ ପଡିପାରିଲାନି ମୋରମ: ଉଠିଗଲାଣି ପିଚୁ, ବାଲିବସ୍ତା ପକାଇ ଲୁଚାଇବାକୁ ଉଦ୍ୟମ



ବାଲିଆପାଳ , ୩/୧୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ଠାରୁ କାଳରୁହି ପର୍ଯ୍ୟନ୍ତ ୫କି.ମି ରାସ୍ତାରୁ ୨ କି.ମି ରାସ୍ତା ଜଳସେଚନ ବିଭାଗ ପକ୍ଷରୁ ଛଅ ମାସ ତଳୁ କାମସରିଛି। ମାତ୍ର ଏଯାବତ ଦୁଇ ପାର୍ଶ୍ୱର୍ରେ ମୋରମ ପଡ଼ି ପାରିନାହିଁ। ଦୁଇ ପାର୍ଶ୍ୱରେ ଖାଲଖମାର ଭର୍ତ୍ତି । ଜାମକୁଣ୍ଡା ପଞ୍ଚାୟତର ପ୍ରାୟ ଦଶହଜାର ଲୋକ ଏବଂ ପନ୍ତେଇ ଘାଟରୁ ନଦୀ ପାର ହୋଇ ବାଲିଆପାଳକୁ ଭୋଗରାଇ ବ୍ଲକରୁ ଶହଶହ ଲୋକଙ୍କ ଯିବା ଆସିବା କରିବାର ଏହି ରାସ୍ତା ଏକ ମାତ୍ର ମାଧ୍ୟମ। ସ୍କୁଲ, ଏବଂ କଲେଜ ପିଲାମାନେ ମଧ୍ୟ ଏହି ରାସ୍ତାରେ ଯାବାଆସିବା କରନ୍ତି। ପାଶ୍ୱର୍ରେ ମୋରମ ନପଡିବା ଯୋଗୁଁ ରାସ୍ତା ସଂକୀର୍ଣ୍ଣ ହୋଇଥିବାରୁ ବହୁ ଦୁର୍ଘଟଣା ର ଶିକାର ହେଉଥିବାର ଅଭିଯୋଗ ହୋଇଆସୁଥିଲା। ଏପରିକି ଏହି ରାସ୍ତା ବନ୍ଧ ଉପର ହୋଇଥିବାରୁ ଦୁର୍ଘଟଣା ଘଟିଲେ ୯/୧୦ ଫୁଟ ତଳକୁ ପଡିଥିବାର ସମ୍ଭାବନା ରହିଛି।ଏତେ ନିମ୍ନମାନର କାର୍ଯ୍ୟ ହୋଇଛି ଯାହାକି ପିଚ ଉଠି ଗଲାଣି। ଅଧିକା ପିଚ ଉଠିବା ସମ୍ଭାବନା ଥିବାରୁ ବିଭାଗ ଏବଂ ଠିକାଦାରଙ୍କ ସଲାସୁତୁରାରେ ରାତି ଅଧରେ ବାଲି ବସ୍ତା ପକାଯାଇ ଲୁଚାଇବାକୁ ଉଦ୍ୟମ କରାଯାଇଛି ବୋଲି ଅସିତ୍ ସାମଲ, ହରି ନାରାୟଣ ସାହୁ,ଅଜୟ ସାମଲ,ଅସିତ ସାମଲ, ରାଧାଶ୍ୟାମ ବେହେରା, ପ୍ରଶାନ୍ତ ସାହୁ,ତାପସ ଜେନା ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଗରୁ ରାସ୍ତା ନିର୍ମାଣ ହେଉଥିବା ସମୟରେ ନିମ୍ନ ମାନର କାର୍ଯ୍ୟ ହେଉଥିବା ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀ ମାନଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଜଳସେଚନ ବିଭାଗର ଜେଇ ନନି ଗୋପାଳ ସେନ କହିଛନ୍ତି ବର୍ଷା ଦିନ ପରେ ମୋରମ ପକାଯିବ। ଏଠାରେ ପ୍ରଶ୍ନ ଉଠୁଛି ସରକାର ଲୋକଙ୍କ ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଏବଂ ଠିକାଦାରଙ୍କ ଅଧିକ ଲାଭ ପାଇ ରାସ୍ତା କାମକୁ ଅଧାପନ୍ତରିଆ କରୁଛନ୍ତି, ଯାହାକି ସରକାରଙ୍କ ଅର୍ଥ ଲୋକଙ୍କ ହିତରେ ନ ଆସି ବାଟମାରଣା ହେଉଛି।

# ନୂଆପଡା ଉପ-ନିର୍ବାଚନ ମଇଦାନରେ ଲୋକପ୍ରିୟ ବିଧାୟକ ସନାତନ ବିଜୁଳି



ବେତନଟୀ, ୩/୧୧ (ନି.ପ୍ର): ନୂଆପଡା ଉପନିର୍ବାଚନ ରାଜ୍ୟରାଜନୀତିକୁ ସରଗରମ କରିଥିବା ବେଳେ ସମସ୍ତଙ୍କର କେନ୍ଦ୍ରବିନ୍ଦୁ ପାଲଟିଥିବା ନୂଆପଡା ଉପ- ନିର୍ବାଚନର ପ୍ରଚାର ମଇଦାନରେ ରବିବାର ସାମିଲ ହୋଇଛନ୍ତି ବଡସାହି ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଧାୟକ ସନାତନ ବିଜୁଳି। ୨୦୨୪ ସାଧାରଣ ନିର୍ବାଚନରେ ୩୭ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ଜିଣି ରାଜ୍ୟରେ ରେକର୍ଡ ସୃଷ୍ଟି କରିଥିବା ଲୋକପ୍ରିୟ ବିଧାୟକ ସନାତନ ବିଜୁଳିଙ୍କ ଉପନିର୍ବାଚନ ପ୍ରଚାର ମଇଦାନରେ ସାମିଲ ହେବାପରେ ନୂଆପଡା ରାଜନୀତିରେ ଆଲୋଡନ ସୃଷ୍ଟି ହୋଇଛି । ବଡସାହି ନିର୍ବାଚନ ମଣ୍ଡଳୀରେ ନିଜର ଭିନ୍ନ ଧରଣର ରଣନୀତି ସାଙ୍ଗକୁ ଦୂରଦର୍ଶୀ ପଦକ୍ଷେପ ପାଇଁ ଗତ ୨୦୨୩ ସାଧାରଣ ନିର୍ବାଚନରେ ୩୭ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ଜିଣି ନିଜର ଲୋକପ୍ରିୟାତା ସାବ୍ୟସ୍ତ କରିବା ସହିତ ସମଗ୍ର ରାଜ୍ୟରେ ରେକର୍ଡ ସୃଷ୍ଟି କରିଥିଲେ । ବର୍ତ୍ତମାନ ନୂଆପଡା ଉପନିର୍ବାଚନକୁ ନେଇ ସମସ୍ତ ରାଜନୈତିକ ଦଳ ଜୋରଦାର ଅଙ୍କ କଷୁଥିବା ବେଳେ ଲୋକପ୍ରିୟ ବିଧାୟକ ସନାତନ ବିଜୁଳିଙ୍କ ଯୋଗଦାନପରେ ସେଠାରେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି। ଦଳପକ୍ଷରୁ ବିଧାୟକ ସନାତନ ବିଜୁଳିଙ୍କୁ ସେଠାରେ ଭବ୍ୟ ସ୍ୱାଗତ ଜଣାଯାଇଛି। ବିଧାୟକ ଶ୍ରୀଯୁକ୍ତବିଜୁଳିଙ୍କୁ ନୂଆପଡା ଜିଲ୍ଲା ତଥା ବ୍ଲକ ଅଧୀନ ୯ନମ୍ବର ଜୋନ ଯୋଗେଶ୍ୱର ମଣ୍ଡଳ ତଥା ସାଇପଲା ଗ୍ରାମପଞ୍ଚାୟତର ଦାୟୀତ୍ୱ ପ୍ରଦାନ କରାଯାଇଛି। ସେଠାରେ ବିଧାୟକ ସନାତନ ବିଜୁଳି ଘରକୁ ଘର ଯାଇ ଭୋଟରଙ୍କୁ ସାକ୍ଷାତ କରିବା ସହିତ ଦେଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ସମର୍ଥନ ଯୋଗାଡ କରୁଛନ୍ତି । ନିଜର ଦୁଇ ଦୁଇ ଥର ବିଧାୟକ ହେବାର ଅଭିଜ୍ଞତା ଏବଂ ଦୀର୍ଘଦିନର ରାଜନୈତିକ ଅନୁଭୂତି ତଥା ଡବଲ ଇଞ୍ଜିନ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଐତିହାସିକ ନିଷ୍ପତ୍ତିକୁ ନେଇ ଭୋଟରଙ୍କୁ ସଚେତନ କରିବା ସହିତ ଦଳୀୟ ପ୍ରାର୍ଥୀ ଶ୍ରୀଯୁକ୍ତଢୋଲକିଆଙ୍କ ପାଇଁ ଭୋଟର ମାନଙ୍କ ସମର୍ଥନ ହାତେଇବାରେ ସଫଳ ହେଉଛନ୍ତି।

## ନବମ ଶ୍ରେଣୀ ଛାତ୍ରକୁ ଶାରୀରିକ ନିର୍ଯ୍ୟାତନା ଅଭିଯୋଗ

କେନ୍ଦ୍ରାପଡ଼ା, ୩/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କପିଳମୁନି ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ରକୁ ସ୍କୁଲର ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟି ସଭ୍ୟଙ୍କ ଦ୍ୱାରା ଛାତ୍ରଙ୍କୁ ଆଣ୍ଠେଇବା ସହିତ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଇଥିବା ଜିଲ୍ଲାପାଳଙ୍କ ନିକଟରେ ଛାତ୍ରର ମା ପ୍ରଗତିକା ସାହୁ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ କପିଳମୁନି ହାଇସ୍କୁଲରେ ତାଙ୍କ ପୁତ୍ର ନବମ ଶ୍ରେଣୀ ଛାତ୍ର ଅନ୍ୟ ସେକ୍ସନର ଛାତ୍ର ସହିତ ଖେଳୁଥିବାବେଳେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷୀପ୍ତ ହୋଇ ଛାତ୍ର ଦୁହେଁ ଠେଲାପେଲା ହୋଇଥିଲେ। ଏହାକୁ ଭି ି କରି ତା ପରଦିନ ଛାତ୍ରର ପିତାଙ୍କୁ ଡାକି ସ୍କୁଲର ପ୍ରଧାନଶିକ୍ଷକ ଓ କମିଟି ସଦସ୍ୟ ଗାଳି ଗୁଲଜ କରିବା ସହିତ ଛାତ୍ରର ବାପା ଆଗରେ ଛାତ୍ରକୁ ପ୍ରାୟ ଅଧଘ । ଆଣ୍ଠେଇ ରଖିଥିଲେ। ଏଥିସହିତ କାହାକୁ କହିଲେ ପରିଣାମ ଭୟାବହ ହେବ ବୋଲି ଧମକ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଟ୍ରମ୍ପଙ୍କ ସାଂଘାତିକ...

ଯଦି ଡୋନାଲ୍ଡ ଟ୍ରମ୍ପ ଏଥିରେ ହସ୍ତକ୍ଷେପ କରି ନଥାଆନ୍ତା, ତା'ହେଲେ ଲକ୍ଷାଧିକ ଲୋକ ଜୀବନ ହରାଇ ଥାଆନ୍ତେ। ତା'ହା ଗୋଟିଏ ଖରାପ ଯୁଦ୍ଧ ଥିଲା। ଯୁଦ୍ଧ ବିମାନ ଏଣେତେଣେ ଖସିଥିଲା। ମୁଁ ସେମାନଙ୍କୁ କହିଥିଲି ଯେ ଯଦି ତୁମେମାନେ ଯୁଦ୍ଧ ବନ୍ଦ ନ କରିବ, ତା'ହେଲେ ଆମେରିକା ତୁମମାନଙ୍କ ସହ ବ୍ୟବସାୟ ବନ୍ଦ କରିଦେବ।" ଯଦି ଚାଇନା ଓ ପାକିସ୍ତାନ ସତରେ ଆଣବିକ ଯୁଦ୍ଧାସ୍ତ୍ରର ପରୀକ୍ଷା କରୁଛନ୍ତି, ତା'ହେଲେ ଏହା ଭାରତ ପାଇଁ ନିଶ୍ଚିତ ଭାବେ ଚିନ୍ତାର ବିଷୟ। କାରଣ ଭାରତ ସବୁବେଳେ ନିଜେ କେବେ ହେଲେ ଆଗ ପରମାଣୁ ଅସ୍ତ୍ର ବ୍ୟବହାର ନୀତିରେ ରହିଛି। ଏଥିସହ ୧୯୯୮ ପରଠାରୁ ଦେଶ ଆଣବିକ ପରୀକ୍ଷା ମଧ୍ୟ କରିନାହିଁ। ଭାରତ ପାଖରେ ଏବେ ପ୍ରାୟ ୧୮୦ଟି ଆଣବିକ ଯୁଦ୍ଧାସ୍ତ୍ର ରହିଛି।

### ନୂଆପଡ଼ାରେ ନବୀନଙ୍କ...

ଛାଡି ବିଜେଡିରେ ଯୋଗ ଦେଇଥିଲେ ଅମର ପଟ୍ଟନାୟକ। ଦଳ ତାଙ୍କୁ ଆଇଟି ସେଲ୍ ମୁଖ୍ୟ ଭାବେ ନିୟୋଜିତ କରିଥିଲା । ପରେ ବିଜେଡିର ମୁଖପାତ୍ର ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ୨୦୧୯ ମସିହାରେ ରାଜ୍ୟସଭାକୁ ଯାଇଥିଲେ ଅମର। ବିଜେଡି ଅଭିଯୋଗ କରିଛି, ନବୀନଙ୍କ ନୂଆପଡା କାର୍ଯ୍ୟକ୍ରମର ସଫଳତାକୁ ଦେଖି ଚାପ ପ୍ରୟୋଗ କରି ଅମରଙ୍କୁ ବିଜେପିରେ ସାମିଲ କରାଯାଇଛି। ଅମର ପ୍ରତିଦିନ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରୁଥିଲେ, ହଠାତ୍ କାହିଁକି ପରିବର୍ତ୍ତନ ହୋଇଗଲେ। ଏବେ ଚର୍ଚ୍ଚା ବିଜେପିରେ କଣ ହେବ ଅମରଙ୍କ ଭୂମିକା ? ରାଷ୍ଟ୍ର ନିର୍ମାଣ ପାଇଁ ବିଜେପିକୁ ବାଛିଥିବା ଅମର କହୁଥିବାରୁ ତାଙ୍କୁ କଣ ମିଳିବ ଦାୟିତ୍ୱ। କୁହାଯାଉଛି ଅମର ବିଜେପି ପାଇଁ ଆସେଟ୍ ହେବେ ବୋଲି ଦିଲ୍ଲୀର ବିଶ୍ୱାସ ରହିଛି। ଅମର ବିଜେଡିରେ ସୋସିଆଲ୍ ମିଡିଆ ମାଧ୍ୟମରେ ଜନମତକୁ ପ୍ରଭାବିତ କରୁଥିଲେ । ନିର୍ବାଚନରେ ବିଜେଡିର କ୍ୟାମ୍ପେନିଂ ଷ୍ଟ୍ରାଟେଜି ବନାଉଥିଲେ । ୨୦୧୯ ମସିହା ନିର୍ବାଚନରେ ଦଳର ସୋସିଆଲ୍ ମିଡିଆ ଭାର ସମ୍ଭାଳିବା ସହିତ ନିର୍ବାଚନୀ ସ୍ଲୋଗାନ୍ ମଧ୍ୟ ବନାଉଥିଲେ । ଅମର ଦଳ ଛାଡ଼ିବା ପରେ ଜଣେ ଉଚ୍ଚଶିକ୍ଷିତ, ଦକ୍ଷ ଓ ଅଭିଜ୍ଞ ରାଜନେତାଙ୍କୁ ହରାଇଲା ବିଜେଡି । ଅମରଙ୍କ ପାଖରେ ପୂର୍ବ ସରକାରର ଆର୍ଥିକ ଅନିୟମିତତା ଗୁମର ଥିବା କୁହାଯାଉଛି । ଏଣୁ ତାଙ୍କ ଜରିଆରେ ପୂର୍ବ ବିଜେଡି ସରକାର ସମୟରେ ହୋଇଥିବା ଘୋଟାଲାର ପର୍ଦ୍ଦାଫାସ କରିପାରେ ବିଜେପି । ବିଜେଡି ସାଂସଦ ମାନଙ୍କ ପାଇଁ ଗବେଷଣା ଆଉ ତଥ୍ୟ ଯୋଗାଡ ଦାୟିତ୍ୱ ଥିଲା ଅମରଙ୍କର, ତେଣୁ ତାର ବି ଫାଇଦା ପାଇପାରେ ଦଳ। କିଏ ବୁଡ଼ାଉଛି 'ଟାଇଟାନିକ୍' ?।

### ଆଇନଜୀବୀ ପୀତବାସ ...

ଲୋଚାପଡ଼ା, ଗୁରୁଣ୍ଡି ଦେଇ ଯାଇ ଶୀତଳାପଲୀରେ ପହଞ୍ଚିବା ପରେ କପଡ଼ା, ହେଲମେଟ୍ ଓ ଜୋତା ବଦଳାଇବା ସହ ବ୍ୟବହୃତ ବନ୍ଧୁକକୁ ପୋତିଦେଲେ। ଗାଡ଼ି ନେଇ ପୁରୁଷୋତ୍ତମପୁର ଆଡ଼େ ଯାଇ ରାମେଶ୍ୱର ପାଖରେ ଏକ ଚା' ଦୋକାନରେ ଗାଡ଼ି ରଖି ବସ୍‌ରେ ପୁରୀ ପଳାଇଲେ। ପୁରୀରୁ ଚିଣ୍ଟୁ ଟ୍ରେନ୍‌ରେ ବେଙ୍ଗାଲୁରୁ ଓ କୁରୁପତି କୋରାପୁଟ ଜିଲ୍ଲାର ଜୟପୁରକୁ ଯାଇଥିଲା। ଜୟପୁରରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ବନ୍ଧୁ ସୁନିଲ ହୋତା ତାଙ୍କୁ ନିଜ ଫାର୍ମ ହାଉସ୍‌ରେ ଆଶ୍ରୟ ଦେଇଥିଲେ; ଯାହା ବିକ୍ରମ ମଧ୍ୟ ଜାଣିଥିଲେ। ସୁନିଲଙ୍କ ଫାର୍ମ ହାଉସ୍‌ରେ କୁରୁପତି ୪ ଦିନ ରହିବା ପରେ ବାହାର ରାଜ୍ୟକୁ ପଳାଇଥିବା ପୁଲିସ କହିଛି। ହତ୍ୟାକାଣ୍ଡର ୧୭ ଦିନ ପରେ ବ୍ରହ୍ମପୁର ପୁଲିସ ରହସ୍ୟ ଉନ୍ମୋଚନ କରିବା ସହ ଏହି ମାମଲାରେ ୧୨ ଜଣଙ୍କୁ ଗିରଫ କରିଥିଲା।

### ସର୍ଭେ ରିପୋର୍ଟ...

ଜନତା ଦଳ (ୟୁନାଇଟେଡ୍) ୧୧୫ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୪୩ଟି ଆସନରେ ବିଜୟୀ ହୋଇଥିଲା । ହିନ୍ଦୁସ୍ତାନୀ ଆୱାମ୍ ମୋର୍ଚ୍ଚା ୭ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୪ଟି ଆସନରେ ବିଜୟୀ ହୋଇଥିଲା । ସେପଟେ ନିର୍ବାଚନୀ ମାହୋଲ କଥା କହିଲେ ହେବିୱେଟ୍‌ମାନେ ଘନଘନ ପ୍ରଚାର କରୁଛନ୍ତି । ଗତ ଶନିବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପ୍ରଚାର ମୈଦାନକୁ ଓହ୍ଲାଇ କଂଗ୍ରେସ ଓ ଆରଜେଡିକୁ ଟାର୍ଗେଟ୍ କରିଥିଲେ । ସମସ୍ତିପୁର, ବୈଶାଳୀରେ ଜନସଭାକୁ ସମ୍ବୋଧିତ କରି ଏନ୍‌ଡିଏ ପାଇଁ ଭୋଟ ମାଗିଥିଲେ । ଏହାପରେ ରବିବାର ପ୍ରଚାର ମୈଦାନକୁ ଓହ୍ଲାଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ମହାମେଣ୍ଟ ଜନତାଙ୍କୁ ଲଣ୍ଡନ ଦେଖାଉଥିବା କଥା କହିଥିଲେ ମୋଦୀ ।

# ଦେଶର ଅଖଣ୍ଡତା ସହିତ ଗଣତନ୍ତ୍ରର ସୁରକ୍ଷା ପାଇଁ ଆମେ ରଖିଛୁ ସତର୍କ ନଜର : ସୀମା ମହାନ୍ତି



ଉଦଳା, ୩/୧୧ (ନି.ପ୍ର): ଲୋକ ସଂଗଠନ 'ଜନଜାଗୃତି ମଂଚ' ରେ ୧୮ ବର୍ଷ ବୟସରୁ ୩୫ ବର୍ଷ ବୟସ୍କ ଯୁବକ/ଯୁବତୀ ମାନଙ୍କୁ ବିଭିନ୍ନ ପ୍ରକାର ତାଲିମ ପ୍ରଦାନ କରି ଦେଶ ଗଠନରେ ନିଜକୁ ସାମିଲ କରିବା ସହିତ ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ସ୍ୱେଚ୍ଛାସେବି ସୀମା ମହାନ୍ତି ଚଳାଇଛନ୍ତି ଉଦ୍ୟମ । ଯୁବକ/ଯୁବତୀ ମାନଙ୍କୁ ନେଇ ଗଠିତ ଉକ୍ତ ସଂଘକୁ ମଂଚ ତରଫରୁ 'ୟଙ୍ଗ ଇଗଲ' ବୋଲି କୁହାଯାଉଥିବା ବେଳେ ଏହାର ନେତୃତ୍ୱ ନେଉଥିବା ସୀମା ମହାନ୍ତିଙ୍କ ପଦକୁ 'କାଉନସିଲର' କୁହାଯାଉଛି । ବର୍ତ୍ତମାନ ସମଗ୍ର ମୟୂରଭଂଜ ଜିଲ୍ଲାରେ ୪୧୮ ଜଣ ସ୍ୱେଚ୍ଛାସେବି ସୀମା ମହାନ୍ତିଙ୍କ ଅଧିନରେ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଅଛନ୍ତି । ଗତ ଅକ୍ଟୋବର ୩୧ ତାରିଖ ଶୁକ୍ରବାର ଦିନ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ୧୫୦ତମ ଜୟନ୍ତି (ରାଷ୍ଟ୍ରୀୟ ଏକତା ଦିବସ) ପାଳନ ଅବସରରେ ଦେଶର ଅଖଣ୍ଡତା ସହିତ ଗଣତନ୍ତ୍ରର ସୁରକ୍ଷା ପାଇଁ ଆମେ ସତର୍କ ନଜର ରଖିଛୁ ବୋଲି ସୀମା ଗଣମାଧ୍ୟମକୁ ଜଣାଇଛନ୍ତି । ବିଭିନ୍ନ ପ୍ରକାର ଭାଷା, ସଂସ୍କୃତି ଓ ଧର୍ମର ଲୋକେ ଆମ ଦେଶରେ ବସବାସ କରୁଥିବା ବେଳେ ପୃଥିବୀର ସର୍ବବୃହତମ ଗଣତନ୍ତ୍ର ଦେଶ ଭାବରେ ଆମ ଦେଶର ପରିଚୟ ବାସ୍ତବରେ ନିଆରା ବୋଲି ସୀମା କହିଛନ୍ତି । ଏହିଭଳି ଏକ ସୁନ୍ଦର ଦେଶର ଅଖଣ୍ଡତା ଓ ସୁରକ୍ଷା ପାଇଁ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି ସେ ବ୍ୟକ୍ତ କରିଛନ୍ତି ।

# ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସିଂଲାରେ ବିଜ୍ଞାନ ମେଳା



ବସ୍ତା , ୩/୧୧ (ନି.ପ୍ର): ସିଂଲା ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ବିଜ୍ଞାନ ମେଳାକୁ ଅନୁଷ୍ଠାନର ସଭାପତି ମନୋରଞ୍ଜନ ଗିରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଜୟନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାକ୍ତନ ଶିକ୍ଷାବିତ ନିତ୍ୟାନନ୍ଦ ପ୍ରଧାନ ଯୋଗ ଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନ ଉପଯୋଗୀ ତା ବାବଦରେ ବକ୍ତବ୍ୟ ରଖିଥିଲେ। ବିଜ୍ଞାନ ଓ ଗଣିତ ଗୁରୁଜୀ ଗୁରୁମା ସୁବ୍ରତ କୁମାର ସାହୁ,ପର୍ଶୁରାମ ପରିଡ଼ା ଓ ଶ୍ରୀମତୀ କଳ୍ପନା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବିଜ୍ଞାନ ମେଳାରେ ୮୪ ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସିଂଲା କ୍ଲଷ୍ଟରର ସି.ଆର.ସି.ସି. ପଙ୍କଜ କୁମାର ଦାଶ, ବେଲଦାଣ୍ଡିଆ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଦମୟନ୍ତୀ କରଣ,ସିଂଲା ନୋଡାଲ ଏମ.ଇ.ସ୍କୁଲର ବିଜ୍ଞାନ ଶିକ୍ଷକ ପ୍ରଭୁରାମ୍ ସ୍ୱାଇଁ ବିଚାରକ ଭାବେ ଯୋଗଦେଇ କୁନିକୁନି ବୈଜ୍ଞାନିକ ମାନଙ୍କର ଉପାଦେୟ ପ୍ରକଳ୍ପ ଗୁଡ଼ିକୁ ମୂଲ୍ୟାୟନ କରିବା ସହିତ ପ୍ରତିଯୋଗୀ ମାନଙ୍କର ବୈଜ୍ଞାନିକ ଚିନ୍ତାଧାରା ଓ ନୂତନତ୍ୱ ଧାରଣା ର ଗଭୀରତାକୁ ଅନୁଧ୍ୟାନ କରି ଭୂୟସୀ ପ୍ରଶଂସା କରିଥିଲେ।ଏହି ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳାରୁ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳା କୁ ଉତ୍ତୀର୍ଣ୍ଣ ହୋଇଥିବା କୁନି ବୈଜ୍ଞାନିକ ମାନେ ହେଲେ ଉପ ଲଘୁ ବର୍ଗରୁ ପ୍ରଥମ ସ୍ଥାନ ରାଜ ରତନ ମହାପାତ୍ର,୨ ଶ୍ରେଣୀର ୨ୟ ପ୍ରିୟାଂଶୀ ଦେ,୧ମ ଶ୍ରେଣୀ, ଜୟଦେବ ଗାଣ ୩ୟ, ଲଘୁ ବର୍ଗରୁ ୧ମ ପ୍ରିତମ୍ ନନ୍ଦ, ୪ର୍ଥ ଶ୍ରେଣୀ,୨ୟ ଶତାକ୍ଷୀ ଲେଙ୍କା ୫ମ ଶ୍ରେଣୀ, ୩ୟ ପ୍ରତ୍ୟୁଷ ବେହେରା, ୩ୟ ଶ୍ରେଣୀ ଓ ଗୁରୁ ବର୍ଗରୁ ୧ମ ସ୍ୱୟଂ ସମ୍ପୂର୍ଣ୍ଣା ବେହେରା, ୭ମ ଶ୍ରେଣୀ ୨ୟ ଦେବସ୍ମିତା ଦାସ ୭ମ ଶ୍ରେଣୀ ୩ୟ ତନୁଶ୍ରୀ ନାୟକ ୫ମ ଶ୍ରେଣୀ ।ଏହି ସଫଳତା ଅର୍ଜନ କରିଥିବା ପ୍ରକଳ୍ପଧାରୀ ମାନେ ଆସନ୍ତା ୯ ତାରିଖରେ ବାଲିଆପାଳ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାରେ ଯୋଗଦେଇ ନିଜ ନିଜର ପାରଦର୍ଶିତା ପ୍ରତିପାଦନ କରିବେ ବୋଲି ପ୍ରଧାନଆଚାର୍ଯ୍ୟ ଘୋଷଣା କରିଥିଲେ। ବିଦ୍ୟାଳୟର ଗୁରୁଜି, ଗୁରୁମା ପ୍ରମୁଖ ଉପସ୍ଥିତ ରହି ସୁଚାରୁରୂପେ କାର୍ଯ୍ୟକ୍ରମ ପରିଚାଳନା କରି ଥିଲେ। ସର୍ବଶେଷରେ ପ୍ରଧାନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରି ଥିଲେ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ରୌପ୍ୟ ଜୟନ୍ତୀ ଉଦ୍‌ଯାପନ ଉତ୍ସବ

ବାସୁଦେବପୁର, ୩/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ରୋଡ ସ୍ଥିତ ପଲାଇ କଲୋନୀ ପରିସରରେ ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ରୌପ୍ୟ ଜୟନ୍ତୀ ଉଦଯାପନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ଦିବସରେ ଭଦ୍ରକର ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ କଳା ସାହିତ୍ୟ ଓ ସଂସ୍କୃତିର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଗଞ୍ଜାମର ଅତିରିକ୍ତ ଦୌରାଜଜ୍ ବିଶ୍ୱ ରଞ୍ଜନ ବେହେରା ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଐତିହ୍ୟ ସଂସ୍କୃତି ଓ ପରମ୍ପରା ସଂପର୍କରେ ଆଲୋକପାତ କରିଥିଲେ। ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟର ସ୍ଥାୟୀ ସଭାପତି ମମତା ଜେନା ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟ ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଦିନରେ ଅତିଥି ଭାବେ ଯୋଗ ଦେଇଥିଲେ ବରିଷ୍ଠ ଶିକ୍ଷକ ରାଜେନ୍ଦ୍ର ନାରାୟଣ ମାହନ୍ତ। ସଙ୍ଗୀତ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ଖୁବ୍ ସୁନ୍ଦର ଭାବରେ ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଓ ଆଧୁନିକ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ବିଭିନ୍ନ ନୃତ୍ୟ ଗୁରୁ ଓ ବାଦ୍ୟ ଗୁରୁ ମାନଙ୍କୁ ଏହି ଉତ୍ସବରେ ମାନପତ୍ର ଓ



ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଜଗନ୍ନାଥ ମହା ପ୍ରସାଦ, ଏକାଗ୍ରତା ମହା ପ୍ରସାଦ, ସାଇ ବିସ୍ମୟ ପାଢୀ ଓ ଅନ୍ୟାନ୍ୟ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିଥିଲେ। ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଏହି ନୃତ୍ୟାୟନ ୨୦୨୫ ମନଛୁଆଁ ଓ ଆକର୍ଷଣୀୟ କାର୍ଯ୍ୟକ୍ରମରେ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇଥିଲେ।

# 'ବର୍ଷାନ୍ତ'ର ସମ୍ମାନ ଘୋଷଣା: ରବୀନ୍ଦ୍ର, ସାବିତ୍ରୀ, ଆଶୁତୋଷ ଓ ଶିବାନୀ ସମ୍ମାନିତ ହେବେ



ସିମୁଳିଆ , ୩/୧୧ (ନି.ପ୍ର): ୪୦ତମ ବର୍ଷାନ୍ତ ସାରସ୍ୱତ ସମେଳନ, ୨୦୨୫ର ମର୍ଯ୍ୟାଦାଜନକ ସମ୍ମାନ ଘୋଷଣା କରାଯାଇଛି। ଚଳିତ ବର୍ଷର ବର୍ଷାନ୍ତ ସାରସ୍ୱତ ସମ୍ମାନ ପାଇଁ ବିଶିଷ୍ଟ ସମାଲୋଚକ ପ୍ରାଧ୍ୟାପକ ଡକ୍ଟର ରବୀନ୍ଦ୍ର କୁମାର ବିହାରୀ, ବର୍ଷାନ୍ତ କବିତା ସମ୍ମାନ ପାଇଁ ବିଶିଷ୍ଟ କବୟିତ୍ରୀ ସାବିତ୍ରୀ କବି, ବର୍ଷାନ୍ତ ପ୍ରତିଭା ସମ୍ମାନ ପାଇଁ ଯୁବକବି ଆଶୁତୋଷ ଦାଶ ଓ ବର୍ଷାନ୍ତ କଳାଶ୍ରୀ ସମ୍ମାନ ପାଇଁ ବର୍ତ୍ତମାନ ଓଡିଆ ଚଳଚ୍ଚିତ୍ର ଜଗତର ଚର୍ଚ୍ଚିତ ଅଭିନେତ୍ରୀ ସୁଶ୍ରୀ ଶିବାନୀ ସଂଗୀତା ରଥଙ୍କ ନାମ ଘୋଷଣା କରାଯାଇଛି।, ଆସନ୍ତା ଡିସେମ୍ବର ୩୧ , ବୁଧବାର ମଇତାପୁର ରୟାଲ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ମଦର ଟେରେସା ଫିଲାନଥ୍ରୋପିକ ଆସୋସିଏସନର ଅନନ୍ୟ ସାରସ୍ୱତ ସମାରୋହ ୪୦ତମ ବର୍ଷାନ୍ତ ସାରସ୍ୱତ ସମ୍ମେଳନ ରେ ଏହି ୪ ଜଣ ଯଶସ୍ୱୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବୌଦ୍ଧିକ କବିତା ସଂକଳନ ବର୍ଷାନ୍ତ ଲ ଶୁଭ ଉନ୍ମୋଚନ ଏବଂ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଂପାଦକ ତଥା ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ. ଭରତ ଚନ୍ଦ୍ର ଦାଶ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର କାର୍ଯ୍ୟକ୍ରମ

ଭଦ୍ରକ, ୩/୧୧ (ନି.ପ୍ର): ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ସଦଭାବନା ସଭାଗୃହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଦିଲିପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ଶୁଭେନ୍ଦ୍ର ସାମଲ, ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ସୁଧିରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଆରକ୍ଷୀ ଅଧୀକ୍ଷକ ଞ୍ଜଞ୍ଜସମ୍ମିତ୍ କୁମାର ମାଝୀ, ଡେପୁଟି କଲେକ୍ଟର ଜ୍ଞାନ ରଞ୍ଜନ ଦାସ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭଦ୍ରକ ରଶ୍ମିରଞ୍ଜନ ମଲ୍ଲିକ, ତହସିଲଦାର, ଭଦ୍ରକ ସଂଗ୍ରାମ କେଶରୀ ଖୁଣ୍ଟିଆ ଓ ଅନ୍ୟ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଜନଶୁଣାଣୀ ଶିବିରରେ ମୋଟ ୨୦୭ ଆବେଦନ ପତ୍ର ଦାଖଲ ହୋଇଥିଲା । ସେଥିରୁ ୧୬୧ଟି ବ୍ୟକ୍ତିଗତ ଥିଲାବେଳେ , ୪୬ ଟି ସାମୁହିକ ଥିଲା। ୩୬ ଟି ର ସମାଧାନ ତତକ୍ଷଣାତ୍ ହୋଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ରୁ ୯ ଜଣଙ୍କୁ ଓ ରେଡକ୍ରସ ରୁ ୫ ଜଣଙ୍କୁ ମୋଟ ୧,୧୫,୦୦୦/- ଟଙ୍କା ପ୍ରଦାନ କରାଯାଇଥିଲା। ଆଜିର ଜନଶୁଣାଣୀ ରେ ମୁଖ୍ୟତଃ ଚାଷୀ ପଞ୍ଜୀକରଣ, ମଧୁବାବୁ ପେନସନ, ପି ଏମ ଆବାସ ଯୋଜନା ରେ ଗୃହ ବଣ୍ଟନ, ଜମିଜମା ସଂପର୍କିତ, ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ଉଚ୍ଛେଦ ବଦଳରେ ଜମି/ଗୃହ ଆବଣ୍ଟନ ଅଭିଯୋଗ ସହିତ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦରଖାସ୍ତ ହସ୍ତଗତ ହୋଇଥିଲା ।

# ପାରାଦ୍ୱୀପ ପୋଲିସ ପକ୍ଷରୁ ସାଇବର ଅପରାଧ ସଚେତନତା ଅଭିଯାନ

ପାରାଦୀପ, ୩/୧୧ (ନି.ପ୍ର): ପାରାଦ୍ୱୀପ ପୋଲିସ ପକ୍ଷରୁ ସାଇବର ଅପରାଧ ସଚେତନତା ଅଭିଯାନ ଅନ୍ତର୍ଗତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସ୍ଥାନୀୟ ଜୟଦେବ ସଦନ ପରିସରରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୋଲିସ ଡିଆଇଜି ସତ୍ୟଜିତ ନାୟକ ଯୋଗଦେଇ ସାଇବର ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ, ଆରକ୍ଷୀ ଅଧିକ୍ଷକ (ଏସପି) ଅଙ୍କିତ କୁମାର ବର୍ମା, ପାରାଦୀପ ଏଏସପି ସ୍ମୃତି ରଂଜନ କର, ଆଞ୍ଜିକ୍ୟ ମାନି ଡି ଏସ ପି, ପ୍ରମୁଖ ଯୋଗଦେଇ ସାଇବର ଅପରାଧ ନିୟନ୍ତ୍ରଣ ପାଇଁ ସାଧାରଣରେ ସଚେତନତା




ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନଭେମ୍ବର ୪ ତାରିଖରେ ଦୁଇ ଦିନିଆ ଗସ୍ତରେ ପାରାଦ୍ୱୀପ ଆସି ମଙ୍ଗଳବାର ଦିନ କଳିଙ୍ଗ ବାଲିଯାତ୍ରା ମହୋତ୍ସବକୁ ଉଦଘାଟନ କରିବା ସହିତ ବୁଧବାର ଦିନ ପାରାଦ୍ୱୀପ ବନ୍ଦର ବୋଇତ ବନ୍ଦାଣ କାର୍ଯ୍ୟକ୍ରରେ ଯୋଗ ଦେବେ । ମୁଖ୍ୟମନ୍ତ୍ରୀ ପାରାଦୀପ ଗସ୍ତରେ ଆସୁଥିବାରୁ ତାଙ୍କ ଗସ୍ତ ପୂର୍ବରୁ ଆଇନ ଶୃଙ୍ଖଳା ପରିସ୍ଥିତି ସମୀକ୍ଷା କରିବା ସହ ପୋଲିସ୍ ନିୟୋଜନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଥାନାର ଅଧିକାରୀ ସହିତ ଥାନା କର୍ମଚାରୀ ମାନେ ଯୋଗଦେଇଥିଲେ । ଆଜିର କାର୍ଯ୍ୟକ୍ରମକୁ ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ ସଫଳତାର ସହ ପରିଚାଳନା କରିଥିଲେ ।

# ପ୍ରେମ ପାଇଁ ଆତ୍ମହତ୍ୟା: ବେକରେ ରଶି ଲଗାଇ କଲେଜ ଛାତ୍ର ମୃତ

ବୈଶିଙ୍ଗା , ୩/୧୧ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମରେ ସୋମବାର ଦିବା ୧୧ ଘଟିକା ସମୟରେ ଜଣେ କଲେଜ ଛାତ୍ର ନିଜ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଗଣ୍ଡର୍ଦ୍ଦା ଗ୍ରାମର ଜୟନ୍ତ ଗାଆଣ (୧୭) କେନ୍ଦୁଆ ଗ୍ରାମରେ ଏକ ଭଡା ଘରେ ରହୁଥିଲେ । ତାଙ୍କ ପୁଅ ଗଣେଶ ଗାଆଣ ବୈଶିଙ୍ଗା ମହାତ୍ମାଗାନ୍ଧି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ପ୍ରଥମ ବର୍ଷର ଛାତ୍ର ଭାବେ ଅଧ୍ୟୟନରତ। ଆଜି ସୋମବାର ସକାଳେ ଗଣେଶର ବାପା ଓ ମାଆ ବାରିପଦା ଡାକ୍ତରଖାନା ଯାଇଥିବା ବେଳେ ପୁଅ ଗଣେଶ ପାଠ ପଢିବାକୁ ଯାଇ ପୁଣି ଘରକୁ ଫେରି ଆସିଥିଲା ।କିଛି ସମୟ ପରେ ଗଣେଶ ର ସାଙ୍ଗ ମାନେ ତାକୁ ଫୋନ କରିଥିଲେ ମଧ୍ୟ ସେ ଉଠାଇ ନଥିଲା । ସାଙ୍ଗ ମାନଙ୍କର ସନ୍ଦେହ ହେବାରୁ ସେମାନେ ତାଙ୍କ ଘରେ ପହଞ୍ଚି ଦେଖିବାକୁ ପାଇଲେ କବାଟ ବନ୍ଦ ରହିଛି । ସଙ୍ଗେ ସଙ୍ଗେ କବାଟ ଭାଙ୍ଗି ଦେଖିବାକୁ ପାଇଲେ ଯେ ଗଣେଶ ଏକ ଶାଢ଼ୀ କୁ ବେକରେ ବାନ୍ଧି ଶିଡି ରାଲିଂରେ ଝୁଲୁଛି । କୌଣସି ଉପାୟ ନ ପାଇ ଶାଢ଼ୀକୁ କାଟି ଗଣେଶକୁ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିଥିଲେ । ସେଠାରେ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ । ଆତ୍ମହତ୍ୟାର କାରଣ ଖୋଜିବାରୁ ଜଣା ପଡିଥିଲା କି କଲେଜ ର ଜଣେ ସହପାଠିନୀ ସହିତ ପ୍ରେମ ସମ୍ପର୍କ ଗଢି ଉଠି ଥିଲା। ସେଥିରେ ବାଧା ଆସିବାରୁ ଏପରି ଅଘଟଣ ଘଟିଥିବାର ସନ୍ଦେହ କରାଯାଇଛି । ଖବର ପାଇ ବୈଶିଙ୍ଗା ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ ରଖି ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'– ୨୦୨୫

## ପିଲାମାନଙ୍କ ସୁପ୍ତ ପ୍ରତିଭାକୁ ଜାଗ୍ରତ କରେ ସୁରଭି

ତିହିଡି , ୩/୧୧ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' - ୨୦୨୫ ସୋମବାର ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସଭାରେ ବ୍ଲକ ଶିକ୍ଷାଧିକାରିଣୀ ସୁଶ୍ରୀ ସୂର୍ଯ୍ୟଶିଖା ମହାନ୍ତି ସଭାପତିତ୍ୱ କରି କହିଥିଲେଯେ,ପିଲାମାନଙ୍କ ନିଜସ୍ୱ ପ୍ରତିଭାକୁ ଉନ୍ମୋଚିତ କରିବାରେ ସୁରଭି ସହାୟକ ହୋଇଥାଏ । ଏହି ସଭାରେ ମୁଖ୍ୟ ଅତିଥିଭାବେ ବିଡ଼ିଓ ନିରଞ୍ଜନ ବାରିକ ଯୋଗଦେଇ ପିଲା ମାନଙ୍କର ସୁପ୍ତ ପ୍ରତିଭାକୁ ସୁରଭି ଜାଗ୍ରତ କରେବୋଲି କହିଥିବାବେଳେ ସବୁ ବର୍ଗ ଲୋକଙ୍କର ବିକାଶ ପାଇଁ ସରକାର ଯୋଜନା କରୁଛନ୍ତି ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ କବି ହୃଦାନନ୍ଦ ପାଣିଗ୍ରାହୀ ଯୋଗଦେଇ ଆବେଗରୁ ହିଁ ସୃଜନଶୀଳତା ସୃଷ୍ଟି




ହୋଇଥାଏ ବୋଲି କହିଥିଲେ । ବରେଣ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ସମ୍ମାନିତ ଅତିଥିଭାବେ ସିଆରଏସ ହାଇସ୍କୁଲର ପ୍ରଧାନ ଶିକ୍ଷକ ସମରେନ୍ଦ୍ରନାଥ ମିଶ୍ର, ଏବିଇଓ ଲକ୍ଷ୍ମୀପ୍ରିୟା ମାଝୀ, ଅବସରପ୍ରାପ୍ତ ଏବିଇଓ ରତ୍ନାକର ସାହୁ, ଅବସରପ୍ରାପ୍ତ ବିଆରସିସି ଦାମୋଦର ଜେନା,ପାଟଣାସାହି କ୍ଲଷ୍ଟରର ସିଆରସିସି ଶ୍ରୀନାଥ ସେଠୀ,ସରପଞ୍ଚଙ୍କ ଶିକ୍ଷା ପ୍ରତିନିଧି ଅମୂଲ୍ୟ ସେନାପତି ଓ ହାଇସ୍କୁଲ ପରିଚାଳନା କମିଟି ସଭାପତି ସୁଧାଂଶୁ ଶେଖର ମାହନ୍ତ ପ୍ରମୁଖ ଯୋଗଦେଇ ସୁରଭି ପିଲାମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରେବୋଲି କହିଥିଲେ । ଶିକ୍ଷକ ମନ୍ମଥ ନାଥ ଦାସ ସଭା ସଞ୍ଚାଳନ କରିଥିବା ବେଳେ ସିଆରସିସି କେଶବ ସାହୁ, ଦେବବ୍ରତ ଶତପଥୀ,ମାନସ ରାଉତ, ସସ୍ମିତା ମଞ୍ଜରୀ ନାୟକ, ପ୍ରଭାସ ପଣ୍ଡା, ଚନ୍ଦ୍ରଶେଖର ମୁଦୁଲି ,ଶିକ୍ଷକ ସରୋଜ ଓଝା ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ । ଶିକ୍ଷକ ସନ୍ତୋଷ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।ପ୍ରାରମ୍ଭରେ ଛାତ୍ର ଛାତ୍ରୀ ମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଥିଲେ । ଏହିସଭାରେ ଓଷ୍ଟା ବ୍ଲକ ସମ୍ପାଦକ ବିଶ୍ୱନାଥ ପଣ୍ଡା,ଅଧ୍ୟାପିକା ଉଷାରାଣୀ ଜେନା, ବ୍ଲକ ଶିକ୍ଷକ ସଂଘ ସଭାପତି ମାୟାଧର ସାହୁ,ସମ୍ପାଦକ ରମାକାନ୍ତ ଦାସ,ସଂଗଠନ ସମ୍ପାଦକ ଶ୍ରୀନଥ ମଲିକ,ଶିକ୍ଷକ ଦେବାଶିଷ ବିଶ୍ୱାଳ , ପ୍ରଧାନ ଶିକ୍ଷକ ବଂଶୀଧର ଜେନା , ଏନପିଏସ ଶିକ୍ଷକ ସଂଘ ସଭାପତି ପରମେଶ୍ୱର ମଲିକ ପ୍ରମୁଖ ଉପସ୍ଥିତଥିଲେ । ବ୍ଲକର ବିଭିନ୍ନ କ୍ଲଷ୍ଟରରୁ ବ୍ଲକ ସ୍ତରକୁ ମନୋନୀତ ହୋଇଥିବା ବରିଷ୍ଠ ବର୍ଗ ପ୍ରତିଯୋଗୀମାନଙ୍କ ମଧ୍ୟରେ ୧୧ଟି ଓ କନିଷ୍ଠ ବର୍ଗରେ ୧୦ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସୁରଭି କାର୍ଯ୍ୟକ୍ରମରେ ସଙ୍ଗୀତ, ଗ୍ରୁପ ଡ୍ୟାନ୍ସ, ତର୍କ, କୁଇଜ, ଚିତ୍ରାଙ୍କନ, ପ୍ରବନ୍ଧ, ଉତ୍ତମ ହସ୍ତାକ୍ଷର ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଜିଲାସ୍ତରକୁ ମନୋନୀତ କରାଯାଇଥିଲା । ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ସଭାରେ ବ୍ଲକ ଶିକ୍ଷାଧିକରିଣୀ ସୁଶ୍ରୀ ମହାନ୍ତି ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଅତିରିକ୍ତ ତହସିଲଦାର ନାମିତା ଧଳ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ସମସ୍ତ କ୍ଲଷ୍ଟର ସିଆରସିସିଙ୍କ ସମେତ ଶିକ୍ଷକ, ଶିକ୍ଷୟତ୍ରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଖଇରବଣି ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କଲେ ଓସେପାର ଯୁଗ୍ମ ନିର୍ଦ୍ଦେଶକ



ବୈଶିଙ୍ଗା , ୩/୧୧ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ଖଇରବଣି ଆଶ୍ରମକୁ ଆଜି ୩ ତାରିଖ ଓସେପାର ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଜିତେନ୍ଦ୍ର ନାୟକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ରାଜ୍ୟ ସ୍ତରୀୟ ଚୟନ ପାଇଁ ସ୍ଥିତି ଅନୁଧ୍ୟାନ ଓ ଯାଞ୍ଚ ପାଇଁ ପରିଦର୍ଶନ ରେ ଆସିଥିଲେ । ଏହି ଅବସରରେ ତାଙ୍କୁ ଜିଲ୍ଲାର ବିଜ୍ଞାନ ପରିଦର୍ଶକ ଶ୍ରୀ ଜ୍ଞାନରଞ୍ଜନ ଆଚାର୍ଯ୍ୟ ସହଯୋଗ କରିଥିଲେ । ବିଦ୍ୟାଳୟ ର ଶୈକ୍ଷିକ ବାତାବରଣ, ଶ୍ରେଣୀଗୃହ ଶିକ୍ଷାଦାନ, ପରିବେଶ ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ପୁରାତନ ଛାତ୍ର ସଂସଦ ର ସଭ୍ୟ ସଭ୍ୟା ତଥା ଅଭିଭାବକ ମାନଙ୍କ ସହ ବିଭିନ୍ନ ଦିଗ ଉପରେ ଆଲୋଚନା କରି ବୁଝିଥିଲେ । ପିଲାମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଦିଗରେ ସୃଜନାତ୍ମକ କାର୍ଯ୍ୟ କରିବା ପାଇଁ ଶିକ୍ଷକ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ପରିଦର୍ଶନ ରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିନତା ଦାଶଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଣ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ ।

# କୁଳଡିହା ଅଭୟାରଣ୍ୟରୁ ପୁଣି ୪ ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କଲା ବନବିଭାଗ

ନୀଳଗିରି, ୩/୧୧ (ନି.ପ୍ର): ନୀଳଗିରି କୁଳଡିହା ଅଭୟାରଣ୍ୟରୁ ପୁଣି ୪ ଶିକାରୀ ଗିରଫ। ଝରଣାଘାଟି ସେକ୍ସନ ପୁରୁଣାପାଣି ବିଟ୍ ଅହିରାଜବାଙ୍କ ଛକ ଫାୟର ଲାଇନ୍ ଅଞ୍ଚଳରେ ବନବିଭାଗ ଦ୍ୱାରା ଖଞ୍ଜା ଯାଇଥିବା ଗୋଟିଏ ଟ୍ରାପ କ୍ୟାମେରାରେ କଏଦ ହୋଇଥିବା ଚିତ୍ର ଅନୁଯାୟୀ ଗତ ଅକ୍ଟୋବର ୩୧ ତାରିଖ ଅପରାହ୍ନ ୩.୨୬ରେ ମୟୂରଭଞ୍ଜର ଜିଲା କପ୍ତିପଦା ଥାନା ଅଧିନସ୍ଥ ମାଙ୍କଡପଡା ପଦାଘାଟ ଚେମଟଟା ଲୋଧାସାହି ଗ୍ରାମର ଅଭିଯୁକ୍ତ ରାବଣ କଟୁଆଳ( ୧୯), ମହାଦେବ କଟୁଆଳ (୨୦), ଶଙ୍କର ନାୟକ (୧୯) ପକୋ କାଟୁଆଳ( ୨୦) କୁଳଡିହା ରେଞ୍ଜ ରେ ଜନ୍ତୁଶିକାର ଉଦ୍ଦେଶ୍ୟରେ ପଶିଥିଲେ।କାଳେ ଟ୍ରାକିଂ କ୍ୟାମେରାରେ ଶିକାରୀଙ୍କ ଫଟୋ ରହିଯିବ ଧରାପଡିଯିବେ ଭାବି ଚାରୋଟି ଟ୍ରାକିଂ କ୍ୟାମେରାକୁ ଭାଙ୍ଗି ନେଇଆସିଥିଲେ। ସେଥିରୁ ଦୁଇଟିକୁ ପୋଖରୀକୁ ଫିଙ୍ଗି ଦେଇଥିବାବେଳେ ଦୁଇଟି ଭଗ୍ନ କ୍ୟାମେରାକୁ ମାଟିତଳେ ପୋତି ଲୁଚାଇ ରଖିଥିଲେ। ବନବିଭାଗର ରୁଟିନ ଚେକ ସମୟରେ ଘଟଣା ଜଣାପଡିବା ପରେ ସେମାନଙ୍କ ସନ୍ଧାନରେଥିଲେ। ପରେ ସେମାନଙ୍କର ନିର୍ଦ୍ଦିଷ୍ଟ ପରିଚୟ ପାଇବା ପରେ ସୋମବାର ଭୋର ୫ଟା ସମୟରେ କୁଳଡ଼ିହା ବନବିଭାଗ ଓ ବରହମପୁର ପୋଲିସ ସହଯୋଗରେ ଏହି ଚାରିଜଣ ଶିକାରୀଙ୍କୁ ତାଙ୍କ ଘରୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଗୁଳି ଭର୍ତ୍ତି ୩ଦେଶୀବନ୍ଧୁକ ସମେତ ଦୁଇଟି ଭଗ୍ନ ଏ.ଆଇ କ୍ୟାମେରା କୁ ଜବତ କରି ଉପଧାରା (୪୯)ବି ଅନୁଯାୟୀ କୁଳଡିହା ବନ୍ୟପ୍ରାଣୀ ରେଞ୍ଜ ଓ.ଆର. ମାମଲା ନଂ. ୧୧କେ ୨୦୨୫-୨୬ ର ଅଧିକ ତଦନ୍ତ କରିବା ସହ ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁଯାୟୀ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ବର୍ଦ୍ଧିତ ଭତ୍ତାକୁ ଅପେକ୍ଷା କରିଛନ୍ତି ୨୩୮ ଆବେଦନକାରୀ

ଖଇରା, ୩/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ସାମାଜିକ ନିରାପତ୍ତା ଯୋଜନାରେ ବୁଢୀବୁଢାଙ୍କର ଦୈନିକ ଖର୍ଚ୍ଚ ଭରଣା ପାଇଁ ସରକାର ଭତ୍ତା ପ୍ରଦାନ କରାଯାଉଛି । ସ୍ୱତନ୍ତ୍ର ଭାବେ ୮୦ ବର୍ଷ ଅତିକ୍ରମ କରିଥିବା ବୁଢୀବୁଢା ଓ ୮୦ ପ୍ରତିଶତ କିମ୍ବା ତଦୁର୍ଦ୍ଧ ଦିବ୍ୟାଙ୍ଗ ମାନଙ୍କ ପାଇଁ ସରକାର ୩ହଜାର ୫ଶହ ବର୍ଦ୍ଧିତ ଭତ୍ତାର ବ୍ୟବସ୍ଥା କରିଛନ୍ତି । ଖଇରା ବ୍ଲକରେ ଏହିଭଳି ବର୍ଗରେ ୨୩୮ ହିତାଧିକାରୀ ଥିବା ବେଳେ ଘୋଷଣା ପରଠାରୁ ଏହି ସୁବିଧା ପାଇଁ ଚାତକଭଳି ଚାହିଁ ବସିଛନ୍ତି । ସରକାର ଏ ସବୁ ବିଷୟକୁ ବିଚାରକୁ ନେଇ ହିତାଧିକାରୀ ମାନଙ୍କୁ ଯଥାଶୀଘ୍ର ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଦାବି ହୋଇଛି ।



ରାଜ୍ୟରେ ମୋହନ ମାଝୀଙ୍କ ସରକାର ଆସିବା ପରେ ୮୦ ଓ ତୁଦୁର୍ଦ୍ଧ ବୟସର ବୁଢୀବୁଢା ଓ ବିଧବା ଏବଂ ୮୦ଏବଂ ତାଠାରୁ ଅଧିକ ପ୍ରତିଶତର ଭିନ୍ନକ୍ଷମ ମାନଙ୍କୁ ୩ ହଜାର ୫ଶହ କରି ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଘୋଷଣା କରିଥିଲେ । ଏବେ ଖଇରା ବ୍ଲକରେ ଏହି ବର୍ଗରେ ୧୬୧ ବୁଢୀବୁଢା ଓ ବିଧବା ଏବଂ ୭୭ଜଣ ଦିବ୍ୟାଙ୍ଗ ବର୍ଦ୍ଧିତ ଭତ୍ତା ପାଇଁ ଆବେଦନ କରିସାରିଛନ୍ତି । ବିଭିନ୍ନ ପଞ୍ଚାୟତ ମଧ୍ୟରେ ଅଚ୍ୟୁତପୁରରେ ୧୧, ଅନ୍ତରାରେ ୪, ଅମରିଆ-ଅଗ୍ନିପୁରରେ ୧୮, ବଡ ଜୟିପୁରରେ ୭, ବଡନୁଆଗାଁରେ ୭, ବରଦାରେ ୫, ବର୍ତ୍ତନାରେ ୩, ବାଉଁଶ ଗଡିଆରେ ୩, ଡଗରପଡାରେ୬, ଡାଲଙ୍ଗରେ ୧୪, ଡୁଙ୍ଗୁରାରେ ୬, ଗଡ ପୋଖରୀରେ ୮, ଗଗନ ଧୁଳୀରେ ୧୧, ଗରସଙ୍ଗରେ ୮ ,ଗୋଳିହାରେ ୭, ଗୋବିନ୍ଦପୁରରେ ୬, ହରିପୁରରେ ୩, ଜଳଦାରେ ୩, ଝିଙ୍କିରିଆରେ ୮, କଇଥ ଗଡିଆରେ ୪, କୁପାରୀରେ ୩, କରୁଣ୍ଡାରେ ୨୩, ମହତୀପୁରରେ ୧୦, ମାଖନପୁରରେ ୮, ମାଣିତ୍ରୀରେ ୫, ନହଙ୍ଗରେ ୧, ନନ୍ଦୁରରେ ୧, ପଳସାରେ ୩, ରପେୟାରେ ୫, ସାରଡାଙ୍ଗରେ ୭, ସାରକୋଣା ୫, ସାରୁଗାଁ ୭, ଶ୍ୟାମସୁନ୍ଦରପୁର ୪, ସୁଣ୍ଡିରା ୬, ଖଇରା ୫, ନୟାଖଣ୍ଡି ୨, ରଟିଣାରେ ଜଣଙ୍କ ନାମ ଭତ୍ତାତାଲିକାରେ ରହିଥିବା ଜଣାଯାଇଛି । ଏ ସମ୍ପର୍କରେ ବିଡିଓ ନାରାୟଣ ସାହୁଙ୍କୁ ପଚାରିବା ପରେ ୧ମାସ ମଧ୍ୟରେ ସମସ୍ତଙ୍କୁ ଏହି ବର୍ଦ୍ଧିତ ଭତ୍ତା ମିଳିଯିବ ବୋଲି କହିଛନ୍ତି ।

# ଶ୍ରୀ ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ

ବାଲେଶ୍ୱର, ୩/୧୧ (ନି.ପ୍ର): ବାଲେଶ୍ୱର ଟାଉନ ମୋତିଗଞ୍ଜ ବଜାର ସ୍ଥିତ ଶ୍ରୀ ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟ ରେ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାକୁ ବରିଷ୍ଠ ଅବସର ପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ଲୋପାମୁଦ୍ରା ପଟ୍ଟନାୟକ ଉଦଘାଟନ କରିଥିଲେ । ସେ ତାଙ୍କ ବକ୍ତବ୍ୟ ରେ




କହିଥିଲେ ଏମିତି ବିଜ୍ଞାନ ମେଳା ନୂତନ ପ୍ରତିଭା ସୃଷ୍ଟି କରେ । ସିଆର ସି ଶ୍ରୀମତୀ ସରିତା ଦିବେଦୀ ଓ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମଧୁସ୍ମିତା ନାୟକ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ବାର୍ଷିକ ବିଜ୍ଞାନ ମେଳାକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ ।

# ପୋଖରୀକୁ ମାଛ ଧରିବାକୁ ଯାଇ ପାଣିରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

ବେତନଟୀ, ୩/୧୧ (ନି.ପ୍ର): ପୋଖରୀକୁ ମାଛ ଧରିବାକୁ ଯାଇ ପାଣିରେ ବୁଡି ଜନୈକ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ମୋରଡା ବ୍ଲକ ତଥା ବଡଜାମବଣି ଫାଣ୍ଡି ଅଧୀନ ଦାନ୍ତିଆମୁହାଁ ଗ୍ରାମର ୬୫ବର୍ଷ ବୟସ୍କ ବୃଦ୍ଧ ବାଣୁଆ ସିଂ ଗାଁ ନିକଟସ୍ଥ ପୋଖରୀକୁ ସୋମବାର ଦିନ ମାଛ ଧରିବାକୁ ଯାଇଥିବା ବେଳେ ଗଭୀର ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ସେହି ପୋଖରୀକୁ ଗାଧୋଇବାକୁ ଯାଇ ତାଙ୍କ ମୃତ ଦେହ ପାଣିରେ ଭାସୁଥିବା ଦେଖି ତାଙ୍କୁ ପାଣି ଭିତରୁ ଉଦ୍ଧାର କରିଥିଲେ ଏବଂ ତାଙ୍କ ପରିବାରକୁ ଖବର ଦେଇଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା। ବଡ଼ଜାମବଣି ଫାଣ୍ଡି ଅଧିକାରୀ ଭାବଗ୍ରାହୀ ମହାନ୍ତ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ବେତନଟୀ ଥାନାରେ ୫୬ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର ଏମଏମ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିବା ସୂଚନା ମିଳିଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida